ଶବାରିଆମାନେ ଶବାରି ଉଠାଇବାକୁ ଯାଉଥିଲେ, ନୂଆବୋହୂଟି ତା ଭିତରୁ ଓହ୍ଲେଇ ଆସିଲା । ବରକୁ କହିଲା, "ମୁଁ କୁଆଡ଼େ ଯିବି ? ତୁମେ ଶପଥ କରି କହିଥିଲ ଯେ ଯଦି ସେ ମୋତେ ପାହାଡ଼ତଳୁ ପାଣି ଆଣି ପିଆଇପାରିବେ ତାହାହେଲେ ସେ ମୋତେ ବାହାହେବେ । ତୁମେ ମୋତେ ତାଙ୍କ ହାତରେ ଦେବ । ଯୋଉ ମୁହୂର୍ତ୍ତରେ ସେ ପାଣି ଆଣି ମୋତେ ପିଆଇଲେ ସେହି ମୁହୂର୍ତ୍ତରେ ଧର୍ମତଃ ମୁଁ ତାଙ୍କର ପତ୍ନୀ, ସେ ମୋର ସ୍ୱାମୀ । ତୁମେ ତୁମ ରାସ୍ତାରେ ଯାଅ । ମୁଁ ମୋର ପରଲୋକଗତ ସ୍ୱାମୀଙ୍କ ଶବସଂସ୍କାର ସାରି ତାଙ୍କ ଘରକୁ ଯିବି । ମୁଁ ତାଙ୍କର ବିଧବା ପତ୍ନୀ ।"

ଏ କଥାଟିର ମୂଳ ଆବେଦନ କରୁଣା, ଯାହା ସାହିତ୍ୟର ମୂଳ ପ୍ରେରଣା ଏବଂ ମୌଳିକ ଆଭିମୁଖ୍ୟ । ମାଟି ପ୍ରତି ବର୍ଷାର ଅବଦାନ ଯାହା, ମଣିଷ ପ୍ରତି ସାହିତ୍ୟର ଆବେଦନ ସେଇଆ । ବର୍ଷାର ଭୂମିକା ସହ ସାହିତ୍ୟର ଭୂମିକା ସମାନ । ଯଦି ବର୍ଷା ନ ହୁଏ, ତାହାହେଲେ ସବୁଜିମା ସରିଯିବ, ଗଛଲତା, ଜୀବଜନ୍ତୁ ମରିଯିବେ । ଯଦି ସାହିତ୍ୟ ନ ରହିବ, ଆବେଗ, ଭାବପ୍ରବଣତା, ଆସ୍ଥା ସବୁ ମରିଯିବ । ମଣିଷ ସମାଜ ପୋଡ଼ାଭୂଇଁ ପାଲଟି ଯିବ ।

ସାହିତ୍ୟରେ ତ କରୁଣା ନିଶ୍ଚୟ ରହିଛି । ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ କରୁଣାର ଉପସ୍ଥିତି ଆମେ ଅଧିକ ନିବିଡ଼ ଭାବରେ ଅନୁଭବ କରିଥାଉ । ତ୍ୟାଗ, ମୁକ୍ତି ଓ କରୁଣା ଏହି ତିନିଟି ଉପାଦାନ ଓଡ଼ିଆ ସାହିତ୍ୟର ପ୍ରାଚୀନ କାଳରୁ ନେଇ ଆଧୁନିକ କାଳ ପର୍ଯ୍ୟନ୍ତ ସର୍ବତ୍ର ପରିଲକ୍ଷିତ । ତ୍ୟାଗର କଥା ଆମେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରୁ ପଢ଼ିଛନ୍ତି, ଯାହା ବିପ୍ର ନୀଳାମ୍ବର ଦାସଙ୍କ ବହିରେ ଲେଖା ଅଛି । ମୁକ୍ତିର ସହ କରୁଣାର କଥା ଅଛି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ"ରେ ଏବଂ ତ୍ୟାଗ ଓ କରୁଣାର କଥା ଅଛି ଭୀମଭୋଇଙ୍କର "ସ୍ତୁତି ଚିନ୍ତାମଣି" ରେ । ଏ କାବ୍ୟଗୁଡ଼ିକ ସଂପର୍କରେ ଅଧିକ ଆଲୋଚନା ନିଷ୍ପ୍ରୟୋଜନ । କାରଣ ଏଗୁଡ଼ିକ ଆମର ସାମୁହିକ ସ୍ମୃତିରେ ଚିର ଦେଦୀପ୍ୟମାନ ।

ତେବେ କେବଳ ସାହିତ୍ୟ ନୁହେଁ, ଓଡ଼ିଶାର ସମାଜ ଜୀବନରେ ଏହି କରୁଣାର ଅନୁଭବ ବେଶ୍ ନିବିଡ଼ । ସମଗ୍ର ଭାରତରେ ଓଡ଼ିଶା ଏଭଳି ଗୋଟିଏ ରାଜ୍ୟ ଯେଉଁଠି ସର୍ବଧର୍ମର ସମନ୍ୱିତ ରୂପ ଦେଖିବାକୁ ମିଳିଥାଏ । ଏଠାରେ ବ୍ରାହ୍ମଣ୍ୟ, ଶୈବ, ଶାକ୍ତ, ଦ୍ରାବିଡ଼, ବୌଦ୍ଧ ଇତ୍ୟାଦି ଧର୍ମର ସମନ୍ୱୟ ଆମେ ଦେଖୁ ଯାହାର ବଡ଼ ପ୍ରମାଣ ଶ୍ରୀଜଗନ୍ନାଥ ସଂସ୍କୃତି । ଓଡ଼ିଶାର ସମାଜ ହିଂସା, ରକ୍ତପାତ, ସାଂପ୍ରଦାୟିକ ସଂଘର୍ଷ ପରି ବିଭାଜନ ତତ୍ତ୍ୱକୁ ସମର୍ଥନ କରେ ନାହିଁ । କାଁ ଭାଁ କୋଉଠି ଦେଖାଯାଉଥିବା ଘଟଣାଗୁଡ଼ିକୁ ସାମାଜିକ ନୁହେଁ ବରଂ ରାଜନୈତିକ ବିଲକ୍ଷଣ ବୋଲି କହିବା ଠିକ୍ ହେବ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଯେଉଁ ଉଗ୍ର ଜାତିଆଣବାଦ ଦେଖାଯାଏ ତାହା ଓଡ଼ିଶାରେ ଖୋଜିଲେ ମଧ୍ୟ ମିଳିବ ନାହିଁ । ଆମର ସାମାଜିକ ଜୀବନରେ ଏହି ଉଦାର ଚିନ୍ତାଧାରାର ଉପସ୍ଥିତିର କାରଣ କଣ ? ଏହାର କାରଣ ହେଉଛି, ଓଡ଼ିଶାର ସାଂସ୍କୃତିକ ଜୀବନର ଅନ୍ତଃସ୍ରୋତ ହେଉଛି ବୌଦ୍ଧଧର୍ମ, ଯାହା କରୁଣାକୁ ଅଗ୍ରପ୍ରାଧାନ୍ୟ ଦେଇଥାଏ ।

ଭାରତବର୍ଷର ବହୁ ଗବେଷକ ଏ ସମ୍ବନ୍ଧରେ ଚିନ୍ତାକରି ବିସ୍ମୟ ବ୍ୟକ୍ତ କରନ୍ତି, ଓଡ଼ିଶା ଏହି ସହନଶୀଳତାର ମନ୍ତ୍ର କିଭଳି ଶିକ୍ଷା କଲା ! ଏଠାରେ ଦାରିଦ୍ର୍ୟ ଅଛି, ଅନଗ୍ରସରତା ଅଛି । ଏହା ସତ୍ତ୍ୱେ ଅସହିଷ୍ଣୁତା ନାହିଁ । ଓଡ଼ିଶାର ଲୋକମାନେ ଧନ ଅର୍ଜନ ଅପେକ୍ଷା ଧର୍ମ ଅର୍ଜନକୁ ଅଧିକ ପ୍ରାଧାନ୍ୟ ଦେଇଆସିଛନ୍ତି, ଯେଉଁଥିପାଇଁ ବାହାରର ଲୋକେ ମନ୍ତବ୍ୟ ଦିଅନ୍ତି ଯେ ଓଡ଼ିଆମାନେ ଉଚ୍ଚାଭିଳାଷୀ ନୁହନ୍ତି । ଏ ମନ୍ତବ୍ୟ କେବଳ ଆଜିର ନୁହେଁ, ୧୯୦୭ରେ ପ୍ରକାଶିତ ବାଲେଶ୍ୱର ଗେଜେଟିଅରରେ ବିଟିଶ ପ୍ରଶାସକ ଏଲ୍.ଏସ୍.ଏସ୍ ଓ ମାଲେ ଏହିକଥା ଉଲ୍ଲେଖ କରିଥିଲେ । ସେ ଲେଖିଥିଲେ, "ଓଡ଼ିଆମାନେ ଧନ ଅର୍ଜନର ମୁଷାଦୌଡ଼ରେ ନ ଥାନ୍ତି ଏବଂ ସେମାନଙ୍କଠାରେ ଉପରକୁ ଉଠିବାର ସେ ଧରଣର ଉଚ୍ଚାଭିଳାଷ ଦେଖିବାକୁ ମିଳେ ନାହିଁ । ସେଥିପାଇଁ ସେମାନଙ୍କୁ ଅଳସୁଆ, ଭାଗ୍ୟବାଦୀ ଏବଂ ଅଭିଳାଷହୀନ ବୋଲି ମନ୍ତବ୍ୟ ଶୁଣିବାକୁ ପଡ଼ିଥାଏ ।" ଡକ୍ଟର ମାୟାଧର ମାନସିଂହ ଓଡ଼ିଆମାନଙ୍କର ଚରିତ୍ରର ଏହି ବୈଶିଷ୍ଟ୍ୟ ସମ୍ବନ୍ଧରେ ମନ୍ତବ୍ୟ ଦେବାକୁ ଯାଇ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଲେଖିଛନ୍ତି, "ସବୁ ପ୍ରକାର ପରିବର୍ତ୍ତନ ସତ୍ତ୍ୱେ ଓଡ଼ିଶାର ମଞ୍ଜି ମୂଳତଃ ବୌଦ୍ଧଧର୍ମୀୟ ହୋଇ ରହିଆସିଛି । ପ୍ରାୟ ଏକହଜାର ବର୍ଷ ଧରି ବୌଦ୍ଧଧର୍ମ ଓଡ଼ିଶାର ପ୍ରମୁଖ ଧର୍ମ ହୋଇ ରହିଥିଲା ଏବଂ ସେହି ଧର୍ମର ମହାଯାନୀ ମାର୍ଗର ତତ୍ତ୍ୱ ପରବର୍ତ୍ତୀ

ସମୟରେ ନାଥଯୋଗୀମାନଙ୍କୀର ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ ମାଧମରେ ପ୍ରକଟିତ ହୋଇଛି । ଭିନ୍ନ ଭିନ୍ନ ସମୟରେ ଅଲଗା ଅଲଗା ଧର୍ମ ରାଜପୃଷ୍ଠପୋଷକତା ଲାଭ କରିଥିଲେ ମଧ୍ୟ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ନେଇ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧଧର୍ମ ସେଗୁଡ଼ିକୁ ପ୍ରଭାବିତ କରିଆସିଛି । ଏହି ଧର୍ମର ମୂଳ ଉପାଦାନ କରୁଣା, ତ୍ୟାଗ ଏବଂ ମୁକ୍ତି ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରିବା ତେଣୁ ଆଶ୍ଚର୍ଯ୍ୟକର ନୁହେଁ ।

ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଭାବ ସାହିତ୍ୟ ଭିନ୍ନ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ । ଗୋଟିଏ ସମୟରେ ଓଡ଼ିଶା ବୌଦ୍ଧଧର୍ମର ତିନି ଶାଖା ହୀନଯାନ, ମହାଯାନ ଏବଂ ବଜ୍ରଜାନ ବା ସହଜଯାନର ଗୁରୁତ୍ୱପୂର୍ଣ୍ଣ ପୀଠ ଥିଲା । ଭୌମକର ରାଜାମାନଙ୍କର ପୃଷ୍ଠପୋଷକତାରେ ବୌଦ୍ଧଧର୍ମ ରାଜଧର୍ମର ମାନ୍ୟତା ଲାଭ କରିଥିଲା । ଆଜି ଓଡ଼ିଶାର ଗ୍ରାମ୍ୟ ଜୀବନର ଅପସୃତ ହୋଇଯାଉଥିବା "ଚକୁଳିଆପଣ୍ଡା' ପୁରୁଣା ବୌଦ୍ଧଧର୍ମର ସ୍ମାରକ ବୋଲି ଗବେଷକମାନେ କହିଛନ୍ତି । ସେମାନେ କୌଣସି ନିର୍ଦ୍ଦିଷ୍ଟ ଗୃହକୁ ଆସନ୍ତି ନାହିଁ କି କାହାରି ଦ୍ୱାରଦେଶରେ ବସିରହନ୍ତି ନାହିଁ । ମାଣିଆବନ୍ଧରେ ଥିବା ବୁଣାକାରମାନେ ଆଜି ବି ସେମାନେ ବୌଦ୍ଧଧର୍ମର ଅନୁଗାମୀ ବୋଲି କହିଥାନ୍ତି । ବିଖ୍ୟାତ ଗବେଷକ ଡକ୍ଟର ଏନ୍. ଏଚ୍. ବାସୁ ପୁଣି କହିଛନ୍ତି, "ଓଡ଼ିଶାର ପ୍ରସିଦ୍ଧି ମହିମାଧର୍ମ ବୌଦ୍ଧଧର୍ମର ଶୂନ୍ୟବାଦରୁ ପ୍ରେରଣା ନେଇଅଛି। ଓଡ଼ିଶାର ବହୁ ସ୍ଥାନ ନାମରେ ଆମେ ବୌଦ୍ଧଧର୍ମର ପ୍ରଭାବ ଦେଖୁ । "ଗୀତଗୋବିନ୍ଦ"ରେ ବିଷ୍ଣୁଙ୍କର ଅନ୍ୟତମ ଅବତାର ବୁଦ୍ଧ ଅବତାର ବୋଲି ଦ୍ୱାଦଶ ଶତାବ୍ଦୀର କବି ଜୟଦେବ ଲେଖିଯାଇଛନ୍ତି । ସୁତରାଂ ବୌଦ୍ଧଧର୍ମ ଓ ବୌଦ୍ଧ ଦର୍ଶନର ପ୍ରଭାବ ଓଡ଼ିଶାର ସାମାଜିକ ଜୀବନରେ ପରିଲକ୍ଷିତ ହେବା ଏବଂ ଏହି ଧର୍ମ ଓଡ଼ିଶାର ଜୀବନଧାରାକୁ ପ୍ରଭାବିତ କରିବା ସ୍ୱାଭାବିକ କଥା ।

କେବଳ ଓଡ଼ିଆ ସାହିତ୍ୟ ନୁହେଁ, ସାମଗ୍ରିକ ଭାବରେ ସାହିତ୍ୟର ମୂଳମଞ୍ଜି ହେଉଛି କରୁଣା, ତ୍ୟାଗ ଓ ପ୍ରେମ । ଏହା ଭିତରୁ କରୁଣା ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।

ଭାଗବତରେ ସନ୍ନିବେଶିତ ବହୁ ସମ୍ବାଦ ବା କଥୋପକଥନ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ହେଉଛି ରାଜା ଯଦୁ ଏବଂ ଅବଧୂତ ଦତ୍ତାତ୍ରେୟଙ୍କର ଆଲୋଚନା । ରାଜା ଯଦୁ ହେଉଛନ୍ତି ଯଯାତି ଏବଂ ଦେବଯାନୀଙ୍କର ପୁତ୍ର । ଶୁକ୍ରାଚାର୍ଯ୍ୟଙ୍କର ଅଭିଶାପରେ ନିଜ ଯୌବନ ଓ ତନୁକାନ୍ତି ହରେଇ ଅସମୟରେ ବୃଦ୍ଧ ହୋଇପଡ଼ିଥିବା ରାଜା ଯଯାତି ପ୍ରଥମେ ତାଙ୍କ ପୁଅ ଯଦୁଙ୍କୁ ତାଙ୍କର ବୟସ ମାଗିଥିଲେ, ମାତ୍ର ଯଦୁ ତାହା ଦେଇ ନ ଥିଲେ। ଏହାପରେ ଶର୍ମିଷ୍ଠାଙ୍କ ଗର୍ଭରୁ ଜନ୍ମ ତାଙ୍କର ଅନ୍ୟ ପୁତ୍ର ପୁରୁଙ୍କୁ ସେ ତାଙ୍କ ଯୌବନ ମାଗିବାରୁ ସେ ପିତା ଯଯାତିଙ୍କୁ ତାହା ଦେଇ ବାର୍ଦ୍ଧକ୍ୟ ବରଣ କରି ନେଇଥିଲେ । ଆନନ୍ଦିତ ଯଯାତି ପୁତ୍ର ପୁରୁଙ୍କୁ ତାଙ୍କ ରାଜ୍ୟ ଓ ସିଂହାସନ ଉପହାର ଦେବା ସହ ଯଦୁଙ୍କୁ ତାଙ୍କ ଭାଗରୁ ଉଚ୍ଛେଦ କରିଥିଲେ । ଏହି ଘଟଣା ରାଜା ଯଦୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଏହିଭଳି ବିକ୍ଷୁବ୍ଧ ମନ ନେଇ ରାଜା ଯଦୁ ଅରଣ୍ୟରେ ଭ୍ରମଣ କରୁଥିବାବେଳେ ଦିନେ ତାଙ୍କର ତରୁଣ ଦତ୍ତାତ୍ରେୟଙ୍କ ସହ ଦେଖା ହୋଇଥିଲା - ଯିଏ ତ୍ୟାଗ, ପ୍ରେମ ଓ କରୁଣାର ମୂର୍ତ୍ତିମନ୍ତ ଅବତାର ଥିଲେ । ନିଜ ପାଖେ କୌଣସି ପ୍ରକାର ଆଭୂଷଣ, ବାସଗୃହ ବା ଉପାର୍ଜନ ନ ଥାଇ ସୁଦ୍ଧା ଜଣେ ଅବଧୂତ ଏତେ ପ୍ରସନ୍ନ କିପରି ରହିଛନ୍ତି ତାହା ରାଜା ଯଦୁଙ୍କୁ ବିସ୍ମିତ କରିଥିଲା । ସେ ଦତ୍ତାତ୍ରେୟଙ୍କୁ ପଚାରିଥିଲେ, "ଆପଣ କିଏ ? ଆପଣ ଏତେ ପ୍ରସନ୍ନ ରହୁଛନ୍ତି କିପରି ? ଆପଣଙ୍କର ଗୁରୁଙ୍କ ନାମ କଣ " ଦତ୍ତାତ୍ରେୟ ନିଜ ପରିଚୟ ଦେଇ କହିଥିଲେ, "ମୋର ଆତ୍ମା ହିଁ ମୋର ଗୁରୁ। ଏହା ସତ୍ତ୍ୱେ ମୋର ଜଣେ କି ଦି ଜଣ ନୁହେଁ, ଚବିଶ ଜଣ ଗୁରୁ ଅଛନ୍ତି ।" ଅବଧୂତଙ୍କର ଏହି ଚବିଶ ଗୁରୁଙ୍କ କଥା ଭାଗବତରେ ଲେଖାଯାଇଛି (ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ - ଏକାଦଶ ସ୍କନ୍ଧ - ଅଷ୍ଟମ ଅଧ୍ୟାୟ) । ସେମାନେ ହେଲେ ପୃଥିବୀ, ପବନ, ଅନଳ, ସମୁଦ୍ର, ଅଗ୍ନି, ଆକାଶ, ଚନ୍ଦ୍ର, ସୂର୍ଯ୍ୟ, କପୋତ, ଅଜଗର, ମହୁମାଛି, ହାତୀ, ହରିଣ, ମତ୍ସ୍ୟ,

ନର୍ତ୍ତକୀ, ପିଙ୍ଗଳା, ପତଙ୍ଗ, ଶିଶୁ, ଯୁବତୀ, ସର୍ପ, ବୁଢ଼ିଆଣୀ ଏବଂ ପେଶସ୍ତାରୀ ପୋକ ପ୍ରଭୃତି । ଏହି ଚବିଶ ଗୁରୁ ଯାହାର ପ୍ରତିନିଧିତ୍ୱ କରନ୍ତି ତାହା ଗୋଟିଏ ଶବ୍ଦ ହେବ ପ୍ରକୃତି । ପ୍ରକୃତି ହିଁ ମଣିଷର ଶିକ୍ଷକ, ତାର ଗୁରୁ । ଅବଧୂତଙ୍କର ଏହି ଚବିଶ ଗୁରୁଙ୍କ ସହିତ ଆଉ ଯାହା ଉପରେ ଭାଗବତ ସର୍ବାଧିକ ଗୁରୁତ୍ୱ ଦେଇଛି ତାହା ହେଉଛି ବୃକ୍ଷ । ବୃକ୍ଷକୁ ଭାରତୀୟ ଦର୍ଶନରେ କେତେ ଗୁରୁତ୍ୱ ଦିଆଯାଇଛି ତାହା ଏହି ଉଦାହରଣରୁ ଜାଣିପାରିବେ । ସଂସ୍କୃତ ସାହିତ୍ୟରେ ଦର୍ଶାଯାଇଛି ୧୦ଟି କୂଅଠାରୁ ଉତ୍ତମ ଗୋଟିଏ ପୋଖରୀ ଖୋଳିବା, ୧୦ଟି ପୋଖରୀରୁ ପୁଣ୍ୟବାନ ଗୋଟିଏ ବୃହତ୍ ଜଳାଶୟ, ୧୦ ଜଳାଶୟରୁ ଭଲ ଗୋଟିଏ ଉତ୍ତମ ସନ୍ତାନ ; ମାତ୍ର ୧୦ ଉତ୍ତମ ସନ୍ତାନଙ୍କଠାରୁ ପୁଣ୍ୟକର୍ମ ଗୋଟିଏ ଗଛ ଲଗାଇବା । ଗଛକୁ ଏଭଳି ଗୁରୁତ୍ୱ ଦେବାର କାରଣ ହେଉଛି - ଗଛ ହିଁ ପ୍ରେମ, କରୁଣା ଓ ତ୍ୟାଗର ଆଦର୍ଶ ଉଦାହରଣ । ସେଥିପାଇଁ ଭାରତୀୟ ସାହିତ୍ୟରେ ଗଛର ଗୁରୁତ୍ୱ ଏତେ ବେଶି । ବଟ-ଅଶ୍ୱତ୍ଥ ହେଉ କି କଦମ୍ବ, ନିମ୍ବ ହେଉ କି ନାରିକେଳ । ବୃକ୍ଷର ଦୟାଶୀଳତା ନେଇ ଭାରତୀୟ ଲୋକ ସାହିତ୍ୟରେ ଅନେକ କଥା ରହିଛି । ଗୋଟେ ରାଜ୍ୟର ରାଜା ଥରେ ଅରଣ୍ୟରେ ଘୁରୁଥିବା ବେଳେ ଏକ ବିଶାଳ ବୃକ୍ଷ ଦେଖିଲେ । ତାହାର ଗୋଲେଇ ବିରାଟ । ରାଜା ତହିଁରେ ନିଜର ପଲଙ୍କ ନିର୍ମାଣ ନିମନ୍ତେ ଆଗ୍ରହୀ ହୋଇ ପରଦିନ ତାହା କାଟିନେବା ଲାଗି ତାଙ୍କ ଅନୁଚରମାନଙ୍କୁ ନିର୍ଦ୍ଦେଶ ଦେଲେ । ପରଦିନ

ରାଜାଙ୍କ ଲୋକେ ଯାଇ ପହଞ୍ଚିବାରୁ ଗଛଟି ମଣିଷ ସ୍ୱରରେ କହିଲା- ଦୟାକରି ଆଜି ମୋତେ ମୂଳରୁ କାଟନ୍ତୁ ନାହିଁ । ଆଗେ ମୋର କିଛି ଡାଳ କାଟି ଦିଅନ୍ତୁ, ଆର ସପ୍ତାହରେ ଶାଖାଗୁଡ଼ିକ କାଟିଦେବେ ଏବଂ ଶେଷକୁ ମୋର ଗଣ୍ଡିଟାକୁ କାଟି ବୋହିନେବେ । ରାଜକର୍ମଚାରୀମାନେ ଗଛ ମଣିଷ ସ୍ୱରରେ ଗଛ କଥା କହୁଥିବା ଶୁଣି ଯେତିକି ଆଶ୍ଚର୍ଯ୍ୟ ହେଲେ, ଗଛଟାକୁ ଥରକରେ ନ କାଟି ଥାକ ଥାକରେ କାଟିବାର ପ୍ରସ୍ତାବ ଶୁଣି ଅଧିକ ଆଶ୍ଚର୍ଯ୍ୟ ହେଲେ । ସେମାନେ ପଚାରିଲେ, "ଏ ଅବସ୍ଥାରେ ତ ତୁମକୁ ବେଶି କଷ୍ଟ ହେବ । ବରଂ ମୂଳରୁ କାଟିଦେଲେ ଥରକରେ ତୁମ କଷ୍ଟ ସରିଯିବ ।"

ଗଛ ଉତ୍ତର ଦେଲା, "ତାହା ଠିକ୍, ମାତ୍ର ମୁଁ ଏଠି ବହୁବର୍ଷ ହେଲା ବଢ଼ିଥିବାରୁ ମୋ ଡାଳରେ ଅନେକ ଚଢ଼େଇ ବସା ବାନ୍ଧି ରହିଛନ୍ତି । ହଠାତ୍ ଆଜି ମୂଳରୁ କାଟିଦେଲେ ସେମାନଙ୍କ ଘର ଉଜୁଡ଼ିଯିବ । ତେଣୁ ଆଜି କେବଳ କିଛି ଡାଳପତ୍ର କାଟିନେଲେ ସେମାନେ ଜାଣିବେ ମୋର ବିନାଶ ଆସନ୍ନ । ବିକଳ୍ପ ସନ୍ଧାନ କରି ସେମାନେ ପଳେଇବେ । ସେମିତି କିଛି ପଶୁ ଓ ପଥଚାରୀ ମୋ ମୂଳରେ ଆସି ବିଶ୍ରାମ ନିଅନ୍ତି । ସେମାନଙ୍କୁ ମଧ୍ୟ ପୂର୍ବ ସୂଚନା ମିଳିବା ଦରକାର । ହଠାତ୍ ମୁଣ୍ଡ ଉପରୁ ଆଶ୍ରୟ ହଟିଗଲେ ପ୍ରାଣୀ ବିପନ୍ନ ବୋଧ କରେ ।" ରାଜକର୍ମଚାରୀମାନେ ଏକଥା ଯାଇ ରାଜାଙ୍କୁ କହିଲେ । ରାଜା ଥିଲେ ବୁଦ୍ଧିମାନ । ସିଏ ଜାଣିଲେ ଏ ସାଧାରଣ ଗଛ ନୁହେଁ । ପରଦିନ ସେ ନିଜେ ଆସି ପହଞ୍ଚିଲେ ଓ ପ୍ରତିଶ୍ରୁତି ଦେଲେ ଏହି ଗଛ କଟାଯିବ ନାହିଁ ।

ଗୋଟିଏ ଗଛର ଇଏ ଥିଲା କରୁଣା । ଜନ୍ମରୁ ମୃତ୍ୟୁ ଯାଏ ଗଛ ଦେଇଚାଲେ । ଆଘାତ ପାଇ ସୁଦ୍ଧା ଫଳ ଦିଏ, ଛାଇ ଦିଏ, ଫୁଲ ଦିଏ । ସେ ସଭିଙ୍କୁ ଭଲପାଏ, ନିଃସର୍ତ ଭଲପାଏ । ତାହାର କରୁଣାର ସୀମା ନାହିଁ ।

ସୁଧୀବର୍ଗ ! ଆଦ୍ୟାଳଙ୍ଖର ଭାରତୀୟ ସାହିତ୍ୟ ପ୍ରେମର ପ୍ରସ୍ତାବନା, କରୁଣାର କାବ୍ୟ-ପଂକ୍ତି । ତମସା ନଦୀ କୂଳରେ ପରସ୍ପରକୁ ପ୍ରେମ କରୁଥିବା ଅବସ୍ଥାରେ ଦୁଇ କ୍ରୌଞ୍ଚ ପକ୍ଷୀଙ୍କ ଭିତରୁ ପୁରୁଷ ପକ୍ଷୀ ଶବରର ଶରାଘାତରେ ମୃତ୍ୟୁ ଭୋଗେ । ଏହାପରେ ପକ୍ଷିଣୀର ବିଳାପ ମହାକବି ବାଲ୍ମୀକିଙ୍କ ହୃଦୟକୁ ମଥିତ କରେ । ସେ ଲେଖାନ୍ତି :-

"ମା ନିଷାଦ ପ୍ରତିଷ୍ଠା ତ୍ୱଂ ଅଗମଃ ଶାଶ୍ୱତୀ ସମା
ଯତ୍ କ୍ରୌଞ୍ଚ ମିଥୁନାତ୍ ଏକଂ ଅବଧିଃ କାମମୋହିତମ !"

ରେ ନିଷାଦ, ତୁ ଏହି ଯେଉଁ କର୍ମ କଲୁ, ତାହାଦ୍ୱାରା ତୋତେ କୌଣସି ପ୍ରତିଷ୍ଠା ମିଳିବ ନାହିଁ, ବରଂ ଯୁଗଯୁଗକୁ ନିନ୍ଦିତ ହେଉଥିବୁ ।

ଏହା କେବଳ ଶୋକର ଉଚ୍ଛ୍ୱାସ ନୁହେଁ । ଏହା କରୁଣାର କରୁଣ ଲିପି, ଏହା ପୁଣି ପ୍ରେମର ଜୟଗାନ । ସାହିତ୍ୟ ପ୍ରେମକୁ ଉତ୍ସବ ଭାବେ ଗ୍ରହଣ କରେ, ହିଂସାକୁ କିମ୍ବା ରକ୍ତପାତକୁ ନୁହେଁ । ତା ହୃଦୟର କରୁଣା ତାକୁ ଲେଖିବା ପାଇଁ ପ୍ରେରଣା ଦିଏ । ଭାରତୀୟ ସାହିତ୍ୟରେ ଗୌତମ ବୁଦ୍ଧଙ୍କ ସ୍ଥାନ ସ୍ୱତନ୍ତ୍ର । ଗୌତମ ବୁଦ୍ଧଙ୍କ ସମଗ୍ର ଜୀବନ ଜଣେ କରୁଣାମୟ ବ୍ୟକ୍ତିଙ୍କର ଜୀବନ । ତେଣୁ ତାଙ୍କୁ ବୁଦ୍ଧ କାରୁଣିକ ବୋଲି ସମ୍ବୋଧନ କରାଯାଇଥାଏ । ବୌଦ୍ଧ ସାହିତ୍ୟ - ତାହା ବୋଧିସତ୍ତ୍ୱଙ୍କ ଜାତକ କଥା ହେଉ କିମ୍ବା ଗୌତମ ବୁଦ୍ଧଙ୍କର ଜୀବନର ବିଭିନ୍ନ ବିବରଣୀ ତାହା କରୁଣା ଓ ତ୍ୟାଗର କଥା କହେ । ରାଜପୁତ୍ର ସିଦ୍ଧାର୍ଥ ଯଶୋଧାରାଙ୍କୁ ଭଲପାଇ, ଅନ୍ୟ ପ୍ରତିଦ୍ୱନ୍ଦ୍ୱିଙ୍କୁ ଅସ୍ତ୍ର ଯୁଦ୍ଧ ଏବଂ ଅଶ୍ୱାରୋହଣ ପ୍ରତିଯୋଗିତାରେ ପରାସ୍ତ କରି ବିବାହ କରିଥିଲେ । ସେ ଜଣେ ଦାୟିତ୍ୱସଂପନ୍ନ ରାଜପୁତ୍ର ଥିଲେ । ମାତ୍ର ମଣିଷ ଅବସ୍ଥାର ଅନୁଶୀଳନ, ତାର ଅର୍ଥହୀନତା, ତାର ସୀମାବଦ୍ଧତାର ଉପଲବ୍ଧି ତାଙ୍କୁ ଏଭଳି ପ୍ରଭାବିତ କରିଦେଲା ଯେ ସେ ସବୁକିଛି ତ୍ୟାଗ କରିଦେଲେ । ସିଏ ହିଁ ତ୍ୟାଗ କରିପାରନ୍ତି ଯିଏ ଭୋଗ କଣ ଜାଣିଥାଆନ୍ତି । ବୁଦ୍ଧଙ୍କର କରୁଣା ତାଙ୍କ ଜୀବନଗାଥାରେ ବିଭିନ୍ନ ସ୍ତରରେ ଚିତ୍ରିତ । ଶେଷକୁ ଶଢ଼ିଯାଇଥିବା ଶୂକର ମାଂସ ଖାଇ ସେ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ତାହା ତାଙ୍କ ମୃତ୍ୟୁର କାରଣ ହୋଇଥିଲା ବୋଲି ଗୋଟିଏ ସୂତ୍ର କହେ । ସେ ଏତେ ଦୟାବାନ୍ ଥିଲେ ଯେ ଗୃହସ୍ୱାମୀଙ୍କ ଆଗ୍ରହକୁ ଏଡ଼ାଇ ପାରିଲେ ନାହିଁ ।

ଭାରତୀୟ ସାହିତ୍ୟର ଦୁଇ ଅମୂଲ୍ୟ କୀର୍ତ୍ତି ରାମାୟଣ ଏବଂ ମହାଭାରତ । ଏ ଦୁଇ କୀର୍ତ୍ତି ଏତେ ଲୋକପ୍ରିୟ ଏବଂ ମହତ୍ତ୍ୱପୂର୍ଣ୍ଣ କାହିଁକି ? କାରଣ ଏ ଦୁଇ ମହାକାବ୍ୟ ଚିରନ୍ତନ ମୂଲ୍ୟବୋଧର କଥା କହିଛନ୍ତି - ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ପ୍ରେମ, କରୁଣା ଓ ତ୍ୟାଗ । ସୀତାଙ୍କର ଚରିତ୍ରରେ ସ୍ୱାମୀଙ୍କ ପ୍ରତି ଏକାନ୍ତିକ ପ୍ରେମ, ଶବରୀ ହାତରୁ କୋଳି ଖାଇବା ମୁହୂର୍ତ୍ତରେ ରାମଚନ୍ଦ୍ରଙ୍କର ଭକ୍ତ ପ୍ରତି କରୁଣା, ଅଗ୍ରଜଙ୍କ ସେବା ଦିଗରେ ଲକ୍ଷ୍ମଣଙ୍କର ଏବଂ ରାଜପଦ ପାଇବା ସତ୍ତ୍ୱେ ତାହାକୁ ତୁଚ୍ଛ ମଣିବାରେ ଅନୁଜ ଭରତଙ୍କର ତ୍ୟାଗ ଏବଂ ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା ଚରିତ୍ର ମାଧ୍ୟମରେ ଅପୂର୍ବ ପ୍ରେମ ଓ ତ୍ୟାଗର ଉଦାହରଣ ଶତାବ୍ଦୀ ଶତାବ୍ଦୀ ଧରି ଆମ ସମସ୍ତଙ୍କୁ ମୁଗ୍ଧ କରିଆସିଛି । ଉର୍ମିଳା ପ୍ରସଙ୍ଗ ପଢ଼ିବାବେଳେ ଆମେ ବିବ୍ରତ ହୋଇପଡୁ ଯେ କିଭଳି ଏହି ନାରୀ ଜଣକ ସ୍ୱାମୀ ଲକ୍ଷ୍ମଣଙ୍କର ଏକପାଖିଆ ନିଷ୍ପତ୍ତିକୁ ମଥାପାତି ଗ୍ରହଣ କରିନେଇଥିଲେ । ଭାରତୀୟ ପୁରାଣ ସାହିତ୍ୟର ଦକ୍ଷ- ଯଜ୍ଞ ଓ ଅଗ୍ନିରେ ଝାସ ଦେଇ ସତୀଙ୍କ ଆତ୍ମହତ୍ୟା ଯେପରି ଆମମାନଙ୍କୁ ବିଚଳିତ କରେ ମହାଦେବ ଶିବ ନିଜ ପତ୍ନୀଙ୍କ କବନ୍ଧକୁ କାନ୍ଧରେ ଧରି ତାଣ୍ଡବନୃତ୍ୟ କରିବା ଏହି ମହାଯୋଗୀଙ୍କର ପତ୍ନୀଙ୍କ ପ୍ରତି ଅବର୍ଣ୍ଣନୀୟ ପ୍ରେମର ପରାକାଷ୍ଠା ପ୍ରମାଣିତ କରେ । ବସ୍ତୁତଃ

ଶିବ ହେଉଛନ୍ତି ପ୍ରେମ, କରୁଣା ଓ ତ୍ୟାଗର ଉତ୍କୃଷ୍ଟ ଉଦାହରଣ । ସମୁଦ୍ର ମନ୍ଥନ ସମୟରେ ଯାହା କିଛି ଭଲ ଓ ମୂଲ୍ୟବାନ ବସ୍ତୁ ବାହାରିଥିଲା ତାହା ଇନ୍ଦ୍ର ଭୋଗ କରୁଥିଲେ । ଯଥା ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଘୋଡ଼ା ଇତ୍ୟାଦି ଇତ୍ୟାଦି । ମାତ୍ର ଶିବଙ୍କ ଭାଗରେ ପଡ଼ିଥିଲା ହଳାହଳ ବିଷ । ଇନ୍ଦ୍ରଙ୍କର ସବୁ ଦରକାର, ଶିବଙ୍କର କିଛି ଲୋଡ଼ା ନାହିଁ । ଅଥଚ ଶିବ ହିଁ ଗଙ୍ଗାବତରଣ ପାଇଁ ନିଜର ଜଟା ଖୋଲିଦିଅନ୍ତି, ବିଷପାନ ପାଇଁ ଶିବ ଆଞ୍ଜୁଳି ପାତି ଦିଅନ୍ତି । ସେଥିପାଇଁ ଇନ୍ଦ୍ର ନୁହନ୍ତି, ଶିବ ହିଁ ଭାରତର ପ୍ରିୟତମ ଦେବତା - ତ୍ୟାଗ, ପ୍ରେମ ଓ କରୁଣାର ପ୍ରତିଭୂ ।

ଓଡ଼ିଆ ପରଂପରା ଓ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଅନସ୍ୱୀକାର୍ଯ୍ୟ । ଶାରଳା ଦାସ ତାଙ୍କ ମହାଭାରତରେ ମୂଷଳୀ ପର୍ବରେ ଜଗନ୍ନାଥଙ୍କ ଉତ୍ପତ୍ତି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ତ୍ୟାଗ ପ୍ରସଙ୍ଗରେ ଏଠାରେ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦାହରଣ ଦେବାକୁ ଚାହିଁବି । ଆମେମାନେ ପଢ଼ିଛନ୍ତି, କିଭଳି ଶ୍ରୀମନ୍ଦିର ନିର୍ମାଣ ପରେ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ, "ମୁଁ ତୁମ ଉପରେ ପ୍ରସନ୍ନ। ତୁମେ କଣ ବର ମାଗୁଛ ମାଗ ।" ଉତ୍ତରରେ ରାଜା ଇନ୍ଦ୍ରଦ୍ୟୁମ୍ନ କହିଥିଲେ, "ମୋତେ ନିର୍ବଂଶ କରିଦିଅ ପ୍ରଭୋ, ଯେମିତି ମୋ ବଂଶରେ କେହି ଦେଉଳ ତୋଳା ପାଇଁ ଗର୍ବ କରିବାକୁ ନ ରହେ । ଇନ୍ଦ୍ରଦ୍ୟୁମ୍ନଙ୍କର ତ୍ୟାଗର ଏହି ପ୍ରମାଣ ସେଦିନ ଶ୍ରୀଜଗନ୍ନାଥଙ୍କୁ ଅଭିଭୂତ କରିଥିବ । ଭାରତୀୟ ବିଶ୍ୱାସରେ ସନ୍ତାନସନ୍ତତି ପିତାମାତାଙ୍କୁ ପିଣ୍ଡଦାନ କରି ଶ୍ରାଦ୍ଧ ଅର୍ପଣ କରିଥାଆନ୍ତି । ଇନ୍ଦ୍ରଦ୍ୟୁମ୍ନଙ୍କ ବଂଶରେ ତ କେହି ରହିଲେ ନାହିଁ । ତାହାହେଲେ ତାଙ୍କୁ ଶ୍ରାଦ୍ଧ ଟେକିଦେବ କିଏ ? ତାଙ୍କୁ ଶ୍ରାଦ୍ଧ ଟେକିଦିଅନ୍ତି ସ୍ୱୟଂ ଜଗନ୍ନାଥ । ଭାରତୀୟ ସାହିତ୍ୟରେ ତ୍ୟାଗ ଓ ପ୍ରେମର ଏହା ଏଭଳି ଏକ ଅଦ୍ଭୁତ ପରିକଳ୍ପନା ଯେଉଁଠି ଦେବତା ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଅର୍ପଣ କରିଦିଅନ୍ତି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ । ପ୍ରତିବର୍ଷ ଦେବ ଦୀପାବଳି (ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦ ) ସମୟରେ ତିନିଦିନ ଏହି ପିଣ୍ଡଦାନ କାର୍ଯ୍ୟ ସଂପନ୍ନ ହୋଇଥାଏ । ଆଦିତି-କାଶ୍ୟପ, ଦଶରଥ,କୌଶଲ୍ୟା, ବସୁଦେବ- ଦେବକୀ, ଯଶୋଦା-ନନ୍ଦଙ୍କ ସହ ରାଜା ଇନ୍ଦ୍ରଦ୍ୟୁମ୍ନ ଏବଂ ମହାରାଣୀ ଗୁଣ୍ଡିଚାଙ୍କୁ ଜଗନ୍ନାଥ ପିଣ୍ଡଦାନ କରିଥାଆନ୍ତି ।

ବ୍ୟାସଦେବଙ୍କ ମହାଭାରତ ପ୍ରେମ, ତ୍ୟାଗ ଏବଂ କରୁଣାର ସହସ୍ର ଉଦାହରଣରେ ପୂର୍ଣ୍ଣ । ଭୀଷ୍ମ ଯଦି ତ୍ୟାଗର ଉଦାହରଣ, ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ପାଇଁ କୋଟିବସ୍ତ୍ର ଯୋଗାଇଥିବା ଶ୍ରୀକୃଷ୍ଣ କରୁଣାର ଉଦାହରଣ ଏବଂ କେବଳ ପାଞ୍ଚଖଣ୍ଡ ଗାଁ ମିଳିଲେ ସେ ସମଗ୍ର ରାଜ୍ୟ ଛାଡ଼ି ଚାଲିଯିବେ ଭଳି ପ୍ରସ୍ତାବ ଦେବା ଯୁଧିଷ୍ଠିରଙ୍କ ଅନନ୍ୟ ତ୍ୟାଗର ଉଦାହରଣ । ମହାଭାରତର କର୍ଣ୍ଣ ପୁଣି ତ୍ୟାଗର ଏଭଳି ଏକ ଉଦାହରଣ ଯିଏ ଜାଣି ଜାଣି ନିଜ ଜୀବନକୁ ବିପନ୍ନ କରିଥିଲେ । ନିଜେ ନିଜର କବଚ ଖୋଲି ଛଦ୍ମବେଶୀ ଇନ୍ଦ୍ରଙ୍କୁ ସେ ଦାନ ଦେଇଥିଲେ । ମୁଖ୍ୟ ଚରିତ୍ରମାନଙ୍କ କଥା ତ ବହୁବାର ଆଲୋଚିତ ହୋଇଛି, ମାଧବୀ ପରି ଗୌଣ ଚରିତ୍ରଟଙ୍କର ପ୍ରେମ ଓ ତ୍ୟାଗ କଥା ଚିନ୍ତା କଲେ ଆଖିର ଲୁହକୁ ଅଟକେଇ ହୁଏ ନାହିଁ । ଗାଲବଙ୍କ ପ୍ରତି ମାଧବୀଙ୍କର ପ୍ରେମ ଯେପରି ଆଦର୍ଶ ସ୍ଥାନୀୟ ଥରେ ବାପାଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଉ ଥରେ ପୁତ୍ରମାନଙ୍କ ଅନୁରୋଧ ସତ୍ତ୍ୱେ ସ୍ୱର୍ଗପଦ ଛାଡ଼ିଦେବାର ବଡ଼ପଣ ସେହିପରି ଅଦ୍ଭୁତ।

ସାହିତ୍ୟର ଆଭିମୁଖ୍ୟ ଝରକା ଖୋଲିଦେବା, ଯେଉଁ ଝରକା ଦେଇ ବାହାରର ଦୃଶ୍ୟ ଆଉ ଟିକେ ଭଲ ଭାବେ ଦେଖିହେବ, ଭିତରକୁ ବୋହି ଆସିବ ଚଇତାଳି, ବର୍ଷାର ଛିଟା ଏବଂ ପଶିଆସିବ ଚେନାଏ ଆଲୋକ, ନୂଆ ଅନୁଭୂତି, ଅଭିଜ୍ଞତାରେ ଅର୍ଥମୟ ହୋଇଯିବ ଆମର ଅନ୍ତର, ଅଭ୍ୟନ୍ତର । ଉଚ୍ଚତମ ସାହିତ୍ୟ ମୁହୂର୍ତ୍ତକ ମଧ୍ୟରେ ହୃଦୟକୁ ବଦଳେଇ ଦିଏ । ଥରେ ଗୌତମ ବୁଦ୍ଧ ତାଙ୍କୀ ଶିଷ୍ୟମାନଙ୍କ ସହ ବସିଥିବା ବେଳେ ଜଣେ ବ୍ୟକ୍ତି ଆସି ତାଙ୍କୁ ଯାହା ଇଚ୍ଛା ତାହା ଗାଳିଦେଇ ଚାଲିଲେ । ଗୌତମ ବୁଦ୍ଧ ତାଙ୍କର କଥା ଶୁଣି କେବଳ ନିରବ ରହିଲେ । ଲୋକଟିର କଥା ଶେଷ ହେବା ପରେ ଗୌତମ ତାଙ୍କୁ ଯାଇ କେବଳ ପଦୁଟେ ପଚାରିଲେ - ଆଉ କିଛି କହିବେ ।

ଲୋକବଚି ସ୍ତବ୍ଧ ହେଲା ଏବଂ ଫେରିଗଲା । ପରଦିନ ସେ ପୁଣି ଆସି ପହଞ୍ଚିଗଲା ।

ଗୌତମ ବୁଦ୍ଧଙ୍କର ସେହି ପ୍ରଶ୍ନ - ଆଜି ଆଉ କିଛି କହିବେ ?

ଲୋକଟି ପାଦତଳେ ପଡ଼ିଗଲା ଏବଂ କହିଲା, "ମୁଁ କାଲି ରାତିସାରା ଶୋଇପାରିଲି ନାହିଁ । ଏଇକଥା ଚିନ୍ତା କରି ଯେ, ଗୋଟିଏ ଦିଇଟି ଅଶ୍ଳୀଳ ଶବ୍ଦ ମୋତେ ବିଚଳିତ କରୁଥିବାବେଳେ ମୋର ଦୀର୍ଘ ସମୟର ଭର୍ତ୍ସନା ସତ୍ତ୍ୱେ ଆପଣ କିଭଳି ଅବିଚଳିତ ରହିପାରିଲେ ! ମୋତେ କ୍ଷମା କରିଦିଅନ୍ତୁ । ଗୌତମ ବୁଦ୍ଧ କହିଥିଲେ, "କିଏ କ୍ଷମା ମାଗୁଛି ? ଗତକାଲି ଯିଏ ଗାଳି ଦେଇଥିଲା ସିଏ ଆଜି ନାହିଁ, ଆଜି ଯିଏ କ୍ଷମା ମାଗୁଛି ସିଏ ମୂଳରୁ କିଛି ଦୋଷ କରିନାହିଁ । ଆମେ ପ୍ରତି ମୁହୂର୍ତ୍ତରେ ବଦଳି ଚାଲିଥାଉ । ଯାହା ଆମକୁ ବଦଳେଇ ଚାଲିଥାଏ ତାହା ଆମର ଅଭିଜ୍ଞତା ।" ସାହିତ୍ୟ ସେହି ଅଭିଜ୍ଞତା ଉପହାର ଦିଏ କେବେ ବର୍ଷା, କେବେ ମଳୟ ତ କେବେ ଜହ୍ନ ଆଲୁଅ ଭାବରେ, କେବେ ପୁଣି ଝାଞ୍ଜି ଅଥବା ପ୍ରଭଂଜନ ଚେହେରାରେ ।

କରୁଣା ଓ ତ୍ୟାଗର ଅର୍ଥ ଯେମିତି ସହଜ ଭାବରେ ବୁଝିହୁଏ ପ୍ରେମର ଅର୍ଥ ସେମିତି ସହଜ ଭାବରେ ବୁଝିହୁଏ ନାହିଁ । ସାଧାରଣତଃ ପ୍ରେମ ଶବ୍ଦକୁ ଏକ ସଂକୀର୍ଣ୍ଣ ଅର୍ଥରେ ବୁଝାଯାଇଥାଏ - ଯାହା ନାରୀ ଓ ପୁରୁଷଙ୍କ ପରସ୍ପର ପ୍ରତି

ଆକର୍ଷଣ । ମାତ୍ର ପ୍ରେମର ଅର୍ଥ ଏତିକିରେ ସୀମିତ ନୁହେଁ । 'ପ୍ରେମ ଆବେଗର ଏକ ବୃହତ୍ତର ଉପତ୍ୟକା' । ଶିଶୁ ପ୍ରତି ମାଆର ପ୍ରେମ, ଦେଶ ପ୍ରତି ଦେଶପ୍ରେମୀର ପ୍ରେମ, ସମାଜ ପ୍ରତି ମହାପୁରୁଷମାନଙ୍କ ପ୍ରେମ, ସଂସାରୀ ଲୋକର ତା ପରିବାର ପ୍ରତି ପ୍ରେମ ଓ ଭକ୍ତ ପ୍ରତି ଈଶ୍ୱରଙ୍କ ପ୍ରେମ ସବୁ ଏଇ ପ୍ରେମ ଶବ୍ଦ ଭିତରେ ସୀମିତ । ପ୍ରେମ ପ୍ରାର୍ଥନାର ପ୍ରଥମ ଶବ୍ଦ, ପ୍ରେମ ପୁଣି ଉଦ୍‌ଗମୀଷାର ଆଦ୍ୟ ଉପସର୍ଗ । ଈଶ୍ୱରଙ୍କ ପ୍ରତି ଭକ୍ତଙ୍କର ପ୍ରେମ କଥା ବହୁ କାହାଣୀରେ କୁହାଯାଇଛି । ଭକ୍ତ ପ୍ରତି ଭଗ୍ୱରଙ୍କର ପ୍ରେମ ସଂପର୍କରେ ନିକଟରେ ଏକ ଛୋଟ ଲେଖା ପଢୁଥିଲି ଯାହା ପୁରୁଣା କାହାଣୀର ଏକ ନୂଆ ରୂପ ।

ଜଣେ ଭଦ୍ରଲୋକ ଦିନେ ଗୋଟେ ସ୍ୱପ୍ନ ଦେଖନ୍ତି । ସେହି ଭଦ୍ରଲୋକ ଈଶ୍ୱରବିଶ୍ୱାସୀ । ସେ ସ୍ୱପ୍ନ ଦେଖନ୍ତି ସମୁଦ୍ରକୂଳ ବାଲିରେ ଆଗପଛ ହୋଇ କିଛି ବାଟ ଦୁଇ ହଳ ପାଦ, ତାପରେ କିଛି ଦୂର କେବଳ ହଳେ ପାଦ ଏବଂ ଶେଷକୁ ପାଖାପାଖି ଦି ହଳ ପାଦଚିହ୍ନ ଦିଶୁଛି । ସେ ସ୍ୱପ୍ନରେ ଈଶ୍ୱରଙ୍କୁ ପଚାରନ୍ତି - ପ୍ରଥମ ଓ ଶେଷ ପାଦଚିହ୍ନ ଗୁଡ଼ିକର ଅର୍ଥ ବୁଝିପାରୁଛି । ପ୍ରଥମେ ଆପଣ ଆଗେ ଆଗେ ଚାଲିଥିଲେ, ପଛେ ପଛେ ମୁଁ ଆପଣଙ୍କୁ ଅନୁସରଣ କରୁଥିଲି । ଶେଷ ବେଳକୁ ମଧ୍ୟ ଆପଣ ମୋ ପାଖାପାଖି ଚାଲିଛନ୍ତି, ମାତ୍ର ମୋର ଦୁଃଖ ଯେ ଜୀବନର ମଝି ଭାଗରେ ଯେତେବେଳେ ମୁଁ ଏକଦମ୍ ଏକୁଟିଆ ହୋଇପଡ଼ିଥିଲି ସେତେବେଳେ ଆପଣ ମୋତେ ଛାଡ଼ି ଅନ୍ୟତ୍ର ପଳେଇଗଲେ। ଏକଥା ଆପଣ କରିପାରିଲେ କେମିତି ? ଈଶ୍ୱର ହସିଥିଲେ ଓ କହିଥିଲେ - ସେ ସମୟରେ ମୁଁ ତୁମକୁ ଛାଡ଼ି ପଳେଇ ନ ଥିଲି ; ବରଂ ତୁମେ ଚାଲିବାରେ ଅସମର୍ଥ ହୋଇପଡ଼ିଥିବାରୁ ସେତିକି ଦୂର ମୁଁ ତୁମକୁ ମୋ କାନ୍ଧରେ କାନ୍ଧେଇ ଚାଲିଥିଲି । ସେ ଯୋଉ ହଳକ ପାଦଚିହ୍ନ ମଝିରେ ଦେଖୁଛ ସେ ଚିହ୍ନ ତୁମ ପାଦର ନୁହେଁ, ମୋର ।

ଈଶ୍ୱର ଶବ୍ଦର ବ୍ୟାଖ୍ୟା ନେଇ ଆମେ ଅନେକ କଥା ଜାଣନ୍ତି । ସେମିତି ପ୍ରେମର ଅର୍ଥ ନେଇ ! "'ଲା ମିଜରେବଲ'ରେ ଭିକ୍ଟର ହ୍ୟୁଗୋ ଗୋଟିଏ ବାକ୍ୟରେ କହିଛନ୍ତି, "To love another is to see the face of God" ' । ଏଥିରେ ଉଭୟ ପ୍ରେମ ଓ ଈଶ୍ୱରଙ୍କ ବ୍ୟାଖ୍ୟା ନିହିତ ।

ସାହିତ୍ୟରେ ପ୍ରେମ, କରୁଣା ଓ ତ୍ୟାଗର ଅଜସ୍ର ଉଦାହରଣ ଦିଆଯାଇପାରେ । ଓଡ଼ିଆ ସାହିତ୍ୟର ଦିଇଟି ସ୍ମରଣୀୟ ଉପନ୍ୟାସ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ "ମାଟିର ମଣିଷ" ଏବଂ କାହ୍ନୁଚରଣଙ୍କ "ଶାସ୍ତି । "ମାଟିର ମଣିଷ'ରେ ବଡ଼ଭାଇ ବରଜୁର ସାନ ଭାଇ ଛକଡ଼ି ପ୍ରତି ଶ୍ରଦ୍ଧା, ବାପାଙ୍କ ପ୍ରତି ସମ୍ମାନବୋଧ ଉଭୟ ତାକୁ ଏଭଳି ଅଥୟ କରିଛି ଯେ ସେ ସବୁକିଛି ଛାଡ଼ିଦେଇ ଚାଲିଯାଇଛି । କାହ୍ନୁଚରଣଙ୍କ ସନେଇ ଓ ଧୋବା ଉଭୟ ତ ପ୍ରେମ, ତ୍ୟାଗ ଓ କରୁଣାର ଦୁଇ ସାର୍ଥକ ପ୍ରତିନିଧି । ଏହି ଗୁଣଗୁଡ଼ିକ ପାଇଁ ସେମାନେ ଆଜି ମଧ୍ୟ ଆମ ଛାତି ଭିତରେ ରହିଛନ୍ତି ଏବଂ ରହିବେ ।

ପ୍ରେମ, କରୁଣା ଓ ତ୍ୟାଗର ଉଜ୍ଜ୍ୱଳ ଉଦାହରଣ 'ଧର୍ମପଦ'ର କବି ଗୋପବନ୍ଧୁ ଦାସ ଏବଂ ତାଙ୍କର ସାହିତ୍ୟ । ଗୋପବନ୍ଧୁ ଦାସଙ୍କ 'ଧର୍ମପଦ' ଇନ୍ଦ୍ରଦ୍ୟୁମ୍ନୀୟ ତ୍ୟାଗ ସହ ଦଧୀଚିଙ୍କ କରୁଣା ଏବଂ ଦଶରଥ ସୁଲଭ ପୁତ୍ର ପ୍ରେମର ବିରଳ କାବ୍ୟକୃତି । ଭାରତବର୍ଷର ସାହିତ୍ୟରେ ଦଧୀଚି ଏକ ସର୍ବକାଳୀନ ରୂପକଳ୍ପ । ଅଥର୍ବଣ ଏବଂ ଚିତ୍ତିଙ୍କ ସନ୍ତାନ ଦଧୀଚି ନିଜ ଜୀବନ ଦାନ ଦେଇଥିଲେ କାରଣ ତାଙ୍କରି ଅସ୍ଥିରେ ହିଁ ନିର୍ମିତ ହୋଇଥିଲା ଇନ୍ଦ୍ରଙ୍କ ବଜ୍ର - ଯାହା ଦେବତାମାନଙ୍କୁ ସୁରକ୍ଷା ଦେଇଥିଲା । ଋକ୍‌ବେଦର ଏହି ଉଦାହରଣ ଗୋପବନ୍ଧୁଙ୍କ 'ଧର୍ମପଦ'ରେ ଆମେ ଦେଖୁ - "ଭୁବନ ବିଦିତ ଦଧୀଚି ଚରିତ ପୁରାଣେ ତ ଅଛି ଶୁଣି/କହି ସ୍ୱସ୍ତି ସ୍ୱସ୍ତି ଦେଲେ ନିଜ ଅସ୍ଥି ବିଶ୍ୱହିତେ ମହାମୁନି । ସେଇ 'ଧର୍ମପଦ'ର ଅନ୍ୟ ପଦଟିଏ ହେଲା "କାପୁରୁଷ ପରି ମରିବା ଜଗତେ ନୁହେଁ ନର ପଉରୁଷ/ପରହିତ ସାଧି ମରେ ଯେ ମହୀରେ ସେହି ଏକା ସୁପୁରୁଷ ।" ଏହି ଦଧୀଚିକୀ ଉଦାହରଣ ପୁଣି ଦେଖୁ ସ୍ୱାଧୀନତା ସଂଗ୍ରାମ ସମୟରେ ଜାତୀୟ କବି ବୀରକିଶୋର ଦାସଙ୍କ କବିତାରେ "ଭାଇ ତମେ କେତେଜଣ ଜୀବନକୁ ପାଣି ଛଡ଼ାଇ ନଦେଲେ ଚଳିବ କି/ଦଧୀଚିର ହାଡ଼ ଉଜାଡ଼ି ନ ଦେଲେ ଜଗତେ ଭାଗ୍ୟ ଫେରିବ କି ?" ସବୁ କାଳର ସନ୍ଥକବି ଭୀମ ଭୋଇ, ଯାହାଙ୍କ କବିତାର ଧାଡ଼ି ଉଦ୍ଧାର ବିନା ଅଧିକାଂଶ ସଭା ସମ୍ପୂର୍ଣ୍ଣ ହୁଏ ନାହିଁ - "ପ୍ରାଣୀଙ୍କ ଆର୍ତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ / ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" କରୁଣା ଓ ତ୍ୟାଗର ସର୍ବୋତ୍କୃଷ୍ଟ ଉଦାହରଣ ।

ଟିକିଏ ଆଗରୁ ଛାତି ତଳେ ରହିଯାଉଥିବା ଚରିତ୍ରମାନଙ୍କର କଥା କହୁଥିଲି । କୋଭିଡ୍ ସମୟରେ ହଜାର ହଜାର ଶିଶୁ ବାପାମାଆ ଛେଉଣ୍ଡ ହୋଇଗଲେ । ଦିନେ ହସିଲା ପୁରିଲା ଥିବା ଘର ଶୂନ୍ୟ ହେଇଗଲା । ସ୍ୱପ୍ନ ଓହ୍ଲେଇଗଲା କାନ୍ଥରୁ । ସେଭଳି ଅନୁଭବକୁ ନେଇ ବେଶ୍ କିଛି ସାହିତ୍ୟ ଲେଖାଯାଇଛି, ଭବିଷ୍ୟତରେ ଆହୁରି ଅଧିକ ଲେଖାହେବ । କାରଣ ଏବେ ବି ଝଡ଼ ଥମିନାହିଁ । ଏହା ଭିତରେ ଗୋଟିଏ ଲେଖା ମୋ ଦୃଷ୍ଟିକୁ ଆସିଥିଲା, ଯହିଁରେ ଲେଖକଙ୍କର କରୁଣା ତାହାକୁ ସ୍ମରଣୀୟ କରି ରଖିବ ।

ସାନଛୁଆଟିଏ କାଚ ଝରକା ସେପଟେ ଥାଇ ମନିଟରରେ ଦେଖିଛି ମାଆର ହୃତସ୍ପନ୍ଦନ ବନ୍ଦ ହେବାର ଦୃଶ୍ୟ - ନର୍ସ ଜଣକ ଆସି ତାକୁ ଚକୋଲେଟ୍ ଧରେଇ କହନ୍ତି, "ମାଆ ଈଶ୍ୱରଙ୍କ ପାଖକୁ ଚାଲିଗଲେ। ସେ ତୁମକୁ କହିଯାଇଛନ୍ତି, ତୁମେ ବ୍ୟସ୍ତ ହେବ ନାହିଁ ।"

ଆଉ କେହି ତାକୁ ବୁଝାନ୍ତି, ସଞ୍ଜ ଆକାଶର ସେଇ ତାରା ହେଉଛନି ତୁମର ମାଆ । ସେଇଠି ସେ ଅଛନ୍ତି।

ଛୁଆଟି ଏବେ ହସିଲା ପୁରିଲା ଘରୁ ଯାଇ ଅନାଥାଶ୍ରମରେ । ସ୍କୁଲକୁ ଯାଏ - ଝୁରିହୁଏ । କହେ, ମୋ ମାଆ ପରି ଏ ଦୁନିଆରେ ଆଉ କେହି ସୁଆଦିଆ ଆଳୁପରଟା ତିଆରି କରି ଜାଣନ୍ତି ନାହିଁ । ଘରକୁ ଫେରିବାବେଳେ ମୋତେ ଦେଖି ସେ ଯେମିତି ହସେ ସେମିତି ସୁନ୍ଦର ହସ ଆଉ କେହି ହସିପାରେ ନାହିଁ । ପୁଣି ବେଳେବେଳେ ସେ ଅଭିଯୋଗ କରେ - ମୁଁ ତ ଭଲ ପିଲା । ସଭିଙ୍କ କଥା ମାନେ । ମୋ ମାଆ ମୋତେ ଛାଡ଼ି ପଳେଇଲେ କାହିଁକି ?

ତାକୁ ବୟସ୍କମାନେ ବୁଝାଚି, "ମାଆ କୁଆଡ଼େ ଯାଇନାହାନ୍ତି । ଆକାଶରେ ତାରା ହୋଇ ଅଛନ୍ତି ।'

ପିଲାଟି ଏ କଥାର ପ୍ରତିବାଦ ଜଣାଇ ଦିନେ କହେ, "ତୁମ ବାକ୍ୟର ପ୍ରଥମ ଅଂଶ ଠିକ୍ ଯେ ମାଆ କୁଆଡ଼େ ଯାଇନାହାନ୍ତି । ଦ୍ୱିତୀୟ ଅଂଶ କିନ୍ତୁ ଭୁଲ୍ - କାରଣ ସେ ତାରା ହୋଇନାହାନ୍ତି । - ଏତକ କହି ସେ ତା ଛାତିକୁ ଦେଖାଇ କହେ - ମୋ ମାଆ ମୋର ଏଇ ଛାତି ତଳେ ଅଛି ।

ସାହିତ୍ୟର ମୂଳ ଆଧାରଶିଳା କରୁଣା । ହୃଦୟର ମାଟି କରୁଣାର ବାରିଧାରାରେ ଆର୍ଦ୍ର ନ ହେଲେ ସୃଜନର ଅଙ୍କୁରୋଦ୍‌ଗମ ସମ୍ଭବ ନୁହେଁ । ସାହିତ୍ୟ ବିଶ୍ୱାସ ରଖେ ଯେ ଆମର ବେଦନା, କଷ୍ଟ ଓ ଯନ୍ତ୍ରଣାକୁ ଆମେ ପ୍ରେମରେ ପରିଣତ କରିପାରିବା । ଫ୍ରାନ୍‌ଜ କାଫ୍‌କାଙ୍କ ସଂପର୍କରେ ଏ କଥାଟି ଆପଣମାନେ ପ୍ରାୟ ସମସ୍ତେ ଜାଣିଥିବେ । ପ୍ରସିଦ୍ଧ ଲେଖକ କାଫ୍‌କା ମାତ୍ର ୪୧ ବର୍ଷ ବଞ୍ଚିଥିଲେ । ତାଙ୍କର "ମେଟାମରଫିସସ', 'ଟ୍ରାୟାଲ' ଇତ୍ୟାଦି ହେଉଛନ୍ତି ପ୍ରସିଦ୍ଧ କୃତି । ଥରେ ସେ ବର୍ଲିନ୍‌ର ଗୋଟେ ପାର୍କରେ ସାନ ଝିଅଟେକୁ ହଜିଯାଇଥିବା ତାର କଣ୍ଢେଇକୁ ଖୋଜୁଥିବା ଅବସ୍ଥାରେ ଭେଟିଲେ । ସିଏ ମଧ୍ୟ ତା ସହ ମିଶି ଖୋଜାଖୋଜି କଲେ, ପାଇଲେ ନାହିଁ । ତା ପରଦିନ ସେ ଖଣ୍ଡେ ଚିଠି ଆଣି ଝିଅଟିକୁ ଦେଲେ । ସେ ଚିଠିରେ ଲେଖା ଥିଲା - ତୁମେ ମୋତେ ଖୋଜିବ ନାହିଁ । ମୁଁ ଭ୍ରମଣରେ ବାହାରିଯାଉଛି । ଏଣିକି ମୁଁ ମୋର ଭ୍ରମଣ ଅନୁଭୂତିଗୁଡ଼ିକ ତୁମ ପାଖକୁ ଲେଖି ପଠେଇବି । ସେତେବେଳକୁ ସାନ ଝିଅଟି ପଢ଼ିପାରୁ ନ ଥିଲା, କାଫ୍‌କା ଚିଠି ପଢ଼ି ଶୁଣାଇଦିଅନ୍ତି । ୧୯୨୪ରେ କାଫ୍‌କାଙ୍କ ମୃତ୍ୟୁର କିଛିଦିନ ଆଗ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଏମିତି ଚିଠି ଆସୁଥିଲା ।

କିଛିଦିନ ପରେ ଝିଅଟି କଣ୍ଢେଇ କଥା ଭୁଲିଗଲା । ଦିନେ କାଫ୍‌କା ଆଣି ତାକୁ ଆଉ ଗୋଟେ କଣ୍ଢେଇ ଦେଲେ। ଝିଅଟି କହିଲା - ଏଇଟା ତ ମୋ କଣ୍ଢେଇ ନୁହେଁ । କାଫ୍‌କା ଆଉ ଗୋଟେ ଚିଠି ବଢ଼େଇଦେଲେ । ସେଥିରେ ଲେଖା ଥିଲା - ତୁମେ ହୁଏତ ମୋତେ ଚିହ୍ନି ପାରିବ ନାହିଁ । ଦୀର୍ଘଦିନର ବ୍ୟବଧାନ ଏବଂ ଦୀର୍ଘଯାତ୍ରା ମୋର ଚେହେରା ଏମିତି ବଦଳେଇ ଦେଇଛି । ଏଥର ଝିଅଟି ସେଇ ନୂଆ କଣ୍ଢେଇକୁ ଗେଲ କରି ତାକୁ ଘରକୁ ନେଇଗଲା । ଏହାର ତିନି ସପ୍ତାହ ପର୍ଯ୍ୟନ୍ତ, ନିୟମିତ ଚିଠି ଲେଖିବା ପରେ କାଫ୍‌କା କଣ୍ଢେଇ ତରଫରୁ ଲେଖନ୍ତି ଆଉ ଗୋଟେ ଚିଠି - "ମୋର ବାହାଘର ଠିକ୍ ହେଇଛି । ମୁଁ ବାହାହୋଇ ଦୂରକୁ ଚାଲିଯିବି । ଆଉ ଆମର ଦେଖାସାକ୍ଷାତ ହୋଇପାରିବ ନାହିଁ । ତୁମେ ଦିନେ ବାହା ହେବ ଓ ମୋ ପରିସ୍ଥିତି ବୁଝିପାରିବ ।" ଏ ଘଟଣାର ବର୍ଷକ ପରେ କାଫ୍‌କାଙ୍କର ପରଲୋକ ହୁଏ । ଏଇ ସାନ ଝିଅଟି ବଡ଼ ହୋଇ ବାହା ହୋଇଯାଏ । କଣ୍ଢେଇଟା ସେମିତି କପ୍‌ବୋର୍ଡ ଭିତରେ ପଡ଼ିଥାଏ । ଅନେକ ବର୍ଷ ପରେ କପ୍‌ବୋର୍ଡ ସଫା କରୁ କରୁ କଣ୍ଢେଇର ଅଣ୍ଟାରେ ଖୋଷା ଥିବା ଗୋଟେ ଛୋଟ ଚିଠି ଖସିପଡ଼େ । କାଫ୍‌କା କଣ୍ଢେଇ ତରଫରୁ ସେଇ ଚିଠିରେ ଯାହା ଲେଖିଥିଲେ ତାହା ଗୁରୁତ୍ୱପୂର୍ଣ୍ଣ । ସେ ଲେଖିଥିଲେ- "ତୁମେ ଯେଉଁ ଜିନିଷକୁ ଭଲପାଅ, ତାହା ହୁଏତ ଦିନେ ହଜିଯିବ। କିନ୍ତୁ ବ୍ୟସ୍ତ ହେବ ନାହିଁ । କାରଣ ଶେଷକୁ ଆଉ କିଛି ବାଟରେ ସେ ତୁମ ପାଖକୁ ଫେରିଆସିବ ।"

ଏ ଗପଟି ଗୋଟେ ସାନ ଝିଅ ପ୍ରତି ଜଣେ ବିଖ୍ୟାତ ଲେଖକଙ୍କର କରୁଣାର ଉଦାହରଣ । ଏଭଳି ଛୋଟ ଛୋଟ କଥାରେ ନିହିତ ଜୀବନର ବଡ଼ ସୂତ୍ର । ମଣିଷର ହୃଦୟରେ କରୁଣା ଓ ପ୍ରେମ ଜାଗି ଉଠିଲେ ସେ ସବୁକିଛି ମୁରୁଛି ଦେବାକୁ ଚାହେଁ । ଏ କଥାର ଉଦାହରଣ ଭାବେ ରାଶି ରାଶି ପ୍ରେମ କଥା ଉଲ୍ଲେଖ କରିପାରିବା । ଯେଉଁଠି ପ୍ରେମ ଥାଏ, ସେଇଠି ତ୍ୟାଗ ଥାଏ । ପ୍ରେମ ପାଇଁ ଏ ପୃଥିବୀରେ କେତେ ଜୀବନ, ସ୍ୱପ୍ନ ବଳି ନ ପଡ଼ିଛି ! ମାଆ ପ୍ରତି ପିଲାର ପ୍ରେମକଥା ଟିକିଏ ଆଗରୁ କହିଥିଲି । ପିଲା ପ୍ରତି ମାଆର ପ୍ରେମର କଥା କହିବା ନିଷ୍ପ୍ରୟୋଜନ । ରଜାଝିଅ ପ୍ରେମରେ ମସଗୁଲ ପୁଅ ମାଆକୁ ମାରି ତାର କଳିଜା ନେଇ ଧାଇଁବାବେଳେ ପୁଅର ନିରାପତ୍ତା ଲାଗି ମାଆ ବ୍ୟସ୍ତ ହେବା ଆମ ଲୋକସାହିତ୍ୟରେ ପଢ଼ିଛେ । ସୋଲେମନଙ୍କ ରାଜଦରବାରରେ ଗୋଟେ ଛୁଆ ପାଇଁ ଦୁଇ ମାଆଙ୍କ କଳି କଥାକୁ ୨୦୨୨ର ଆଫଗାନିସ୍ତାନର ଅସହାୟ ମାଆ ନିଜ କୋଳପୋଛା ଛୁଆର ସୁରକ୍ଷିତ ଭବିଷ୍ୟତ ପାଇଁ ଅଜଣା ଅଶୁଣା ମାର୍କିନ୍ ସୈନିକର ଗାଡ଼ିକୁ ଫିଙ୍ଗି ଦେଉଥିବାର କରୁଣ ଦୃଶ୍ୟ କଣ ଆମେ ଦେଖି ନାହାନ୍ତି ! କାହିକି ମାଆ ଏମିତି କରେ ? କାରଣ ସେ ତା ଛୁଆଟିକୁ ନିଜ ଜୀବନଠାରୁ ବେଶି ପ୍ରେମ କରେ ।

ସାହିତ୍ୟ ହେଉଛି ସେହି ଶବ୍ଦ-ଉଦ୍ୟାନ ଯାହାକୁ କରୁଣା, ପ୍ରେମ ଓ ତ୍ୟାଗ ବର୍ଷା, ବସନ୍ତ ଓ ଗ୍ରୀଷ୍ମ ହୋଇ ପୁଷ୍ପିତ କରିଥାଆନ୍ତି ।

ଏ ତିନି ଅନୁଭବର ସାର୍ଥକ ସମନ୍ୱୟ ଯେଉଁଠି ଘଟେ ସେଇଠି ସାହିତ୍ୟ କାଳଜୟୀ ପାଲଟିଯାଏ । ଉଦାହରଣ ଭାବରେ ସଭିଙ୍କର ପରିଚିତ ଅସ୍କାର ଓାଇଲ୍‌ଡଙ୍କ 'ଦ ନାଇଟିଙ୍ଗେଲ ଆଣ୍ଡ ଦି ରୋଜ୍' ଗପର ଉଦାହରଣ ଦେଇ ମୁଁ ମୋର ବକ୍ତବ୍ୟ ଶେଷ କରିବି । ପୁଅଟି ଝିଅଟିକୁ ଭଲପାଉଛି। ଝିଅଟି ଚାହୁଁଛି ଲାଲ ଗୋଲାପ । ବରଫଢଙ୍କା ଶୀତ ଋତୁରେ ଧଳା ଗୋଲାପ ମିଳିପାରେ, ମାତ୍ର ଲାଲ ଗୋଲାପ ଫୁଟିବା ଦୁରୁହ ବ୍ୟାପାର । ପୁଅଟି ପ୍ରଚୁର ପ୍ରେମ କରୁଛି । ତାର ପ୍ରେମ ଦେଖି ନାଇଟିଙ୍ଗେଲ ବିଚଳିତ ହୋଇପଡୁଛି । ସେ ସହିପାରୁନାହିଁ । ସେ ଗୋଲାପ ଗଛକୁ ଯାଇ ଫୁଲଟିଏ ମାଗୁଛି । ଗଛ କହୁଛି - ବରଫରେ ମୋର କଢ଼ ଝାଉଁଳି ଯାଇଛି । ଥଣ୍ଡା ପବନରେ ମୋର ଶିରାପ୍ରଶିରା ଜଡ଼ । ମୁଁ ଫୁଲ ଦେଇପାରିବି ନାହିଁ । ତଥାପି ନାଇଟିଙ୍ଗେଲ ଜିଦ୍ କରୁଛି ।

ଏଥର ଗଛ କହୁଛି - ଗୋଟେ ସର୍ତରେ ମୁଁ ଲାଲ ଗୋଲାପ ଦେବି । ମାତ୍ର କହିଦେଉଛି ଭୟଙ୍କର ସେ ସର୍ତ୍ତ । ତୁମେ ପାରିବ ?

ଚଢ଼େଇ ନିର୍ଭୟରେ କହୁଛି - ହଁ କୁହ ।

ଗଛର ସର୍ତ - ନାଇଟିଙ୍ଗେଲ ଯଦି ଜହ୍ନରାତି ସାରା ମଧୁରତମ ଗୀତ ଗାଉ ଗାଉ ତା ଛାତିର ଉଷୁମ ରକ୍ତକୁ ମୋର ଶାଖାପ୍ରଶାଖାରେ ବୁହାଇ ଦେବ, ତାହାହେଲେ ସେ ତାକୁ ଦେବ ରକ୍ତ ଗୋଲାପ । ଉନ୍ନିଦ୍ର ରାତିର ପହର ପାହି ପାହି ଯାଉଥାଏ, ନାଇଟିଙ୍ଗେଲ କୋମଳ ଛାତିରେ ଗୋଲାପର କଣ୍ଟା ବିଦ୍ଧ ହେଇ ଚାଲିଥାଏ, ନିଗୁଡୁଥାଏ ଧାର ଧାର ଉଷୁମ ରକ୍ତ । ଜ୍ୟୋତ୍ସ୍ନାୟିତ ଆକାଶକୁ ଚାହିଁ ନାଇଟିଙ୍ଗେଲ ଗାଇ ଚାଲିଥାଏ ଗୋଟେ ଗୋଟେ ଗୀତ । ଜୀବନର ମଧୁରତମ ପୁଣି କରୁଣତମ ଗୀତ । ରାତି ପାହିବାବେଳକୁ ନାଇଟିଙ୍ଗେଲ ମରିଯାଇଥାଏ, ଗୀତ ବନ୍ଦ ହେଇଯାଇଥାଏ ; ମାତ୍ର ଶୀତ ସକାଳର ଜଡ଼ତା ଭିତରେ ଫୁଟି ଉଠିଥାଏ ଲାଲ୍ ଟକଟକ୍ ଗୋଲାପ ଫୁଲ - ପ୍ରେମର ଫୁଲ ।

ସୁଧୀବର୍ଗ ! ଯେଉଁ ଜୀବନରେ କରୁଣା ନାହିଁ ସେଠାରେ ପ୍ରେମ ନାହିଁ । ଯେଉଁଠି ପ୍ରେମ ନାହିଁ ସେଇଠି ତ୍ୟାଗ ନାହିଁ । ପ୍ରେମରୁ ତ୍ୟାଗର କଥା ରାଧା-କୃଷ୍ଣ ଉପାଖ୍ୟାନ ପ୍ରସଙ୍ଗରେ ବହୁବାର କୁହାଯାଇଛି । ରାଧା କହିଥିଲେ ପ୍ରେମ ଅଧିକାରରେ ନ ଥାଏ, ସ୍ୱାଧୀନ କରିବାରେ ଥାଏ । ସେଥିପାଇଁ ଏ ତିନି ଗୁଣର ସାର୍ଥକ ସମନ୍ୱୟ ଜୀବନ ପରି ସାହିତ୍ୟକୁ ସଫଳ କରାଏ, ଯାହାର କେତୋଟି ଉଦାହରଣ ମୁଁ ଦେଲି । ତେବେ ଏ ତିନିଟି ଭିତରୁ ଯଦି କାହାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିବାକୁ ପଡ଼େ ତାହାହେଲେ ସେଇଟି କରୁଣା । ହେନରି ଜେମ୍‌ସ କହିଥିଲେ, "ମଣିଷ ଲାଗି ତିନିଟି ଗୁଣ ଗୁରୁତ୍ୱ ପୂର୍ଣ୍ଣ । ପ୍ରଥମଟି କରୁଣା, ଦ୍ୱିତୀୟଟି କରୁଣା ଏବଂ ତୃତୀୟଟି ମଧ୍ୟ କରୁଣା ।" ଆଜି ଏତିକି ।

ଧନ୍ୟବାଦ ।



**ଡ. ଗୌରହରି ଦାସ** ଜଣେ ପ୍ରସିଦ୍ଧ ଓଡ଼ିଆ ଲେଖକ, ସାମ୍ବାଦିକ ଓ ଶିକ୍ଷାବିତ୍, ସମକାଳୀନ ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ ପାଇଁ ଜଣାଶୁଣା । ସେ ଅନେକ ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ପ୍ରବନ୍ଧ ଲେଖିଛନ୍ତି, ଯାହା ମାନବିକ ଭାବନା ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକର ଗଭୀର ଅନୁସନ୍ଧାନ ପାଇଁ ବ୍ୟାପକ ସ୍ୱୀକୃତି ଅର୍ଜନ କରିଛି । ଡ. ଦାସ ତାଙ୍କ ସାହିତ୍ୟକୃତି ପାଇଁ ଅନେକ ସମ୍ମାନଜନକ ପୁରସ୍କାର ପାଇଛନ୍ତି ଏବଂ ସଂସ୍କୃତି, ପରମ୍ପରା ଏବଂ ଆଧୁନିକତା ବିଷୟରେ ଗଭୀର ଜ୍ଞାନ ଦ୍ୱାରା ପାଠକମାନଙ୍କୁ ପ୍ରେରଣା ଦେଉଛନ୍ତି ।





# ଶିଳାଲେଖର ଭାଷା କଥା

**ଡକ୍ଟର ଦେବାଶିଷ ମହାପାତ୍ର**

ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବା ତଥା ଭାଷା ଆଧାରରେ ଭୌଗଳିକ ଭୂଖଣ୍ଡ ହୋଇଥିବା ଆମ ଓଡ଼ିଆ ଭାଷାର ପ୍ରାଚୀନତା, ସାରା ଭାରତରେ ଗବେଷକମାନଙ୍କୁ ଆକୃଷ୍ଟ କରି ଆସିଛି । ଏହି ପ୍ରାଚୀନତା ଆଧାରରେ ଆମ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା । ତାମିଲ୍, ସଂସ୍କୃତ, କନ୍ନଡ଼, ତେଲୁଗୁ ଓ ମାଲୟାଲାମ୍ ଭାଷା ପରେ ଓଡ଼ିଆ ଭାଷାକୁ ଏହି ଗୌରବ ମିଳିଛ । ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର । ତାମ୍ରପତ୍ର, ସନନ୍ଦ, ପାହାଡ଼, ଗୁମ୍ଫା, ମନ୍ଦିର, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ ଦେଖିଲେ ଆମେ ଯେ ଏତେ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ । ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉର୍ଜାମ ଶିଳାଲେଖ, ଶ୍ରୀଜଗଂ ଶିଳାଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ । ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାର ସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀ ବିଚିତ୍ର ଭାନୁଦେବ, ଶୁଭଙ୍କର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେବସୁର ପାଠୋଦ୍ଧାର ହୋଇଛି, ସତରେ ଖୁବ୍ ଉତ୍ସାହପ୍ରଦ । ଏକାଦଶ ଶତାବ୍ଦୀର ଗଣ୍ଡିବେଡ୍ରଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟ ଖେଡ଼ିଙ୍କ ଗଞ୍ଜାମ ସନନ୍ଦ, ୧୦୨୩ ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନ କାଳୀନ ଅଭିଲେଖ ଆମକୁ ଅନେକ କଥା କହେ । ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର ଓ ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଳେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି । ଆମ ଅଭିଲେଖରେ

ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ । ପତ୍ନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରିଆସିଛି । ଅଭିଲେଖର ଭାଷାକୁ ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ । ପୋଥି, ପଥର, ପ୍ରତ୍ନତତ୍ତ୍ୱର ସାଇତା ସଂପଦ, ଆମ ଓଡ଼ିଆ ଭାଷା । ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣ ଖୋଦିତ ହୋଇରହିଛି । ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ । ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମବିକଶିତ ହୋଇଛି ତାହା ବାସ୍ତବିକ୍ ଅବର୍ଣ୍ଣନୀୟ । ଅନେକ ଶିଳାଲେଖ ଆମ ଲିପି ଓ ଭାଷାର ଅନନ୍ୟ ସ୍ୱାକ୍ଷର । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭକରି ଖ୍ରୀଷ୍ଟାବ୍ଦ ୧୦୫୧ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉର୍ଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ର ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୭ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶିବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶ୍ୱର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ- "ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ" । ଏହା ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ । ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ । ଖାଲି ସେତିକି ନୁହେଁ ଓଡ଼ିଆ ବିଭକ୍ତିର ଚିହ୍ନ ମଧ୍ୟ ଏସବୁରେ ସ୍ପଷ୍ଟ । ଅବଶ୍ୟ ଇ,ଈ,ଉ,ଊ,ସ, ଶ, ଷ ଏଭଳି ସ୍ୱାତନ୍ତ୍ର୍ୟର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ । ପ୍ରାଚୀନ ଅଭିଲେଖ ଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟିଏ ବଡ଼ ବୈଶିଷ୍ଟ୍ୟ । ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜ ରଣଭଦ୍ରଙ୍କ ଖୋଦିତ ଭଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ- ଅଗି (ଅଗ୍ନି), ଆର୍ଯ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି । ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳେ ଭିତର, ଭୂମି, ଶଏ, ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଲା, ମଠ, ମାତ୍ରା, ଆଦି ବହୁ ଓଡ଼ିଆ ଶବ୍ଦ ଦେଖୁ । ଯାହା ଆଲୋଚନା କରୁଥିଲେ ଶ,ଷ,ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି । ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି । କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି । ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ । ତେବେ ଏଥିରେ ତରତର, ସେଙ୍ଗ, ଧୂନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ । ଅଭିଲେଖର ଆଲୋଚନାବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର, ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା- ସିରି(ଶ୍ରୀ), ପନ୍ଦରସ (ପନ୍ଦର) ଲେଖନେନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠମେ (ଅଷ୍ଟେମ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ), ପବତେ (ପର୍ବତେ) ଆଦି ଶବ୍ଦସହ ସୁଭ (ଶୁଭ), ସିତଳ (ଶୀତଳ), ଜଗ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ,କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ । ବ୍ରାହ୍ମଣ ଶବ୍ଦପାଇଁ ଏହି ଶିଳାଲେଖରେ ବମ୍ଭଣାନଂ, କୁଶଳ ପାଇଁ କୁସେଳା, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲି ିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି । ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫାଶିଳାଲେଖ ଭଳି ଅଶୋକଙ୍କ ଧଉଳି- ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ । ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ଉତ୍ତଭଳି ପ୍ରାମାଣିକ ନମୁନା । ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ । ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି- ଜଉଗଡ଼ ଶିଳାଲେଖରେ ଆଖି, ଇସା, କଳ, କିଟ, ତିନି, ଦେବୁ, ହସ, ନିଲଠା, ପୁଛିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ । ଆମ ଅଭିଲେଖର ଭାଷାକଥା ବିଚାର କଲାବେଳେ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ. ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଖିଳାକପାତ କରିବା- (୧) ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮ଡ ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର ହୋଇଛି । ଏ ବିଷୟରେ ଭାରତବର୍ଷର ବିଖ୍ୟାତ

ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଆଲୋଚନା କରିଛନ୍ତି । ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ । (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ । ଏହା ଗଜପତି କପିଳେଶ୍ୱର ଦେବଙ୍କ ସମୟର ଶିଳାଲିପି । ଏ ବିଷୟରେ ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ)ର 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି । (୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨ଢ ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି । ଏହା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନ କାଳୀନ ଶିଳାଲେଖ । ଏବିଷୟରେ ବିଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆଲୋଚନା କରିଛନ୍ତି । (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ । ଶକାବ୍ଦ ୧୦୦୪ ର ଏହି ଶିଳାଲେଖ ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ । (୫) ଶକାବ୍ଦ ୧୧୮୨ର ସିଂହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ । ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର ବ୍ୟବହାର ହୋଇଛି । ତେବେ ଏହାର ଲିପି ତେଲୁଗୁ । ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲ୍ଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା, ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନାଗୁଡ଼ିକରେ ମଧ୍ୟ ସ୍ୱଷ୍ଟ ସୂଚନା ରହିଛି । ଦେଶୀ ଓ ବିଦେଶୀ ବିଦ୍ୱାନ ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର । ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତମନ୍ତବ୍ୟ ଦେଇଛନ୍ତି । ଓଡ଼ିଶାର ବିଶିଷ୍ଟ ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ ସଂସ୍କୃତି ଓ ଧର୍ମ ଧାରା'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, "ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ । ନଚେତ ଅନଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇନଥାନ୍ତେ । ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ । ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ ।" (ପୃଷ୍ଠା-୬) ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ । ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ କେତେକ ଶିଳାଲେଖରେ 'ଶକାବ୍ଦ' ର ସୂଚନା ରହିଛି । କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନ ଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳେ ସମ୍ମାନାର୍ଥେ ଏ' ମଧ୍ୟ ଏକବଚନରେ ବ୍ୟବହାର କରାଯାଇଛି- କପିଳେଶ୍ୱର ରାଜାଏ ଥିଲେ । ସେମିତି କର୍ମକାରକରେ- କୁ, ନ୍ତି, ସଂପ୍ରଦାନକାରକରେ କୁ, କି, କଇ, କୈ, କେ, କ୍ବୁ, କୀ, ଙ୍କର, କରଣକାରକରେ- ଏଁ, ଏ ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ, ଠାରୁ, ଷଷ୍ଠୀ ବିଭକ୍ତିରେ- ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ,ଏଁ, ରେ, ମାନଙ୍କରେ,ଓ ସମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ । ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା କୈ ବା କଇ' ର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ । ଭାରତର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି । ଗଞ୍ଜାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ୍ଡ ତାମ୍ର ତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗଞ୍ଜାମର ୬୧୯- ୨୦ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ଧାରା ବାହିକ ଭାବେ କିଭଳି ହୋଇଛି ଏବଂ ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ । ଓଡ଼ିଆ ଅଭିଲେଖରେ ବ୍ୟବହାର ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି । ଗଙ୍ଗବଂଶୀ ପଂଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥବବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି(ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ

ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି । ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲେ । ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶ କାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମଧ୍ୟରେ ଥିବା ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉର୍ଜାମ ଶିଳାଲେଖ ଓ ୧୫୬୮ର ଜୟବିଜୟ ଶିଳାଲେଖ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି । ଶିଳାଲେଖର ଭାଷାକଥା ବିଚାର କଲାବେଳେ ଏହାର ଐତିହାସିକ ତଥ୍ୟ ଓ ତାରିଖ ସହ ଆମ ଭାଷା ଓ ଲିପିର ପ୍ରାଚୀନ ପଦଚିହ୍ନ କଥା ବିଚାର କରିବାକୁ ହୁଏ । ଏ ଦିଗରେ ଏପର୍ଯ୍ୟନ୍ତ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅନେକ ଦୃଷ୍ଟାନ୍ତମୂଳକ ଗବେଷଣା ହୋଇଥିଲେ ମଧ୍ୟ ଆହୁରି ଅଧିକ କାର୍ଯ୍ୟ ଯେ ଆବଶ୍ୟକ ମନେହୁଏ, ଏହା କହିବା ନିଷ୍ପ୍ରୟୋଜନ । କହିବାବାହୁଲ୍ୟ ଏହି ଲେଖକ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଭାରତୀୟ ଭାଷା ସଂସ୍ଥାନ, ମୈଶୂରର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ବରିଷ୍ଠ ଗବେଷକ ଭାବେ ଯୋଗଦେଇ ଓଡ଼ିଶାର ଶିଳାଲେଖର କ୍ରମ, ତଥ୍ୟ ଓ ତାରିଖ ସହ ଭାଷାତାତ୍ତ୍ୱିକ ଅଧ୍ୟୟନରେ କାର୍ଯ୍ୟରତ । ଏହି ସୁଯୋଗର ସଦୁ ଯୋଗ କରି ପ୍ରତ୍ୟକ୍ଷଭାବେ ବହୁ ଅଞ୍ଚଳ ଯେମିତିକି ଧଉଳି, ଜଉଗଡ଼, ଉଦୟଗିରି, ଶ୍ରୀଜଙ୍ଗ, ସୀତାବିଞ୍ଜି, ସୋର, ସିଂହନାଥ, ଅନନ୍ତବାସୁଦେବ, ଲିଙ୍ଗରାଜ, ଶ୍ରୀମନ୍ଦିର ଯାଇ ସେଠାରେ ଥିବା ଶିଳାଲେଖର ଅନୁଧ୍ୟାନ ଓ ଅଧ୍ୟୟନ କରିଛି ଓ ଏସବୁରେ ଆମ ଲିପି ଓ ଭାଷାର କ୍ରମବିକାଶ ଦେଖି ବିସ୍ମିତ ହେବା ସହ ଗର୍ବ ଅନୁଭବ କରିଛି ।



**ଡ଼କ୍ଟର ଦେବାଶିଷ ମହାପାତ୍ର** ଆଧୁନିକ ଭାରତୀୟ ଭାଷାବିଜ୍ଞାନୀ ଭାବରେ ପ୍ରତିଷ୍ଠିତ । ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ର ବରିଷ୍ଠ ଗବେଷକ ଭାବରେ ଅଧୁନା କାର୍ଯ୍ୟରତ । ଡ଼କ୍ଟର ମହାପତ୍ର ପୂର୍ବରୁ ଉତ୍ତର ଆଫ୍ରିକାରେ ଭାଷାବିଜ୍ଞାନ ଅଧାପକ, ପୂର୍ବାଞ୍ଚଳ ଭାଷା କେନ୍ଦ୍ର ର ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଦେଶ ବିଦେଶ ରେ ଭାଷାବିଜ୍ଞାନ ଆଲୋଚନା ରେ ଅଂଶଗ୍ରହଣ କରିବା ସହ ନିଜର ପ୍ରବନ୍ଧ ଉପସ୍ଥାପନ କରିଛନ୍ତି । ଭାଷା ଓ ସାହିତ୍ୟ ,ଭାଷାଭାବନା, ଭାଷାକଥା , ବ୍ୟାକରଣ ଆଦି ଓଡ଼ିଆ ପୁସ୍ତକ ସହ difficulties confronted by American English Speakers Learning Odia ଗବେଷଣା ସନ୍ଦର୍ଭ ପାଇଁ ଉଚ୍ଚ ପ୍ରସଂଶିତ ହୋଇଛନ୍ତି ।

ମାତୃଭୂମି ମାତୃ-ଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନି-ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?



# ଜଗନ୍ନାଥ ସାଧବ ନିଶ୍ଚେ ଫେରିବ

**ଡଃ ବିଶ୍ୱଭାରତୀ**

*(କାହାଣୀଟି ଉନବିଂଶ ଶତାବ୍ଦୀର ପ୍ରାକ୍‌କାଳରେ ଗଞ୍ଜାମ ଅଞ୍ଚଳର ଏକ ସତ୍ୟ ଘଟଣା ଉପରେ ଆଧାରିତ)*

କୌତୁକୀର ବିଭାଘର ମାଁ ପେଟରେ ଥଲାବେଳୁହିଁ ଧାର୍ଯ୍ୟ ହୋଇଯାଇଥିଲା । ସେ ସନ ତା' ଆଈ ଆଉ ଗୋସେଇଁ ମାଁ' ଦୁହେଁ ପୁରସ୍ତମରେ ହବିଷ କଲାବେଳେ ବୃନ୍ଦାବତୀ ପାଖରେ ରାଇ ଦାମୋଦର ପୂଜି ସତ୍ୟ କରିଥିଲେ ଯେ ଲାବଣ୍ୟର ଯଦି ଝିଅ ହେବ, ତେବେ ସେ ମାମୁଁ ପୁଅ ଭାଇ ଜଗନ୍ନାଥକୁ ବିଭାହେବ । ସେୟା ହେଲା; ପାଞ୍ଚ ବର୍ଷ ବୟସରେ କୌତୁକୀର ପିଲାକନିଆଁ ବିଭାଘର (ବାଲ୍ୟ ବିବାହ) ତେର ବର୍ଷୀୟ ମାମୁଁ ପୁଅ ଭାଇ ଜଗନ୍ନାଥ ସହିତ ହୋଇଗଲା । ବାପା ମା'ଙ୍କର ବେଶି କିଛି ଉଚ୍ଚ ଆଶା ନଥଲା । ଜଗନ୍ନାଥ ନୀରୋଗ, ନିଖୁଣିଆ ପିଲା; ତା' ସହିତ ବାରହାତ ଆଟୁଘର, ଘରେ ବର୍ଷତମାମ ଓଳିଆଚାଉଳ, ଫାଳିଆ କାଠ, ଗୁହାଳେ ଗାଈ ବଳଦ ବନ୍ଧା । ଆଉ କ'ଣ ଲୋଡ଼ା ? କୌତୁକୀର ଦିହକଯାକ ପେଟକୁ ଭାତ, କନା ଦିହାତ ନିଅଣ୍ଟତ ହେବନି ନା ! ପନ୍ଦର ବର୍ଷ ବୟସରେ କୌତୁକୀର ପୁଆଣି ହେଲା; ସେତେବେଳକୁ ଜଗନ୍ନାଥ ତେଇଶି ବର୍ଷର ଯୁଆନ୍ ।

ଜଗନ୍ନାଥ ଯେତେବେଳେ ସାରାଦିନ ଭାଲୁ ମୁଣ୍ଡିଆ, ମାଣିକ ଯୋର, ଶାଳଖଣ୍ଡି ବଣ ବୁଲି ବୁଲି ସଞ୍ଜ ସରିକି ଗୁଞ୍ଜାର ପୋକ, ସାଧବ ବୋହୁ, ମୟୁର ପର, ଗିଲିରି ଫୁଲ, ଶାରୀ ଚଢ଼େଇ ଆଣି ନହେଲେତ ବେଲଗୁଣ୍ଠା ପେଣ୍ଠକୁ ଯାଇ ରିବନଫିତା, ବାଳଛପା ( ହେୟାର କ୍ଲିପ୍), ଗୁଲୁସୁ (ଏକ ପ୍ରକାର ହାତରେ ପିନ୍ଧା ଯାଉଥିବା ରୂପା ଅଳଙ୍କାର) ଆଣି କୌତୁକୀକୁ ଉପହାର ଦେଉଥିଲା, ଦେଖନ୍ତା ଲୋକେ ଟାପରା କରୁଥିଲେ, ଜଗନ୍ନାଥ ନୂଆ ନୂଆ କଷି କନିଆଁ ପାଇଛିତ, ସେଇଥିପାଇଁ ଏମିତି ହଉଛି । ପିଲାଛୁଆ ହେଇଗଲେ ବଳେ ମନ ଘର ଧରିଯିବ, କାମ ପାଇଟିରେ ମନ ଦେବ । ସତର ବର୍ଷରେ କୌତୁକୀ ମା' ହେଲା । ସାକ୍ଷାତେ କଇଁ ପୋଖରୀର ଧୋବ ହଂସ ପରି ଝିଅଟେ, ଏଣୁ ନାଁ ଦିଆହେଲା ହଂସିନୀ ।

ତେବେ ୟା ପରେ ବି ଜଗନ୍ନାଥର କିଛି ଗୋଟାଏ ଆଖି ଦୃଶିଆ ପରିବର୍ତ୍ତନ ହେଲା ନାହିଁ । ଅସଲ କଥା ହେଲା ତାକୁ ଖରାବର୍ଷା ମାଟି କାଦୁଅରେ ଘାଣ୍ଟି ଚକଟି ହୋଇ ସେ ନିଉଛୁଣିଆ ଚାଷ କାମ କରିବାକୁ ଟିକିଏ ବି ମନ ହଉନଥଲା । ଏତିକି ବେଳେ ଗାଁକୁ ବାର୍ତ୍ତା ଆସିଲା, ନାରାୟଣ ସାଧବ କାର୍ତ୍ତିକ ପୂର୍ଣିମାରେ ଚିଲିକାରୁ ବୋଇତ ନେଇ ବ୍ରହ୍ମଦେଶ ( ମ୍ୟାମାର୍) ଯିବ; ଯିବା ଲୋକ ପନ୍ଦର ଦିନରେ ଯାଇ ବହଣା ଦଶ ସୁଉକା( ଅଢ଼େଇଟଙ୍କା) ଦେବାକୁ କଣ୍ଟ ରହିଲା । ଜଗନ୍ନାଥର ମନ ଉଲ୍ଲସିତ ହେଇଗଲା । ପିଲାଦିନେ ମନେ ଅଛି, ଅନ୍ତରପୁରର ଏଇ ନାରଣ ସାହୁ, ସଞ୍ଜ ପହରି ୟା' ତା' ବାରିରୁ ମକା କାକୁଡ଼ି, କଂସାତାଟିଆ ଚୋରୋଉଥିଲା, ଶିମିଳି ପୋଖରୀର ମାଇପି ତୁଠ ପାଖରେ ଲୁଚି ବସୁଥିଲା । ଥରେ ସାଉକାରର ଶଗଡ଼ ନେଇ ପାଲୁପୁରୁ ( ପାଲୁର୍) ଯାଇଥିଲା ଯେ, ସେଇଠୁ ତା' ଭାଗ୍ୟ ବଦଳି ଗଲା । ସାଉକାରର ବୋକଟା ବୋହିବାକୁ ସାଙ୍ଗରେ ଯାଇ କଳିଙ୍ଗ ପାଟଣା, ବିଶାଖା ପାଟଣା, ସିଂହଳ, ଶ୍ୟାମଦେଶ (

ଥାଇଲାଣ୍ଡ), ବ୍ରହ୍ମଦେଶ ସବୁ ବୁଲି ଆସିଲା । ଚତୁର ଲୋକଟା ତ, ତେଣୁ ତା'ପରେ ଏକୁଟିଆ ଯାଇ ବେପାର ବଣିଜ କରି ସାତ ବର୍ଷ ପରେ ନିଜର ବୋଇତ ଘେନି ଦେଶକୁ ଫେରିଲା ବେଳକୁ ସେ ନାରଣ ସାଉରୁ ନାରାୟଣ ସାଧବରେ ପରିଣତ ହୋଇଗଲା । ନାରାୟଣ ସାଧବର ଇତିହାସ ଜଗନ୍ନାଥକୁ ନିଜର ଭବିଷ୍ୟତ ଆବିଷ୍କାର କରିବାକୁ ସାହାଯ୍ୟ କଲା । ସେ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଲା, ବଣିଜ କରିବାକୁ ଯିବ ।

କୌତୁକୀକୁ ବୁଝାଇବାକୁ ବିଶେଷ କଷ୍ଟ ହେଲା ନାହିଁ । 'ମୋ ରାଣ, ବାହୁଡିଲା ବେଳକୁ ତୋ ପାଇଁ ଖୋସାକୁ ଚଉଁରୀ କାଠି ଆଉ ନାଗରାମ୍ ଆଣି ଦେବିଲୋ କୌତୁକୀ' ଏତିକିରେ କୌତୁକୀ ଖୁସ୍ । ବାପା ମା' ବି ଅମଙ୍ଗ ହେଲେନି, ସେମାନେ ଭାବିଲେ, ଏଠିତ କୋଉ ପାଇଟି ପତରକୁ ମନ ଦଉନି, କେଜାଣି ବେପାର ବଣିଜରେ ମନ ଦବ ପରା । ଅତଏବ ଜଗନ୍ନାଥ ପ୍ରବାସ ଯିବାଟା ଥୟ ହୋଇଗଲା । ହେଲେ ବହଣା ଦେବାକୁ ତା'ପାଖରେ ଦଶସୁଉକା ନଥିଲା । କୌତୁକୀର କଣ୍ଠି ଗପସରି ମାଳିଟା ନହେଲେତ ବହଳ ( ବଳଦ) ହଳଟା ବନ୍ଧା ପକେଇଥିଲେ ହେଇଥାନ୍ତା, କିନ୍ତୁ ତହିଁକି ମନଡାକିଲାନି । ତେଣୁ ଜଗନ୍ନାଥ ସ୍ଥିରକଲା ନାରାୟଣ ସାଧବର ଗୋଡି ଖଟିବ । ବଣିଜ ଦ୍ରବ୍ୟ ସବୁ ବୋଇତରେ ଚଢ଼ାଉତୁରା କରିକରି ମାହାଳିଆ ମାହାଳିଆ କଳିଙ୍ଗ ସାଗରଟା ( ବର୍ତ୍ତମାନ ବଙ୍ଗୋପସାଗର) ପାରେଇ ଦେଲେ ଗଲା ।

ଦିନେ ଦୁଇଦିନରେ ହୁରି ହେଇଗଲା, ଗାଁରୁ ଛଜଣ ଭେଣ୍ଡିଆ - ବଚ୍ଛ ପାହାନ ( ବସ୍ତି ପ୍ରଧାନ), ରଘୁ ପାହାନ, ହରି ଗୁଡ଼ିଆ, ବନମାଳୀ ପାଣିଗ୍ରାହୀ, ଘନ ପାତ୍ରୀ ଆଉ ଜଗନ୍ନାଥ ପଣ୍ଡା ନାରାୟଣ ସାଧବର ବୋଇତରେ ବଣିଜ କରିଯିବେ । ବୃନ୍ଦାବନ ଷଡ଼ଙ୍ଗୀଏ ପାଞ୍ଜି ଦେଖିଲେ - ଡାଙ୍ଗଦେଖା ଅମାସିଆ ( ଦୀପାବଳୀ ଅମାବାସ୍ୟା) ବାହାରେ ଆଠଦିନଠେ ( କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ତିଥି) ଯାତ୍ରା ଯୋଗ ଅଛି । ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ଜଗନ୍ନାଥ ମାମୁଁ, ମାଉସୀ, ପିଉସୀମାନଙ୍କୁ ଦେଖା କରିବାକୁ ବାହାରିଗଲା । କହିପୋଛି ଓଳଗି ହେଲାବେଳକୁ ସମସ୍ତେ ଅଧଲେ ପାହୁଲେ ବାଟ ଖର୍ଚ୍ଚ ଦେଲେ । ଶାଶୂ ବୋହୁ ଦୁହେଁ ଲାଗିପଡ଼ି ନଉତିଏ ( ୧ ନଉତି = ୧୦ କେ.ଜି.) ଚୁଡ଼ା କୁଟିଲେ, ଗଉଣିଏ ( ୧ ଗଉଣି = ଅଢ଼େଇ କେ.ଜି.) ଧାନର ଖଇଭାଜି ଉଖୁଡ଼ା କଲେ, ଦି ଅଢ଼ା ( ୧ ଅଢ଼ା = ୭୫୦ ଗ୍ରାମ୍) ରାଶି ଭୁଇଁଚଣା ( ଚିନାବାଦାମ) ସହିତ ମିଶେଇ ଗୁଡ଼ପାଗ କରି ଖଜା କଲେ । ଗଉଣିଏ ଚାଉଳ ଚୂନା କୁଟି ଆରିଷା ପିଠା କଲେ । ମାସାଧିକ କାଳ ପର୍ଯ୍ୟନ୍ତ ଖରାପ ନହେଉଥିବାରୁ ବୋଇତ ଯାତ୍ରୀଏ ବାଟକୁ ଏ ପ୍ରକାର ଖାଦ୍ୟ ସାଥିରେ ନିଅନ୍ତି । ଆଉ ତା' ସହିତ, ଆମ୍ବୁଲ, ଅଁଳା, ନବାତ ନହେଲେ ଗୁଡ଼ ସଜକରା ହୁଏ ।

ଯିବା ଆଗଦିନ ଜଗନ୍ନାଥକୁ ନେଇ ତା" ନନା ବୋଉ ଗ୍ରାମ ଦେବତୀଙ୍କ ଦୂଆରେ ନିଉଛାଳି ହେଲେ । ଗ୍ରାମଦେବତୀ, ତାରାତାରିଣୀଙ୍କୁ କଳାବୋଦା ଯାଚିଲେ । ମଙ୍ଗଳା କୋଠିକୁ ଯାଇ ନିଶାମଙ୍ଗଳବାର ଓଷା ମନାସିଲେ । ନିଜଗୀ ତଥା ପାଖ ପଡ଼ୋଶୀ ଗୀର ପୁରୁଖା ବୋଇତିଆଳ ( ବୋଇତରେ ଯାତ୍ରା କରିଥିବା ବା କାମ କରିଥବା ବ୍ୟକ୍ତି) ମାନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କଲେ । ସେମାନେ ଜଗନ୍ନାଥକୁ ଅନେକ ଉପଦେଶ ଦେଲେ - ସମୁଦ୍ରରେ, ବିଦେଶରେ କେମିତି ଚଳିବାକୁ ହୁଏ କି କି ବିପଦ ପ୍ରତି ସାବଧାନ ରହିବାକୁ ହୁଏ, ଅସୁବିଧା ଜାଗାରୁ କେମିତି ଖସି ଆସିବାକୁ ହୁଏ, କୋଉଠି କ'ଣ ଭଲ ଜିନିଷ ମିଳେ, କେମିତି ମୂଲଚାଲ କରିବାକୁ ହୁଏ ଇତ୍ୟାଦି ।

ମୁହଁ ଅନ୍ଧାରୁ ସମସ୍ତେ ବାହାରିଲେ । ଗାଁର ଅଧେଲୋକ ଗାଁମୁଣ୍ଡକୁ ବାଟେଇ ଆସିଲେ । ସମସ୍ତଙ୍କ ଆଖିରେ ଲୁହ । ଚିତର ବୁଢ଼ା କୁହାଟିଲା, 'ଆରେ ଭେଣ୍ଡିଆମାନେ, ମନ ଦମ୍ଭ କରିକି ଯାଅ, ସଦାବେଳେ ମା'ମଙ୍ଗଳାଙ୍କୁ ସୁମରଣା କରୁଥିବ, ସେ ତମକୁ ସବୁ ବିପଦରୁ ଉଦ୍ଧାର କରିବେ । ଜୟ ମା' ମଙ୍ଗଳା ! ' ସମସ୍ତେ ଏକା ସାଥିରେ ଦୋହରାଇଲେ, ଜୟ ମା' ମଙ୍ଗଳା ! ତା'ପରେ ଛ'ଜଣଯାକ ଆଉ ପଛକୁ ନଚାହିଁ ଏକମୁହାଁ ହୋଇ ବାହାରିଗଲେ ।

ଜଗନ୍ନାଥକୁ ନାରାୟଣ ସାଧବର ସିନ୍ଦୁକ ବୋହିବା କାମ ମିଳିଲା । ବୋଇତରେ ସବୁ ବଣିଜଦ୍ରବ୍ୟ ସାଇତା ସରିଲା ପରେ ଶୁଭଲଗ୍ନରେ ଯାତ୍ରା ଆରମ୍ଭ ହେଲା । ସେଇଟା ଜଗନ୍ନାଥର ପ୍ରଥମ ଜଳଯାତ୍ରା ଥିଲା । ଅନେକ ଭାର ବୋଝ ବୁହାଥୁଆ ପରେ ଅଧିକାଂଶ ଗୋତିବେଠିଆ ( ମାଗଣା ଶ୍ରମିକ) ନିଘୋଡ଼ ନିଦରେ ଶୋଇ ପଡ଼ିଲେ । ଜଗନ୍ନାଥର କିନ୍ତୁ ନିଦ ହଜିଯାଇଥିଲା । ସେ ବୋଇତ ଭିତରର ପ୍ରତ୍ୟେକ କୋଣ ଅନୁକୋଣ ମନଧ୍ୟାନ ଦେଇ ନିରୀକ୍ଷଣ କରିବାରେ ଲାଗିଲା । ବୋଇତ ଚାଳନା କେମିତି ହେଉଛି, ପାଲ କେମିତି ଟଣା ହେଉଛି, ବିଭିନ୍ନ ସ୍ଥାନର ବଣିକମାନେ କି କି ଦ୍ରବ୍ୟ ନେଇ ଯାଉଛନ୍ତି, ସେମାନେ କିଏ କୋଉଠିକି ଯିବେ ଇତ୍ୟାଦି ପଚାରି ବୁଝିଲା । ତା"ସାଙ୍ଗମାନେ ଗପସପ ବା ଗଞ୍ଜାପା ଖେଳ (ତାସ୍ ପରି ଏକ ପାରମ୍ପରିକ ଖେଳ) ରେ ମାତିଥିବା ବେଳେ ଜଗନ୍ନାଥ ଅଭିଜ୍ଞ ନାବିକ, ବଣିକ, ଶ୍ରମିକ ଏବଂ ପର୍ଯ୍ୟଟକଙ୍କ ସହିତ ବାର୍ତ୍ତାଳାପ କରି ନୌବାଣିଜ୍ୟ, ଭୂଗୋଳ, ସମୁଦ୍ର ବିଜ୍ଞାନ, ଜୀବ ବିଜ୍ଞାନ, ଖଗୋଳ ବା ଗ୍ରହନକ୍ଷତ୍ର ସମ୍ବନ୍ଧୀୟ ଜ୍ଞାନ, ବୋଇତ ଚାଳନା, ଦିଗନିର୍ଣ୍ଣୟ କରିବାର କଳା, ବିଭିନ୍ନ ଦେଶର ସଂସ୍କୃତି, ରାଜନୀତି, ଲୋକ ଚରିତ୍ର ସମ୍ବନ୍ଧରେ ପ୍ରଚୁର ଜ୍ଞାନ ଆହରଣ କଲା ।

ନାରାୟଣ ସାଧବର କଳିଙ୍ଗ ପାଟଣାରୁ (କଳିଙ୍ଗ ପଟ୍ଟନମ୍) କିଛି ସଉଦା ଉଠାଇବାର ଥିଲା । ତେଣୁ ସେ ବୋଇତ ଅଟକାଇ ଜଗନ୍ନାଥ ପରି କିଛି ଭାରୁଆଙ୍କୁ ଘେନି ଛୋଟ

ନୌକାରେ କଳିଙ୍ଗ ପାଟଣା ହାଟକୁ ବାହାରିଲା । ସେଠି ସଉଦା ବୋହିବା ସହିତ ଜଗନ୍ନାଥ ଯେମିତି ଜିନିଷ ତଉଲ ମୂଲ କରିବାରେ ଓ ଦେଖି ପରଖି ବଛାବଛି କରିବାରେ ସାହାଯ୍ୟ କଲା, ନାରାୟଣ ସାଧବ ଚମକୃତ ହେଲା । ବୋଇତ ସେଠୁ ପୂର୍ବମୋଡ଼ ନେଇ ବ୍ରହ୍ମଦେଶ ମୁଖୀ ହେଲା ।

ବ୍ରହ୍ମଦେଶର ପେଗୁ ସହର । ସେଠି ପ୍ରତିଷ୍ଠିତ କଳିଙ୍ଗ ବ୍ୟାପାରୀ ନାରାୟଣ ସାଧବର ପରମମିତ୍ର ଚନ୍ଦ୍ର ସାଧବର ଘର । ନାରାୟଣ ସାଧବ ସେଠାରେ ଅତିଥି ହେଲେ ଏବଂ ବୋଇତରୁ ତାଙ୍କର ବଣିଜ୍ୟ ଦ୍ରବ୍ୟ ସବୁ ଚନ୍ଦ୍ର ସାଧବର ସମୁଦ୍ରତଟସ୍ଥ ବିଶାଳ ବିପଣୀ ଗୃହ ( ଗୋଦାମ) ମାନଙ୍କୁ ସ୍ଥାନାନ୍ତରିତ ହେଲା । କିଛିଦିନ ବିଶ୍ରାମ କରି ଯାତ୍ରା ବଥା ତୁଟିଲା ଉତ୍ତାରୁ ବେପାରକୁ ବାହାରିବେ ବୋଲି ନାରାୟଣ ସାଧବଙ୍କୁ ମିତ୍ର ଚନ୍ଦ୍ର ସାଧବ ଅନୁରୋଧ କଲେ । ସେଇ ମଉକାରେ ଜଗନ୍ନାଥ ବ୍ରହ୍ମଦେଶ ଆବିଷ୍କାର କରିବାକୁ ବାହାରିଲା ।

ଇରାୱାଡ଼ି ଓ ରେଙ୍ଗୁନ୍ ନଦୀର ବିସ୍ତୃତ ଜନମାନବଶୂନ୍ୟ ଅବବାହିକା । ଅତ୍ୟନ୍ତ ଉର୍ବର ମୃତ୍ତିକା, ସୁନାଖଣି ଓ ଦୁର୍ମୂଲ୍ୟ ବୃକ୍ଷରାଜିରେ ପରିପୂର୍ଣ୍ଣ ଅଞ୍ଚଳ ଉପଭୋଗ କରିବାକୁ କେହି ନାହିଁ । ଚନ୍ଦ୍ର ସାଧବ ନିଶ୍ଚେ ଏମିତି ଦିନେ ଏଠିକି ଆସି ଦୁଇଶ' ବାଟି ଜମି ( ୧ ବାଟି = ୫ ଏକର) ଆବୋରି ଏବେ ରଜାଭୋଗ କରୁଛି । ପାଞ୍ଚଦିନ ପରେ ନାରାୟଣ ସାଧବ ବେପାର କରିବାକୁ ବାହାରିଲା । ତା'ସହିତ ବିଭିନ୍ନ ହାଟ ପେଣ୍ଠ ବୁଲି ବୁଲି ଜଗନ୍ନାଥ ଦେଖିଲା ଏଠି ଭାରତ, ଚୀନ୍, କାମ୍ବୋଜ ( କାମୋଡ଼ିଆ), ଶ୍ୟାମଦେଶ ( ଥାଇଲାଣ୍ଡ), ସିଂହଳ ( ଶ୍ରୀଲଙ୍କା) ଆଦି ସବୁ ଦେଶର ଜିନିଷ କିଣାବିକା ହେଉଛି । ଆଉ କଳିଙ୍ଗ ସାଧବତ ଏଠି ହାଉଯାଉ ।

ଜଗନ୍ନାଥ ନିଷ୍ପତ୍ତି ନେଲା ନାରାୟଣ ସାଧବ ସହିତ ଦେଶକୁ ଫେରି ନଯାଇ ଏଠି ରହିଯିବ । ନାରାୟଣ ସାଧବ ମଧ ଇତିମଧରେ ତା'ର ପାରିବାର ପଣିଆ ଦେଖି ନିଜ ହାତରେ ନିଜର ଉଜ୍ଜଳ ଭବିଷ୍ୟତ ଗଢ଼ିପାରିବାର ଦକ୍ଷତା ଆବିଷ୍କାର କରିସାରିଥିଲା । ତେଣୁ ସେ ଜଗନ୍ନାଥକୁ ନିଜ ଗୋଡିରୁ ମୁକ୍ତି ଦେଇଦେଲା । ଏତିକି ଦିନରେ ଅର୍ଜନ କରିଥିବା ଜ୍ଞାନ ତଥା ନିଜର ବୁଦ୍ଧି ଏବଂ ବଳକୁ ଲଗାଇ ଜଗନ୍ନାଥ ଖୁବ୍ କମ୍ ଦିନରେ ରେଙ୍ଗୁନ୍‌ର ବିସ୍ତୃତ ଇଲାକାରେ ଆଧିପତ୍ୟ ବିସ୍ତାର କଲା ।

ବୋଇତ ବାହୁଡ଼ିଲା । ଜଗନ୍ନାଥ ବାହୁଡ଼ିଲା ନାଇଁ । ଗାଁରୁ ଯାଇଥିଲେ ଛ 'ଜଣ, ଫେରିଲା ଜଣେ - ଘନ ପାଢ଼ୀ । ଦୁଇ ଜଣ ଅଜଣା ରୋଗରେ ମଲେ; ଜଣେ ରେଙ୍ଗୁନ୍‌ର ଗୋଟେ ଝିଅ ସହିତ ଭାବପୀରତି କରି ସେଇଠି ରହିଗଲା, ଆଉ ଜଣେ ନାରାୟଣ ସାଧବ ସହ ରିଷା ପଡ଼ିକି (ରାଗ ହୋଇ) ଆଉ ଜଣେ କଳିଙ୍ଗ ସାଧବର ବୋଇତରେ ବାଲି ଦ୍ୱୀପ ଚାଲିଗଲା । ଘନ ପାଢ଼ୀ ଏ ବାରତା ପାଞ୍ଚ ଘରେ କହିଦେଲା । କୌତୁକୀର ଶାଶୁ ଶଶୁର, ପୁଅ ବଞ୍ଚିଛି, ଭଲରେ ଅଛି, ଏବେ ନହେଲେ ବି କେବେ ଦେଶକୁ ଫେରିବ, ଏ ବାର୍ତ୍ତା ପାଇ ଆଶ୍ୱସ୍ତ ହେଲେ । ହେଲେ କୌତୁକୀ ? ଦାଣ୍ଡକୁ ଗଲେ ମରଦଙ୍କ ଆତଯାତ, ବାରିକୁ ଗଲେ ଶାଳଖଣ୍ଡି ବଣରୁ ମୟୂରର ଡାକ ଆଉ ଶାଳଫୁଲର ବାସ୍ନା, ଘରକୁ ଆସିଲେ ଶାରୀ ଚଢ଼େଇର ଜଗନ୍ନାଥ ଜଗନ୍ନାଥ ବୋଲି । ଓଃ ! ମେଦିନୀ ଫାଟିଯାଆନ୍ତାନି, ସୀତା ଠାକୁରାଣୀଙ୍କ ପରି ଭୂଇଁରେ ପଶିଯାଆନ୍ତି । ଆଉ ଏ ଅକୁହା ଯନ୍ତ୍ରଣା ଭୋଗିବାକୁ ପଡ଼ନ୍ତାନି । ଏହା କେବଳ କୌତୁକୀର ଅନ୍ତଦାହ ନଥିଲା, ଏହା ଥିଲା ଅକଳନ୍ତି ଓଡ଼ିଆଣୀଙ୍କର ଅସରନ୍ତି ମର୍ମବେଦନା, ଯେଉଁମାନଙ୍କ ଉଚ୍ଚାଭିଳାଷୀ ସ୍ୱାମୀମାନେ ନୌବାଣିଜ୍ୟ କରି ବିତ୍ତଶାଳୀ ସୌଦାଗର ହେବାର ସ୍ୱପ୍ନ ଦେଖି ପ୍ରବାସରେ ନିଜର ଠିକଣା ହଜାଇ ଦେଇଥିଲେ ।

ପାଞ୍ଚ ବର୍ଷ ପରେ ଜଗନ୍ନାଥ ଫେରିଲା । ସେତେବେଳକୁ ସେ ଆଉ ରସୁଣଗନ୍ଧିଆ କୋଚଟ ଚଷା ନଥିଲା । ଶାନ୍ତିପୁରୀ ଧୋତି ସହିତ ମସଲିନ୍ ଅଙ୍ଗୀ ଆଉ ଚମଡ଼ା ଚପଲ । ମୁଣ୍ଡରେ ବ୍ରହ୍ମଦେଶୀ ପଗଡ଼ି ସହିତ ହାତରେ ସୁନାବେଷ୍ଟ ଲଗା କାରୁକାର୍ଯ୍ୟଭରା ହାତୀଦାନ୍ତର ଛଡ଼ି । କାନରେ ମକର କୁଣ୍ଡଳ, ହାତରେ ବଳୟ କଙ୍କଣ । ରୂପଭେକ ସହିତ ଜଗନ୍ନାଥର ଚାଲିବା, ଚାହିଁବା, କଥା କହିବାର ଠାଣି ବି ବଦଳି ଯାଇଥିଲା । ଗାଁ ଦାଣ୍ଡରେ ଲୋକ ଟେରା ଡାଟକା ହେଇ ଚାହିଁ ରହିଲେ । ଇଏ କ'ଣ ସତରେ ମଧୁଆ ପୁଅ ଜଗନ୍ନାଥିଆ ! ପଛରେ ଚାରିଜଣ ଭାରୁଆ ଏକ ବିରାଟ ସିନ୍ଦୁକ ବୋହି ଆଣି ଘରେ ରଖିଲେ । ଦାଣ୍ଡଲୋକ କ'ଣ, ବାପାମା ', ଏମିତିକି କୌତୁକୀ ମଧ ନିଜ ଆଖିକୁ ବିଶ୍ୱାସ କରିପାରିଲାନି । ଯୋଉଦିନ କୌତୁକୀ ମୟୂର କଣ୍ଠିଆ ଦକ୍ଷଣୀ ପାଟ ପିନ୍ଧି ଖୋସାର ଚଉଁରୀ କାଠିଠୁ ପାଦର ପାହୁଡ଼ ଯାଏଁ ସୁନାରେ ଛାଉଣୀ ହେଇ ସ୍ୱାମୀ ସହିତ ହାନ୍ଦୋଳାରେ ବସି ପିଉସୀ ପୁଅ ଭାଇର ବାହାଘରରେ ଯୋଗଦେବାକୁ ଗଲା, ଲୋକେ କହିଲେ 'ହେଇ ଦେଖମ, ଜଗନ୍ନାଥ ସାଧବ କୌତୁକୀ ସାଧବାଣୀ ଯାଉଛନ୍ତି !'

ରେଙ୍ଗୁନ୍ ପରି ଏଠି ମଧ ଜଗନ୍ନାଥ ପ୍ରାୟ ଦେଢ଼ଶହ ଲୋକ ଲଗାଇ ଶାଳଖଣ୍ଡି ବଣରୁ ଏକ ବିସ୍ତୃତ ଅଞ୍ଚଳ ସଫା କରି ଚାଷ ଜମି ତିଆରି କଲା । ସେଇବାଟ ଦେଇ ଯାଉଥିବା ବାଘୁଆ ଝରକୁ ଦି'ମୁଣ୍ଡିଆ ମଝିରେ ବନ୍ଧେଇ ବିଲକୁ ପାଣି ମଡ଼େଇବାର ବ୍ୟବସ୍ଥା କଲା । ଦଶବାଟିଆ, ବାରବାଟିଆ ଆମ୍ବ ତୋଟା ଦୁଇଟା କଲା; ଗାଁଠୁ ଚିଲିକା ଯାଏଁ ବାଟରେ ଚାରିଟା ଚଟିଘର (ବିଶ୍ରାମ ଘର) ଓ କୂଅ ତିଆରି କଲା । ବାପା ମା' ଯାହା ମାନସିକ କରିଥିଲେ, ତାହା ପୂରଣ କଲା । ତା ସହିତ ଶହେ ବ୍ରାହ୍ମଣଙ୍କୁ ଗାଈ ଦାନ ଦେଲା । ଦରିଦ୍ରଙ୍କୁ ବସ୍ତ୍ର ଦାନ କଲା ।

ବାହୁଡ଼ା ବେଳ । ଜଗନ୍ନାଥ ପଚାରିଲା 'ମୋ ସାଙ୍ଗରେ ରେଙ୍ଗୁନ୍ ଯିବୁ କୌତୁକୀ ? ପ୍ରବାସରେ ଏକେଲା ରହିବା ଭାରି ଦୁଃଖିଲୋ' । 'ହଂସିନୀକୁ ଛ' ବର୍ଷ ହେଲା । ଆଉ ବରଷକେ ତା' ବିଭାଘର ହେବ । ତାକୁ ଧରି ପ୍ରବାସ ଗଲେ ବାହୁଡ଼ିଲା ବେଳକୁ ଆଉ ପାତ୍ର ମିଳିବେନି । ତା'ଛଡ଼ା ବୁଢ଼ା ବାପାମା, ଘର ଜଞ୍ଜାଳ କିଏ ବୁଝିବ ? ବରଂ ତମେ ଏପାଳି ଝଅଟ ବାହୁଡ଼ି ଆସିବ; କୌତୁକୀ ଉତ୍ତର ଦେଲା । ଜଗନ୍ନାଥ କହିଲା, ଜାଣିଲୁ, ମୁଁ ଭାବୁଛି ଛୋଟ ହେଉ ପଛେ ଏପାଳି ଗୋଟେ ବୋଇତ କିଣିବି । ବୋଇତ ନାଁ କ'ଣ ଦେବି ଜାଣିଛୁ ? କୌତୁକୀ । କୌତୁକୀ ହସିହସି ଗଡ଼ିଗଲା - ଛୋଟ ନାଇଁ, ବଡ଼ ବୋଇତ କିଣ ଆଉ ତା' ନାଁ ଦିଅ 'ହଂସିନୀ ବାପା' । ଜଗନ୍ନାଥ ତା' ହାତଧରି କହିଲା, 'ହଉ ତୋ' କଥା ରହିଲା । ବୋଇତଟେ କିଣିଦେଲେ ଆଉ ପରନିର୍ଭର ନକରି ମୋ'ର ଯେବେ ମନହବ ମୁଁ ତୋ' ପାଖକୁ ଆସିପାରିବି । " ଆରଥର ଆସିଲାବେଳକୁ ତୋ ' ପାଇଁ ମେଘମାଳିଆ, ଫଗୁରଙ୍ଗିଆ ଦକ୍ଷିଣୀପାଟ କଳିଙ୍ଗପାଟଣା ହାଟରୁ ଆଣିଦେବି ।

ରେଙ୍ଗୁନ୍‌ରେ ପହଞ୍ଚୁ କିନ୍ତୁ ସବୁକିଛି ଓଲଟପାଲଟ ହୋଇଗଲା । ଜଗନ୍ନାଥ ସେଠି ଗୋଟିଏ ସୁନ୍ଦରୀ ବ୍ରହ୍ମଦେଶୀ ଝିଅର ପ୍ରେମରେ ପଡ଼ିଗଲା ଓ ତାକୁ ବିବାହ କଲା । ସେ କେବଳ ସୁନ୍ଦରୀ ନଥିଲା । ଚତୁରୀ ମଧ ଥିଲା । ଉଭୟେ ମିଶି ନିଜର ସାମ୍ରାଜ୍ୟ ଆହୁରି ବିସ୍ତାର କଲେ । ୟା ଭିତରେ କେମିତି ଦଶବର୍ଷ ବିତିଗଲା ଜଣାପଡ଼ିଲାନି । ଦିନେ ଜଗନ୍ନାଥର ଦେଶ ମାଟି ମନେ ପଡ଼ିଲା । ଅନ୍ୟାନ୍ୟ ଅନେକ ଚିଜ ସହିତ ତେର ସିନ୍ଦୁକ ସୁନା ଭରି ସେ ରେଙ୍ଗୁନ୍‌ରୁ ପଶ୍ଚିମ ମୁହାଁ ବୋଇତ ମେଲିଦେଲା ।

ଅମାବାସ୍ୟା ରାତି । ମଝି ସମୁଦ୍ର । କେହିକିଛି ବୁଝିବା ଆଗରୁ ଜଳଦସ୍ୟୁ ଆକ୍ରମଣ କରିସାରିଥିଲେ । ଜଗନ୍ନାଥର ପାଇକମାନେ ଖୁବ୍ ଲଢ଼ିଲେ, ହେଲେ ଦଳଦସ୍ୟୁମାନଙ୍କ ଅସ୍ତ୍ର ଆଗରେ ପାରିଲେନି । ରାତି ପାହି ଆସିଲା ବେଳକୁ ଦଳଦସ୍ୟୁମାନେ ଜଗନ୍ନାଥକୁ ହାଣି ଖଣ୍ଡଖଣ୍ଡ କରି ସମୁଦ୍ରକୁ ଫୋପାଡ଼ି ଦେଲେ ଏବଂ ବୋଇତ ଅକ୍ତିଆର କରିନେଲେ । ଏ ଖବର ନା ବ୍ରହ୍ମଦେଶରେ ପହଞ୍ଚିଲା ନା ଜଗନ୍ନାଥର ଗାଁ ରେ । କୌତୁକୀ ସାଧବାଣୀ ଚାରିକୋଡ଼ି ଆଠବର୍ଷ ( ଅଠାଅଶୀ) ରେ ମଶାଣୀକୁ ଗଲାଯାଏଁ ଶଙ୍ଖାସିନ୍ଦୁର, ମୟୁରକଣ୍ଠିଆ ଶାଢ଼ୀପିନ୍ଧି ପ୍ରତୀକ୍ଷା କରିଥିଲା, ମନଟାଣ କରିଥିଲା, ଜଗନ୍ନାଥ ସାଧବ ନିଶ୍ଚେ ଫେରିବ । ହାତଧରି କଥା ଦେଇଥିଲା ନା !



Born and brought up in a family of social activists, Dr Biswabharati is determined to bring positive change in the society through her writings. She has done her PhD in cultural Anthropology and currently exploring with organic agriculture and ayurveda. She is an eminent columnist and regularly writes about burning social issues on various odia newspapers. Her articles have a touch of heritage, spiritualism, odia culture and current issues.

She has also given her talk several times at Akshavani Cuttack and few other reputed forum





# ଜାଭା ସୁନ୍ଦରୀ

## ଡା ଇନ୍ଦ୍ରମଣି ଜେନା

ଜାଭାରେ କଳିଙ୍ଗ ସମାଜ ଗଠନର ସହସ୍ରବର୍ଷ ପୂରିଗଲାଣି । ନୌବାଣିଜ୍ୟ ପ୍ରଖର ଗତିରେ ଚାଲିଛି । ଜାଭାକୁ ଯେତେ ପୋତ ଦୁନିଆରୁ ଆସୁଛି, ସବୁଠାରୁ ବେଶି ଆସୁଛି କଳିଙ୍ଗ ବୋଇତ । ଜାଭା ବି ପ୍ରବାସୀ କଳିଙ୍ଗ ଜନସଂଖ୍ୟାରେ ପରିପୂର୍ଣ୍ଣ ହୋଇଗଲାଣି । ଗୌତମ ବୁଦ୍ଧ ତିରୋଧାନ ହେବା ସହସ୍ରାବ୍ଦରୁ ଉର୍ଦ୍ଧ୍ୱ ହୋଇଗଲାଣି ।

ସେଇ ଜାଭା ରାଇଜର ପରିବାରଟିଏ । ଘଡ଼ିଏ ହେବ ସମସ୍ୟାଘେରକୁ ଆସି ଯାଇଛି ।

ସୁନ୍ଦରୀ କୋଳି ଖାଇବାକୁ ଗାଁ ପାଖ ଝାଡ଼ ଜଙ୍ଗଲକୁ ଯାଇଥିଲା । ବାନ୍ଧବୀ କଜଳୀ ସହିତ ବାଟ ବଣା ହୋଇଗଲା । ତାର ଆଉ ଦୁଇଜଣ ସହି ସଙ୍ଗାତ ଉଜଳୀ ଆଉ କମଳା ବସ୍ତିକୁ ଆସି ଖବର ଦେଲେ । ସୁନ୍ଦରୀ ଘରେ ସମସ୍ତେ ବ୍ୟସ୍ତ ବିବ୍ରତ ହୋଇ ପଡିଛନ୍ତି ।

ସେମାନେ କଅଣ ବିବ୍ରତ କରିବେ, ଷୋଡଶୀ କନ୍ୟା । ସେକାଳର ଜାଭାର ଉତ୍କଳୀୟ ବସତିର କଥା, ଝିଅ ଆଉ ଘିଅ । ଝିଅଟିଏ ବଢ଼ିଗଲେ, ମନରେ ଅନେକ ଆଶା ଆଉ ଭବିଷ୍ୟତ ଚିନ୍ତା ସହିତ ଅଜଣା ଭୟ ଭରି ରହିଥାଏ । ଆଖି ଆଗରୁ ଅପସରି ଗଲେ, ସବୁ ଚିନ୍ତା ଦକ ଘାରିବ । ପରିବାରର ବାପା, ମାଆ, ଜେଜେମା ତିନି ଜଣଯାକ ବୁଝୁଛନ୍ତି ଉଜଳୀ ପାଖରୁ । କେମିତି ସୁନ୍ଦରୀ ବାଟ ବଣା ହୋଇଗଲା । ଜଙ୍ଗଲ ଭିତରେ କୁଆଡେ ହଜି ଗଲା ଯେ, ପତ୍ତା ମିଳୁନି ତା'ର ।

ଆକାଶ ଦି' ପହରରେ ଯାହା ଦୋଅଡା ଖାଇବାକୁ ବସୁଥିଲେ, ଧାଇଁଲେ ଗାଁ ମୁଣ୍ଡ ଜଙ୍ଗଲକୁ । ମାଆ ଜହ୍ନ ଦେବୀ ଯାହା ବାହାରୁଥିଲେ, ଶାଶୁ ଶଇଳ କହିଲେ, "ପୁଅ ତ ଗଲାଣି ଖୋଜିବାକୁ । ତୁ ଟିକିଏ ଘରେ ଅପେକ୍ଷା କର । ନାତୁଣୀ ମୋର ବାଟ ବଣା ହୋଇ ଯାଇଛି । ଏକୁଟିଆ ନୁହଁ ପୁଣି ତା ସହୀ ସହିତ । ତୁ ଗାଁ ଦାଣ୍ଡକୁ ଚାହିଁ ଥା । ନିମିଷକେ ଫେରି ଆସିବ ।"

ମା ମନ । ଝିଅକୁ ଛାଡି କି ରହି ପାରୁଛି ? ଆଖି ଲୁହରେ ଭରି ଯାଉଛି । ଗାଁର ଚାରିଟା ଯାକ ଝିଅ । ଏକାଠି ବସିବେ, ଏକାଠି ଖେଳିବେ । ଖାଲି ଖାଇବା ଶୋଇବା ବେଳକୁ ନିଜ ଘର । କାହିଁକି ଖରାବେଳେ କୋଳି ଖାଇବାକୁ ଗଲେ ?

ନିଜ ମନକୁ ଥୟ ଧରି ଜହ୍ନ ନିଜକୁ ଆଶ୍ୱାସନା ଦେଉଛନ୍ତି । ଏଇ କଣ୍ଟାଝଣ୍ଟା ବଣରେ ବାଟ ବଣା ସମସ୍ତେ ହୁଅନ୍ତି । କିନ୍ତୁ ବଣା ହୋଇଗଲେ ବଡ ପାଟିରେ ରଡି ଛାଡିଲେ ସିନା କିଏ ଶୁଣିବ । ଚୁପ ଚାପ ରାସ୍ତା ଖୋଜିଲେ କିଏ ଜାଣିବ ହଜିଗଲେ ? ବାପା ତା'ର ଗଲେଣି ନିଶ୍ଚୟ ବଡ଼ ପାଟିରେ ଡାକି ଡାକି ଝିଅକୁ ପାଇଯିବେ ।

ପୁଣି ଟିକେ ଦାଣ୍ଡର ଦି ଦିଗକୁ ଚାହିଁ ମା ଜହ୍ନ ଦେବୀ ଶାଶୁଙ୍କ ମୁହଁକୁ ଚାହିଁଛନ୍ତି ।

ଶାଶୂ ଶଇଳ ଦେବୀ ସ୍ଥିର ଭାବରେ ବସିଛନ୍ତି । ଏମିତି ଅଜଣା ଭୟରେ ସିଏ ଆଦୌ ବିଚଳିତ ନୁହଁନ୍ତି । ଝିଅଟି ଟିକିଏ ବାଟବଣା ହୋଇଯାଇଛି । ନିଜ ଗାଁ ମାଟି । ଦୁଇ ଜଣ ବାନ୍ଧବୀ ଏକାଠି । ହଜିବ କେମିତି ? ଅବଶ୍ୟ ଏମିତି କଳିଙ୍ଗ ବସ୍ତିରେ ବି ଘଟିଛି । ମନ ମିଳିଲେ କେହି କେହି ତରୁଣୀ ପଟି ଯାଆନ୍ତି ଯୁଆନ ଟୋକା ସାଥିରେ । ନା ଜାତି ଗୋତ୍ରର ମେଳକ ଅଛି ସେ ଗନ୍ଧର୍ବ ପ୍ରଥାରେ ।

ହେଲେ, ନାତୁଣୀ ମୋର ସେମିତି ପିଲା ନୁହେଁ । ସେମିତି ହୋଇଥିଲେ, ତିନି ଜଣ ସାଙ୍ଗ ଧରି କାହିଁକି ଦିନ ଦିପହରରେ ଯାଇ ଥାଆନ୍ତା?

ତଥାପି ବି ସୁନ୍ଦରୀ ଝିଅଟିଏ ପାଇଁ ସଦାସର୍ବଦା ଭୟର ବାତାବରଣ ରହିଛି ଏହି ବସ୍ତିରେ । ଏହି ଦ୍ୱୀପରେ ଉତ୍କଳ ବସ୍ତିରେ ଲୋକକଥା ଜୀଇଁ ରହିଛି । ସୁନ୍ଦରୀ ଝିଅ ଟିଏ ଥିଲେ ପଶ୍ଚିମ ଦିଗର ବଡବୋଦର ବଡ ବନ୍ଦର ପାହାଡ ଆଡରୁ କେମିତି ରାଜକୁମାର ସୁନ୍ଦରୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଓହ୍ଲାଇ ଆସନ୍ତି । ତା ପରେ ସୁନ୍ଦରୀ ହଜିଯାଏ । ସିଏ ହୋଇଯାଏ ରାଇଜର ରାଣୀ !

ସୁନ୍ଦରୀ ଫେରିବାରେ ଡେରି ହେଉଛି । ଅଜଣା ଭୟରେ ଯାହା ମନ ଦକ ଦକ ହେଉଛି, ବୋହୂ ଜହ୍ନକୁ ଶଇଳ କିନ୍ତୁ ଆଶ୍ୱାସନା ଦେଇ କହୁଛନ୍ତି, ଆଉ ଟିକିଏ ଥୟ ଧର । ହେଇ ଆକାଶ ଫେରୁଥିବ ସୁନ୍ଦରୀକୁ ଧରି । ଯିବ କୁଆଡେ ଗାଁ ପାଖରୁ ?

କିନ୍ତୁ ମନ ଭିତରେ ଶିହରି ଉଠୁଛନ୍ତି ନିଜେ ଜେଜେ ମା' ଶଇଳ । ବୋହୂକୁ ଯେତେ ଆଶ୍ୱାସନା ଦେଲେ ବି ନିଜର ମନ ଦୁର୍ବଳ । ଗତ ରାତିରେ ନାତୁଣୀକୁ ଶୁଣାଇଥିବା ପୁରୁଣା କଥାଟିଏ । ତାଙ୍କ ଜେଜେ ମା'ଙ୍କ କାହାଣୀ । ବହୁ ରାତି ଯାଏ ଚେଇଁ ରହିଥିଲେ ଦୁଇ ଜଣ । ଶୋଇବା ବେଳେ ବଖାଣିଥିଲେ ଶଇଳ । ହୁଁ ମାରି ଶୁଣୁଥିଲା ନାତୁଣୀ ସୁନ୍ଦରୀ । ଆଉ ଗୋଟିଏ ସୁନ୍ଦରୀର କଥା । ପାପ ଛୁଉଁଛି ମନ ।

କଅଣ କେହି ସୁନ୍ଦର ଯୁବରାଜ ଆଉ ଥରେ ପାହାଡରୁ ଓହ୍ଲାଇ ଆସିଲେ କି ?

ସୁନ୍ଦରୀ ତାର ଜେଜେ ମା'ଙ୍କ କଥା ଶୁଣିବା ଭିତରେ ପଚାରିଥିଲା, "ଜେଜେ ମା', ତୁମେ ତୁମ ଜେଜେ ମା'ଙ୍କୁ ଦେଖିଛ? ସିଏ କଅଣ ତୁମ ପରି ଅତି ସୁନ୍ଦର?"

ଶଇଳ ଉତ୍ତର ଦେଲେ, "ମୋ ଜେଜେ ମା' ମୋ ଠାରୁ ବେଶି ସୁନ୍ଦର । ତାଙ୍କର ଗୋଲ ମୁହଁ, ଚାହାଣି ଆଉ କାନ ସବୁ ଚମତ୍କାର ଦେଖିବାକୁ । ଚମ୍ପକ ବର୍ଣ୍ଣୀ, ସୁନାଗୋରୀ । ବାଳ ଚିକ୍କଣ କଳା ଆଉ ଓଠ ସତେକି ସବୁବେଳେ କିଛି କହୁଛି । ତାଙ୍କଠାରୁ ମୁଁ ବହୁତ କଥା ଶୁଣିଛି । ସବୁଦିନ ରାତିରେ ନିଦ ହେବାଯାଏ ନିଜେ ଦେଖିବା କଥା କହନ୍ତି । ନ ଦେଖିବା କଥା କହିଲେ ବି ମୁଁ ଜାଣି ପାରେନା, ମୋତେ ଲାଗେ ସିଏ ଯେମିତି ଦେଖିଛନ୍ତି । ସିଏ କହୁଥିଲେ, ତାଙ୍କର ଜେଜେ ମା'ଙ୍କର ଜଣେ ସହୀ ସଙ୍ଗାତଙ୍କ କଥା.. .."

ସୁନ୍ଦରୀ କହି ପକାଇଲା, "ତୁମ ଜେଜେ ମା'ଙ୍କର ନାଁ କଅଣ ଥିଲା?"

ଶଇଳ କହିଲେ, "ମୋ ଜେଜେ ମା' ବହୁତ ପୂଜା କରନ୍ତି । ତାଙ୍କ ନାଁ ହେଉଛି ଶ୍ରୀ । ନିଜେ ସିଏ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ । ତୁ ବୁଝି ପାରୁଛୁ ଲକ୍ଷ୍ମୀ ଠାକୁରାଣୀ କିଏ?"

"ଜାଣିଛି ଆମ କଳିଙ୍ଗ ବସ୍ତିର ଘରଣୀମାନେ ଧନଦେବୀ ଲକ୍ଷ୍ମୀଙ୍କର ପୂଜା କରନ୍ତି । ପିଠା କରନ୍ତି, ଗେଣ୍ଡୁଫୁଲ ଦିଅନ୍ତି ଆଉ ଧାନ କେଣ୍ଡାରେ ସୁନ୍ଦର ମାଳ ବନାନ୍ତି । ଆମରି ଘରେ ତ ହୁଏ ।" ଉତ୍ତର ଦେଇଥିଲା ସୁନ୍ଦରୀ ।

ଶଇଳ କହିଲେ, "ମୋ ନାତୁଣୀଟା ତ କେତେ ଚତୁର । ଆମ ଜାତିର କେତେ ସଣ୍ଣା ଶିଖିଲାଣି । ତତେ ଜେଜେ ମା'ଙ୍କର ସହୀ ସଙ୍ଗାତ କଥା କହିବି । ତୋତେ ଭାରି ଭଲ ଲାଗିବ ।"

ସୁନ୍ଦରୀ ଶୋଇବା ସପ ମସିଣାରୁ ଉଠି ବସିଲା । କହିଲା, "ମା' ତୁ କହ । ମୁଁ ଶୁଣୁଛି । କାଳେ ନିଦ ଆସିଯିବ, ତୁ କହି ଚାଲିଥିବୁ । ପୁରୁଣା କାଳର କଥା ଶୁଣିବାକୁ ମୋତେ ଭାରି ଭଲଲାଗେ ।"

"ତୋତେ ମୁଁ ଯେଉଁ ସହୀ ସଙ୍ଗାତ କଥା କହିବାକୁ ଯାଉଛି, ତାଙ୍କ ନାଁ ତୋର ନିଶ୍ଚୟ ପସନ୍ଦ ହେବ । କାହିଁକି ନା ତାଙ୍କ ନାଁ ହେଉଛି ତୋ ନାଆଁ ପରି ସୁନ୍ଦରୀ ।"

ସୁନ୍ଦରୀ ଚମକି ପଡିଲା । ତାକୁ ଆଶ୍ଚର୍ଯ୍ୟ ଲାଗିଲା । ଏତେ ପୁରୁଣା କାଳରେ ଜେଜେ ମା'ଙ୍କ ଜେଜେ ମା' ସମୟରେ ବି ଝିଅ ନାଁ ଥିଲା ସୁନ୍ଦରୀ !

ପଚାରିଲା, "ମା', ସିଏ କେତେ ସୁନ୍ଦର ଥିଲେ?"

ଶଇଳ କହିଲେ, ମୁଁ କଅଣ ତାଙ୍କୁ ଦେଖିଛି ? ଯେତେହେଲେ ବି ତୋ ଠାରୁ କିଏ ସୁନ୍ଦର ପଣରେ ବଳିବ ? ତୁ ଆମର ଆଜିକା ଜାଭା ସୁନ୍ଦରୀ । କିନ୍ତୁ ସେଇ ସୁନ୍ଦରୀ ନାମକ ରମଣୀ ଆଜିର ଜାଭା ଲୋକ ମାନଙ୍କର ଉଦାହରଣ ହୋଇଛନ୍ତି । କେତେ ଭାଗ୍ୟବତୀ ଆଉ ସଳଖ ତାଙ୍କର ଭାଗ୍ୟରେଖା ! ଏମିତି କାହାଣୀ ପାଲଟି ଯାଇଛି ଯେ, ଆମ ଦେଶର ପିଲାମାନଙ୍କୁ ରାତିରେ ଗପ କହି ଶୁଆଇ ପକାଇବାର ଲୋକକଥା ପାଲଟି ଯାଇଛି ।

ସୁନ୍ଦରୀ କହିଲା ମା ସେଇ ସୁନ୍ଦରୀ କାହିଁକି ଭାଗ୍ୟବତୀ ବୋଲି କହୁଛୁ ?

ଶଇଳ କହିଲେ, ଶୁଣ ଆମ ଉତ୍କଳୀୟ ବଂଶର ଗୋଟିଏ ସାଧାରଣ କୃଷକ ଘରର ଝିଅ ହୋଇ ବି ସିଏ ନୂଆ ରାଜାଙ୍କର ମନୋନୀତ ରାଣୀ ହୋଇ ପାରିଥିଲେ । ସବୁ ବାଡୁଅ କନ୍ୟା ମାନଙ୍କର ଆଦର୍ଶ ନ ହେବେ କାହିଁକି ?

ଶୁଣୁ ସେ କାଳର କଥା ।

ଗୋଟିଏ ସମୟରେ ଜାଭା ଦ୍ୱୀପ ଶୂନଶାନ ଖାଲି ଦ୍ୱୀପଟିଏ ଥିଲା । ଗୋଟିଏ ବୋଇତ ଆସି ଲାଗିଲା ଆଉ ବୋଇତ ଲୋକମାନେ ଭିତରକୁ ଯାଇ ଜମିବାଡି ନଦନଦୀ ତନ୍ନ ତନ୍ନ କରି ଦେଖିଲେ । ସେମାନଙ୍କୁ ପସନ୍ଦ ହେଲା ଏ ଜାଭା ସ୍ଥାନଟି । ମାଟି ଭଲ । ଭଲ ଫସଲ ହେବ । ସେମାନେ ହେଉଛନ୍ତି କଳିଙ୍ଗ ରାଇଜର ଲୋକ । ପସନ୍ଦ କରିଗଲେ ଏଇଠି ବସତି କରିବେ । କଳିଙ୍ଗ ପୋତ ସବୁ ବେଳେ ଏହି କଳିଙ୍ଗୋଦ୍ର ସାଗର ଭିତରେ ବହୁ ଯାତାୟତ କରୁଛି । ଉର୍ବର ମାଟିର ଦେଶରେ ବସତି ସ୍ଥାପନ କରି ଦୁନିଆରେ ବହୁ କଳିଙ୍ଗ ନ ବସେଇବେ କାହିଁକି ?

ନିଜ ଶାସନକାଳରେ କଳିଙ୍ଗର ସମ୍ରାଟ ଖାରବେଳ ବାଛି ବାଛି ହଜାର ହଜାର କର୍ମଠ ପରିବାର ଏଠାକୁ ପଠାଇଲେ । ଜାଭା ଆଉ ଖାଁ ଖାଁ ଲାଗିଲାନି । ଚଳ ଚଞ୍ଚଳ ପାଲଟି ଗଲା । କଳିଙ୍ଗ ଧାନ ବିହନ ସହ ଲୋକ ମାଟି ପାଣି ଦେଖି ଚାଷ ରଚିଲେ, କିନ୍ତୁ ଦେଖିଲେ ଏଠିକା ଜଙ୍ଗଲରେ ଭରି ରହିଛି ଲବଙ୍ଗ, ଡାଳଚିନି, ଗୁଜୁରାତି ପରି ଅନେକ ମସଲା ଗଛ । ଭାଗ୍ୟବାନ ମନେକରି ଜାଭାକୁ ଏକ ଉତ୍ପାଦକ ଦ୍ୱୀପ ଭାବରେ ଗଢି ତୋଳିଲେ ।

ପୁରୁଷ କେଇଟାରେ ସମଗ୍ର ଦ୍ୱୀପଟି ସବୁଜିମାରେ ଭରିଗଲା । ବର୍ଷା ଋତୁର ଜାଭା ଗୋଟିଏ ବିରାଟ ଧାନ ବିଲ ପରି ଦେଖାଦେଲା । ଜାଭାର ଲବଙ୍ଗ, ଡାଲଚିନି ଆଉ କେତେ ମସଲା ମସଲି ସେଇ କଳିଙ୍ଗରେ ଏମିତି ସୁଆଦ ଲାଗିଲା, ପୋତ ଭରି ନେଇ ଚାଲିଲେ । ସେତିକି ସୁନା ଏଇଠୁ ନ ପାଇଲେ ବି ସାଧବ ଭାଇର ଗରମ ମସଲା ବେପାର ଚାଲିଲା । ଏହା ଦେଖାଦେଖି ଚାରିଆଡୁ ଲୋକମାନେ ଆସିଗଲେ, ସବୁ ପୋତ ସାଗରରେ ପ୍ରତିଦ୍ୱନ୍ଦ୍ୱିତା କରି ଜାଭା ବଡ ବନ୍ଦରକୁ ଆସିଲେ । କିନ୍ତୁ କଳିଙ୍ଗପୋତ ସବୁବେଳେ ଆଗୁଆ । ସାଧବପୁଅର ଏଠି ବି ଅମାର ଅଛି । କଳିଙ୍ଗର ରପ୍ତାନି ଅମାର ଆଉ ଜାଭାରେ ଆମଦାନି ଅମାର ।

ସେତିକି ବେଳକୁ ଆମ ଉତ୍କଳୀୟ ଦେଶରେ ନୂଆ ରାଜବଂଶ ଆସିଲା ଶୈଳସୁତ ବା ପଥର ସନ୍ତାନ ଭାବରେ । ବଂଶ ପରମ୍ପରା ରହିଛି ଶୈଳସୁତ ପରିବାରର । ମାତୃଭୂମି ମହେନ୍ଦ୍ର ପର୍ବତ । ପଶ୍ଚିମ ମହେନ୍ଦ୍ରଗିରିରୁ ଆରମ୍ଭ କରି ପୂର୍ବ କଳିଙ୍ଗ ଉପକୂଳ ମହାନଦୀ ଅବବାହିକା ଏମାନଙ୍କର କଙ୍ଗୋଦ ରାଜ୍ୟ । କଳିଙ୍ଗ ଯୁଦ୍ଧର ଏକ ସହସ୍ର ବର୍ଷ ପରର କଳିଙ୍ଗ । ନିଃସହାୟ କଳିଙ୍ଗ ଯୁଦ୍ଧର ଅବଶ ପେର ଚଳଚଞ୍ଚଳ ହୋଇ ପଡିଥିଲା ଚେଦି ବଂଶ ଶାସନରେ । ସେହି କଳିଙ୍ଗ ସାମନା କରି ସାରିଛି ସାତବାହନ, ଶଶାଙ୍କ ଆଉ ହର୍ଷବର୍ଦ୍ଧନଙ୍କୁ ।

ଶୈଳସୁତ ମାନେ ମହେନ୍ଦ୍ର ତନୟ ବୋଲି ଶୈଳଶିଳ୍ପର କଳ୍ପନା ଦେଖାନ୍ତି କଙ୍ଗୋଦ ପୃଷ୍ଠରେ । ଏକାମ୍ରରେ ପ୍ରଦର୍ଶନ କରନ୍ତି ପର୍ଶୁରାମେଶ୍ୱର ମନ୍ଦିର । ନିଜ ନାମର ସାର୍ଥକତା ଶିଳାଶିଳ୍ପରେ ଉଦ୍ରେକ କରନ୍ତି, କଙ୍ଗୋଦରେ ଶିଳାଶିଳ୍ପର ଆଦର ବହୁତ । ଏହି ପଥର ଶିଳ୍ପର ସର୍ବଶ୍ରେଷ୍ଠ ଶିଳ୍ପୀ ନୃପତିଙ୍କର ପୁରସ୍କାର ପାଇବା ସହ ରାଜପାର୍ଷଦର ସଭ୍ୟ ହେବାର ଯୋଗ୍ୟତା ପାଆନ୍ତି ।

ଧୁରନ୍ଧର ହୋଇଛି କଙ୍ଗୋଦ ସାଗର ଯାତ୍ରାରେ । ତିର୍ତ୍ତୋଲରୁ ଚନ୍ଦ୍ରଭାଗା, ପାଲୁର, ମହେନ୍ଦ୍ର ତନୟା ସବୁ ନଦୀ କୂଳରୁ ବିଦେଶ ବଣିଜ । ଶହ ଶହ ନୌବହର ଚଳେ ଜାଭା, ବାଲି, ଚମ୍ପା ଆଉ ସବୁ ସୁବର୍ଣ୍ଣ ଦ୍ୱୀପକୁ । ଭିନ୍ନ ଦିଗରେ ତାମ୍ରପର୍ଣ୍ଣୀ ସିଂହଳ । ଶୈଳୋଦ୍ଭବ ରାଜକୋଷ ଅନେକାଂଶରେ ଭରିଯାଏ ସାଗର ସମ୍ପତ୍ତି ଆୟରେ ।

ଅହିଂସା ପରମଧର୍ମ । ଏଇ କଙ୍ଗୋଦର ପୁଲିନ୍ଦସେନ ସ୍ୱପ୍ନ ଦେଖିଲେ ଭଗବାନ ସ୍ୱୟମ୍ଭୁଙ୍କୁ ପ୍ରାର୍ଥନା କରନ୍ତି । ଏମିତି ଜଣେ

ମଣିଷ ସୃଷ୍ଟି କରନ୍ତୁ ଯିଏ ରାଜ୍ୟର ଶାସନଭାର ହାତକୁ ନେବେ । ସେଇଠୁ ଆଧ୍ୟାତ୍ମିକତା ଭରା ଶୈଳୋଭବ ବଂଶର ଉତ୍ପତ୍ତି । ପ୍ରଥମ ଶୈଳସୁତ ଧର୍ମରାଜ । ଧର୍ମର ପୁରୁଷ, ରଣ ଖୋର ନୁହନ୍ତି, ତାଙ୍କର ଅନ୍ୟନାମ ରଣଭୀରୁ । ସେମିତି ଅନେକ ରାଜନ୍ ଆଉ ଅହିଂସ ନାମଧାରୀ । ଦୁଇ ଶତକ କଙ୍ଗୋଦ ଶାସନକାଳରେ ଅଛନ୍ତି ସୈନ୍ୟଭୀତ ତ ଆୟଶୋଭିତ । ଏମିତି ପ୍ରବଳ ସୈନ୍ୟବାହିନୀ ସପକ୍ଷରେ ଏ ରାଜକୁଳ ନାହିଁ, କେତେବେଳ ଶଶାଙ୍କ ବଙ୍ଗ ଦିଗରୁ ଆସି ଏମାନଙ୍କୁ କରଦ ରାଜା ଭାବରେ ଦେଖିଲେଣି ତ କେତେବେଳେ ହର୍ଷବର୍ଦ୍ଧନ ବି ସେମିତି ନେଇଛନ୍ତି ଏମାନଙ୍କୁ । ପଡୋଶୀ ଭୌମକର ପୂର୍ବରୁ ଆଉ ସାମନ୍ତ ଗଙ୍ଗରାଜ ଶ୍ୱେତକ ରାଜ୍ୟରୁ ଏବେ ଯେପରି ଆକ୍ରମଣ ଆରମ୍ଭ କଲେଣି, ଶୈଳସୁତ ଅଳପପାଦ ସ୍ୱଳ୍ପ ଶାସନରୁ ଅବସର ନେବାକୁ ବସିଲେଣି । କେବଳ ପାଳି ପଡିଛି ଏବେ ରାଜ୍ୟ ଭାର ଯୁବରାଜ ପ୍ରଶାନ୍ତପାଦଙ୍କ ଉପରେ ।

ମାତୃଭୂମି ଠାରୁ ଲୋଭ ତୁଟି ଯାଉଛି କଙ୍ଗୋଦ ରାଜପୁତ୍ର ପ୍ରଶାନ୍ତପାଦଙ୍କର । ରାଜେନ୍ଦ୍ରାସନ ଛାଡି ଆଜି ଶୈଳୋଭବ ରାଜବଂଶ ଫକୀର ହୋଇଯାଇଛି । ନିଃଶବ୍ଦରେ ପଡୋଶୀ ରାଜା ମାନଙ୍କର ଉତ୍ପାତ ପାଖରୁ ବିଦାୟ ନେବାର ନିଷ୍ପତ୍ତି ନେଉଛନ୍ତି । ପତ୍ତା ହରାଇବାକୁ ବସିଛି ଶୈଳୋଭବ ବଂଶ । କଙ୍ଗୋଦ ଚାଲି ଗଲାଣି ଭୌମକର ପରିସୀମାକୁ । ପ୍ରତିରୋଧ ନାହିଁ କାହାର । ଏମିତି କେଉଁ ରାଜା ରାଜ୍ୟ ଛାଡି ପଳାତକ ହୋଇଯାଇନି । କିନ୍ତୁ ଶୈଳସୁତ ମାନେ ଧର୍ମରେ ଶାସନ କରି କଅଣ ବିନା ଅସ୍ତ୍ରେ ତିଷ୍ଠି ପାରିବେ?

ଯାହା ସନ୍ଦେହ ଥିଲା ତାହା ଆଜି ପ୍ରମାଣିତ ହୋଇଛି । ବଳ ଯାହାର ଗାଦି ତାହାର । ଭୌମକର ରାଜବଂଶ ବିନା ଯୁଦ୍ଧରେ ଶୈଳୋଭବମାନଙ୍କ ଠାରୁ କଙ୍ଗୋଦ ଛଡାଇ ନେଇ ପାରିବ ବୋଲି ନିଶ୍ଚିତ, ପୁଣି ଗଙ୍ଗ ସାମନ୍ତ ମାନେ ବି କିଛି ଅଂଶ ପାଇଯିବାକୁ ଅପେକ୍ଷା କରିଛନ୍ତି ।

ପ୍ରଶାନ୍ତପାଦ ଶାନ୍ତିରେ ରହିବାକୁ ଚାହାନ୍ତି । ବୟସ ଅଠେଇଶ ବର୍ଷ । ଅବିବାହିତ । ବଂଶ ମର୍ଯ୍ୟାଦାରେ ଯୁଦ୍ଧ ମନୋବୃତ୍ତି ବିରହିତ ।

ସିଏ ଭୌମରାଜ କି ଗଙ୍ଗ ସାମନ୍ତଙ୍କର କରଦ ହେବାକୁ ଅନାଗ୍ରହୀ । ବରଂ ନିଜେ ରାଜଧାନୀ ବାଣପୁରରୁ ଅନ୍ତର୍ଦ୍ଧାନ ହୋଇଯିବେ, କାହାର ବଶତା ସ୍ୱୀକାର କରିବେନି । ସତକୁ ସତ ଏମିତି ଘଟିଗଲା କଙ୍ଗୋଦ ରାଇଜରେ । ରାତି ପାହାନ୍ତାରେ କଅଣ ଘଟିଲା, କେହି ବି ସକାଳୁ ଟେର ପାଇଲେ ନି ଶୈଳସୂତ ମାନେ କୁଆଡେ ଗଲେ ।

ଭୁଲିଗଲେ କଳିଙ୍ଗ, ଉତ୍କଳ, ତୋଷାଳି, କଙ୍ଗୋଦ ଆଉ କୋଶଳ । ସତ୍ତା ରହିନାହିଁ ଧର୍ମପ୍ରାଣ ଶୈଳୋଭବ ରାଜବଂଶର । ଯୁଗ କେଇଟା ଅନ୍ତର ହୋଇଛି କି ନା, କଙ୍ଗୋଦ ଆଉ ତୋଷାଳି ରାଜ୍ୟର ଅନେକ ମଛା ମଛା ଶିଳାଶିଳ୍ପୀଙ୍କୁ ଜାଭାରୁ ଉଚ୍ଚ ମୁଦ୍ରା ବିନିମୟରେ ବୌଦ୍ଧ ମନ୍ଦିର ନିର୍ମାଣ କରିବାର ଆକର୍ଷଣୀୟ ନିମନ୍ତ୍ରଣ ଆସିଲା । କିନ୍ତୁ ଗୋଟିଏ ସର୍ତ୍ତ ରହିଲା, ବିଶ୍ୱର ସବୁଠାରୁ ସୁନ୍ଦର ବୁଦ୍ଧମୂର୍ତ୍ତି କରାହେବ, ଏମିତି କି ବୈତରଣୀ ଅବବାହିକାର ଲଳିତଗିରିର ବିଶାଳ ବୁଦ୍ଧ ମସ୍ତକଠାରୁ ଆହୁରି ବହୁଗୁଣା ସୁନ୍ଦର ମୂର୍ତ୍ତି ସହିତ ବହୁ ମୁଦ୍ରାର ବୁଦ୍ଧ ପୂଜା ପାଇବେ ଜାଭାରେ । ବଡ ବନ୍ଦର (ବୋର ବଦୁର) ପାଖ ହ୍ରଦ ଦୁଇ ପାଶ୍ୱର୍ ପାହାଡରେ ବିଶ୍ୱ ବିଖ୍ୟାତ ବୌଦ୍ଧ କୀର୍ତ୍ତି ରଚାଇବାର ଦୁର୍ବାର ପରିକଳ୍ପନା କରୁଥିଲେ ଜାଭାର ପ୍ରତାପୀ ନୃପତି ।

ଉତ୍କଳୀୟ ଶିଳ୍ପୀ ମାନେ ବୋଇତରେ ଯାଇ ବଡ ବନ୍ଦରରେ ପହଞ୍ଚି ଗଲେ । ଜାଭାରେ ପହଞ୍ଚି ଜାଣିଲେ ସେଠିକାର ନୃପତିଙ୍କ ବଂଶ ଉତ୍କଳୀୟ । ସିଏ ମହାଜାନ ବୌଦ୍ଧ ସମ୍ପ୍ରଦାୟର । ତାଙ୍କ ବିଷୟରେ ସକଳ ବୃତ୍ତାନ୍ତ ଶୁଣିବାକୁ ପାଇଲେ । ଶୈଳେନ୍ଦ୍ର ରାଜବଂଶ ପ୍ରତିଷ୍ଠା କରି ରହିଥିବା ରାଜନ୍ ଆଉ କେହି ନୁହନ୍ତି, କଙ୍ଗୋଦ ରାଜପରିବାର ବଂଶୋଭବ । କେଇ ଦଶକ ଆଗରୁ ସେଇ ରାଜବଂଶ ସତ୍ତା ହରାଇ ସାରିଛି କଙ୍ଗୋଦ ରାଜ୍ୟରୁ ।

ଶୈଳସୂତଙ୍କର କଙ୍ଗୋଦ ରାଜଭବନରୁ ନିର୍ଗମନର ପଥ ଖୋଜି ବୁଲିଲେ ଶିଳ୍ପୀବୃନ୍ଦ । ତଥ୍ୟ ମିଳିଲା ଜାଭା ଉତ୍କଳୀୟ ବସତିରୁ ।

ଯେଉଁ ଦିନ ଶୈଳସୂତ କଙ୍ଗୋଦ ରାଜଧାନୀ ବାଣପୁର ଛାଡି ଜାଭାମୁଖୀ ପୋତରେ ନିଜର ମାତୃଭୂମି ତ୍ୟାଗ କରୁଥିଲେ, ସେ ଜାଣି ପାରି ନଥିଲେ କଅଣ ଘଟିବାକୁ ଯାଉଛି । ବୋଇତରେ ପରିଚୟହୀନ ଭାବରେ ସେ କଙ୍ଗୋଦର ଚିଲିକାରୁ ଆସି ଜାଭାରେ ପହଞ୍ଚି ଗଲେଣି ଅଥଚ ସେହି ଯାନରେ ସହଯାତ୍ରୀମାନେ ତାଙ୍କର ପରିଚୟ ପାଇନାହାନ୍ତି । ଗମ୍ଭୀର ଭାବରେ ଚିନ୍ତାଶୀଳ ଶୈଳନନ୍ଦନ ପ୍ରଶାନ୍ତପାଦ । ନିଜ ଜନ୍ମ ଅଧିକାର କଙ୍ଗୋଦରେ ନିଜ ପାଦତଳୁ ସିନା ମାଟି ଖସିଗଲା । ଏଇ ଜାଭାରେ ତାଙ୍କର ପାଦକୁ ଆଶ୍ରା ମିଳିବ ତ ? ମନରେ କିନ୍ତୁ ଆଶା ରହିଛି ତାଙ୍କର । ଏହି ଜାଭାର ଉତ୍କଳୀୟ ତଥା କଙ୍ଗୋଦ ପ୍ରବାସୀ ଜନସଂଖ୍ୟାର ବହୁଭାଗ । ଜାଭା ରୂପ ନେଇଛି ଦ୍ୱିତୀୟ କଙ୍ଗୋଦର । ତାଙ୍କ ମନରେ ଦୃଢ ବିଶ୍ୱାସ, ଜାଭା ତାଙ୍କର ଧାର୍ମିକ ରାଜବଂଶର ମର୍ଯ୍ୟାଦା ଆଉ ଧର୍ମଭାବକୁ ମହତ୍ୱ ଦେବ । ଜାଭା ଦ୍ୱୀପରେ କଳିଙ୍ଗପରି ସୀମା ବିବାଦର ପ୍ରଶ୍ନ ନାହିଁ ।

ଜାଭା ବୋର-ବୋଦର ବା ବଡ ବନ୍ଦର ବୋଇତରୁ ବାହାରି ପାହାଡ ଉପରୁ ତଳକୁ ଓହ୍ଲାଇ ନିଛାଟିଆ ଡଗରରେ

ଗଳାବେଳକୁ ଜଣେ ସୁନ୍ଦରୀ ତରୁଣୀ କାଠଚମ୍ପାର ଫୁଲମାଳଟିଏ ଆଣି ତାଙ୍କ ଗଳାରେ ଦେଲାଣି । ଏଇ ଫୁଲଟି ଜାଭା ଆଉ ବାଲିରେ ଉତ୍କଳୀୟ ରଚିତ । ଦେବ ଆଉ ଅତିଥି ସତ୍କାରର ଉତ୍ତମ ପନ୍ଥା ।

ତରୁଣୀଟିକୁ ଦେଖି ପ୍ରଶାନ୍ତପାଦଙ୍କ ପାଦ ସ୍ଥିର ହୋଇଯାଇଛି । ଆକର୍ଷଣୀୟ ମୁଖମଣ୍ଡଳ ଯୁବତୀଟିର । ସତେକି ସିଏ କଙ୍ଗୋଦ ଶିଳାଶିଳ୍ପୀର ସେଇ ନବଯୁବତୀ, ମୁହୂର୍ତ୍ତକ ଆଗରୁ ନିଜର ପ୍ରସାଧନ ସାରି ଆଇନାରେ ମୁହଁ ଦେଖି କେଶରାଶି ସଜାଡି ନେଇଛି । ସୁନ୍ଦର ମୃଗନୟନୀ କାହିଁକି ଏକୁଟିଆ ଏହି ଅରଣ୍ୟରେ ଫୁଲମାଳଟିଏ ଧରି ଅପେକ୍ଷା କରିଛି ? ଏଇ ଚମ୍ପା ଫୁଲ ତ ଆମ ରାଇଜର । ନିଶ୍ଚୟ ଉତ୍କଳୀୟ ମାନେ ପ୍ରବାସରେ ଏହାର ମହକରେ ଜନ୍ମମାଟିର ସ୍ମୃତି ଅନୁଭବ କରୁଥିବେ । ମନରେ ସନ୍ଦେହ ଆସୁଛି ତରୁଣ ଯୁବରାଜଙ୍କର । କଅଣ ଯୁବତୀ କେହି ଜଣା ପ୍ରେମିକପାଇଁ ଗଳାମାଳଟିଏ ତିଆରିକରି ଭୁଲବଶତଃ ତାଙ୍କୁ ବରଣ କରିଦେଇଛି କି ?

କଳିଙ୍ଗ, କଙ୍ଗୋଦ କି ଉତ୍କଳର କନ୍ୟା ପାଖରୁ ଏମିତି ଚୋରା ପ୍ରୀତି ଆଶା କରାଯାଏନା । ସେ ନିଶ୍ଚିତ ଭ୍ରମରେ ପଡିଛି ପ୍ରେମିକର ସମରୂପ ଦର୍ଶନରେ । ବାୟାଣୀ ହୋଇଛି ସୁନ୍ଦରୀ !

ଆଶ୍ଚର୍ଯ୍ୟ ହୋଇ ଆଗନ୍ତୁକ ପଚାରିଛନ୍ତି, "ତରୁଣୀ ତୁମେ ମୋତେ ଠିକ ରେ ଚିହ୍ନି ପାରୁଛ ତ?"

ସରଳ ବାଳିକା ଲାଜଭରା ଦୃଷ୍ଟିରେ ଉତ୍ତର ଦିଏ, "ଏହି ରାସ୍ତାରେ କେବଳ ଦେବତାମାନେ ଯା' ଆସ କରନ୍ତି ।"

ଆଗନ୍ତୁକ ଚମକି ପଡିଲେ । କହିଲେ, "ମୁଁ ଦେବତା ନୁହେଁ, ଭୁଲ୍ ରାସ୍ତାରେ ଚାଲି ଆସିଲି ।"

ବଡ ଦୃଢ ଭାବରେ ବାଳିକା କହିଲା, "ଏ ରାସ୍ତାରେ ଯିଏ ଯାଏ, ସିଏ ଦେବତା । ଆପଣ ଯିଏ ହେଲେ ବି ଆମର ଦେବତା ।"

ଅଧିକ କଥା ନହୋଇ ପ୍ରଶାନ୍ତପାଦ ଆଗେଇ ଚାଲିଲେ । ମନଟା ଟିକିଏ ଦୋହଲିଗଲା । ତାଙ୍କର ରୂପରେ ଭୋଳିକି ସୁନ୍ଦରୀ । ଏଇ ରାଜ୍ୟରେ ଉତ୍କଳୀୟ ମାନେ କିଛି ପ୍ରଥା ପ୍ରଚଳନ କରିଥିବେ । ଆକଟ ନଥିବ ସୁନ୍ଦରୀ କନ୍ୟା ମାନଙ୍କର ଦେବପୂଜା କରିବାକୁ କି ଦେବତାଙ୍କୁ ବରମାଲ୍ୟ ଦେବାକୁ । ଆଉ ମଣିଷକୁ ମନର ଭାଷାରେ ଦେବତ୍ୱ ଦେବାକୁ । ସମାଜରେ ଏଇ ମୂଲ୍ୟବୋଧକୁ କଦର୍ଥ କରିବାର ମାନସିକତା କାହିଁକି ନିଜ ମନରେ ଆସିଲା, ସେଥିପାଇଁ ଅନୁତପ୍ତ ହେଲେ । ଏହି ସୁନ୍ଦରୀଠାରୁ ଶିକ୍ଷା ନେଲେ, ମନର ମାୟା କ୍ଷଣିକ ଭ୍ରମରେ ମତି ହରାଇବା ବେଳକୁ ବିବେକବନ୍ତ ହେବା ସର୍ବାଦୌ ସ୍ପୃହଣୀୟ ।

ସିଏ ସୁନ୍ଦରୀ ମୁହଁକୁ ଟିକିଏ ଭଲରେ ଦେଖି ହସିଦେଲେ ଆଉ ଡଗରରେ ଆଗେଇ ଚାଲିଲେ ।

ଜାଭା ତାଙ୍କୁ ଚାହିଁ ରହିଛି ଭବ୍ୟ ସମ୍ବର୍ଦ୍ଧନା ଦେବାକୁ । ସୁନା କଳସ ପୂର୍ଣ୍ଣ ହୋଇ ଅପେକ୍ଷା କରିଛି କିପରି ନୂଆ ରାଜା ନିର୍ବାଚିତ ହେବେ । ଅରାଜକ ରାଇଜର ରାଜା ଚୟନରେ ଭାଗ୍ୟବାନ ପ୍ରଶାନ୍ତପାଦ ହିଁ ରାଜଗାଦି ଲାଭକଲେ । ମନରୁ ହଜିନି କଙ୍ଗୋଦର ସ୍ମୃତି । ନିଜର ନୂତନ ନାମକରଣ କଲେ ଶୈଳେନ୍ଦ୍ର । ରାଜବଂଶର ନାମ ରଖିଲେ ତଦନୁଯାୟୀ । ରାଜ୍ୟର ଯାବତୀୟ ଦୁର୍ଦ୍ଦଶା ଉପଲବ୍ଧି କରିବାକୁ ତାଙ୍କର କଙ୍ଗୋଦ ଅଭିଜ୍ଞତା ସାହାଯ୍ୟ କଲା । ଦେଶର ଉତ୍ପାଦନ ଆଉ ବଣିଜ ସମ୍ପ୍ରସାରିତ ହୋଇ ଜାଭା ସୁବର୍ଣ୍ଣ ଦ୍ୱୀପର ଦିପିଦଣ୍ଡି ସାଜିଲା । ସୁବର୍ଣ୍ଣ ଯୁଗ ଆସିଲା ଶୈଳେନ୍ଦ୍ର ରାଜବଂଶ ରାଇଜକୁ ।

ଭଗବାନଙ୍କ ଦ୍ୱାରରେ କିଏ କୋଉଠି ଉପସ୍ଥାନ ଦେବ, ତାହା କେବଳ ଭଗବାନଙ୍କୁ ହିଁ ଜଣା । ନିଜର ଭାଗ୍ୟ ବଳରେ ଶୈଳେନ୍ଦ୍ର ସମୟକ୍ରମେ ଶତ୍ରୁ ସାଜିଥିବା କଳିଙ୍ଗ ଭୌମକର ନୌବାଣିଜ୍ୟର ଗନ୍ତବ୍ୟ ସ୍ଥଳରେ ଜାଭାରେ ଯେ ନିର୍ଣ୍ଣାୟକ ହେବେ, କାହାର କଳ୍ପନାରେ ନଥିଲା । କଳିଙ୍ଗ ମାନସପଟରୁ ପୂର୍ବତନ ରାଜବଂଶର ସ୍ମୃତି ହଜି ଯାଇଥିଲେ ବି ଶୈଳେନ୍ଦ୍ର ବଂଶ ପ୍ରବାସରେ କଳିଙ୍ଗ ରାଜ୍ୟର ମର୍ଯ୍ୟାଦା ବଢାଇଛନ୍ତି ।

ପାଖ ଦ୍ୱୀପ ଗୁଡିକ ଜାଭାର ସମୃଦ୍ଧିରେ ଆନନ୍ଦିତ ଥିଲେ । ସୁବର୍ଣ୍ଣ ଦ୍ୱୀପର ଏମିତି ବିକାଶ ସମ୍ଭବ, ସେଇ ଆଶାରେ ସେମାନେ ଜାଭାର ଶତ ପ୍ରଶଂସା କରିବାକୁ ଲାଗିଲେ । ସବୁଆଡେ ଶୈଳେନ୍ଦ୍ର ଯୁବରାଜଙ୍କ ପରିଣୟ ବିଷୟରେ ଆଲୋଚନା ହେଲା । ବହୁ ଆମନ୍ତ୍ରଣ । କିନ୍ତୁ ଯୁବରାଜ କୌଣସି ରାଜପରିବାରରେ ବିବାହ କରିବାକୁ ମନା କରିଦେଲେ ।

ପୁନର୍ବାର ବଡ ବନ୍ଦରର ସେଇ ସୁନ୍ଦରୀର ସନ୍ଧାନ ନେଲେ । ଜାଣିଲେ ପାହାଡ ତଳର ସେଇ ଉତ୍କଳୀୟ ବସତିର ସେଇ କନ୍ୟାଟି ସେଠିକାର ମୁଖ୍ୟ ସ୍ଥପତି ସୁସ୍ଥାପକଙ୍କର କନ୍ୟା । କନ୍ୟାଟି ଯେବେ ଜନ୍ମ ନେଲା, ତାହା ପିତାଙ୍କର ଦଶମାସ ସମୟ ନେଇ ପ୍ରସ୍ତୁତ ଶୈଳସୁନ୍ଦରୀର ଅବିକଳ ମୁଖମଣ୍ଡଳ ଧାରଣ କରିଥିଲା । ବାପାମାଆ ଆଗ୍ରହରେ ନାମକରଣ କଲେ ସୁନ୍ଦରୀ !

ଶୈଳେନ୍ଦ୍ର ଯୁବରାଜ ନିଜ ଇଚ୍ଛାରେ ଉତ୍କଳୀୟ ବସତିର ସେଇ ସାଧାରଣ ସରଳ ତରୁଣୀ ସୁନ୍ଦରୀ କୁ ବିବାହ କଲେ । କି ଅପୂର୍ବ ଭଗବତ ବିଶ୍ୱାସ ତା'ର । ପ୍ରତିଟି ମଣିଷ ଦେବତା । ନିଜେ

ମନରେ ଦେବତୁଲ୍ୟ ନହେଲେ ଏମିତି ଧାରଣା କେଉଁଠୁ ଆସିବ ? ଅତିଥି ହିଁ ଦେବତା । ସେଇ ମର୍ମରେ ସେ ଅଯାଚିତ ଆଦରରେ ମହକିତ କାଠଚମ୍ପା ଫୁଲମାଳରେ ନିମନ୍ତ୍ରିତ କରିଥିଲା ତାଙ୍କୁ । ଭାଗ୍ୟବତୀ ହୋଇ ଯେଉଁ ଆଗମନୀ ଫୁଲହାର ସମର୍ପଣ କରିଥିଲା, ତାହା ଶୈଳତନୟଙ୍କ ପାଇଁ ଆଣିଥିଲା ସୌଭାଗ୍ୟ ।

ସେଇ ଉତ୍କଳୀୟ ରମଣୀ ଶୈଳେନ୍ଦ୍ର ରାଜପ୍ରାସାଦ କଳିଙ୍ଗ ସଣ୍ଡଣାରେ ସୁସଜ୍ଜିତ କରିଥିଲେ । ବର୍ଦ୍ଧିତ ଶୋଭାରେ ସେଠିକାର ବସତି ଅନୁଭବ କରିବାକୁ ଲାଗିଲା ଉତ୍କଳ ଯେମିତି ସାଗର ଦେଇ ଜାଭାରେ ସ୍ଥାନ ନେଇଗଲାଣି । ରାଜା ଶୈଳେନ୍ଦ୍ରଙ୍କୁ ସୁନ୍ଦରୀ ରାଣୀ ଦୁଇ ପୁତ୍ର ଉପହାର ଦେଇ ରାଜବଂଶକୁ ସୁପ୍ରତିଷ୍ଠିତ କରିଥିଲେ । ଶୈଳେନ୍ଦ୍ର ରାଜବଂଶର ଉଜ୍ଜ୍ୱଳ ଭବିଷ୍ୟତ ।

ସେଇ ଦିନରୁ ଜାଭାରେ ସୁନ୍ଦରୀ ଝିଏ ଟିଏ ଜନ୍ମନେଲେ, ସାଇଭାଇ କହନ୍ତି ତା ପାଇଁ ରାଜକୁମାର ସ୍ୱର୍ଗରୁ ପାହାଡ ତଳକୁ ଓହ୍ଲାଇ ଆସିବେ । ସୁନ୍ଦରୀକୁ ବାହା ହୋଇ ଜାଭାରେ ରାଜା ହେବେ !

ଜେଜେ ମା କହି ଚାଲିଛନ୍ତି, ସୁନ୍ଦରୀ ଶେଯରେ ବସିରହି ଶୁଣୁଛି ।

ପଚାରିଲା, ମା, ସେଇ ସୁନ୍ଦରୀ ନିଶ୍ଚୟ ହୋଇଥବେ ଅତି ସୁନ୍ଦରୀ । ସିଏ ଏତେ ଇତିହାସ କରି ଲୋକ ମୁହଁରେ ଆଜି ବି ରହିଛନ୍ତି ! ଖାଲି ସୁନ୍ଦରରେ ନୁହେଁ, ଅନେକ ଉତ୍କଳୀୟ ସ୍ମୃତି ଆଉ ଐତିହ୍ୟକୁ ସାଉଁଟି ଧରିଛନ୍ତି ।

ଶଇଳଙ୍କ ମନର ଭାବନା ଅନ୍ତହେଲା ଯେତେବେଳେ ସତକୁ ସତ ନାତୁଣୀକୁ ଘରକୁ ଫେରିବାର ଦେଖିଲେ । ଗୋଡରେ ଝାଡ କଣ୍ଟା ପଶିଯାଇ ଥିବାରୁ ଦୁଇ ଜଣଙ୍କର ଫେରିବାରେ ଡେରି ହୋଇଥିଲା ।

## କ୍ଷେତ୍ର ପ୍ରସ୍ତୁତି-


୧. ମୁଖାର୍ଜୀ.ଆର.କେ (ଇଣ୍ଡିଆନ୍ ସିପିଂ, ଆଲାହାବାଦ, ୧୯୬୨) ଖ୍ରୀଷ୍ଟ ଜନ୍ମର ମାତ୍ର ୭୫ ବର୍ଷ ବେଳକୁ କଳିଙ୍ଗ ନାବିକ ମାନେ ଜାଭାରେ ପହଞ୍ଚିସାରିଥିଲେ ।

୨.ମଜୁମଦାର, ଆର.ସି. (ହିନ୍ଦୁ କଲୋନିଜ୍ ଇନ ଫାର୍ ଇଷ୍ଟ) ଜାଭାର କିମ୍ବଦନ୍ତୀ ଅନୁଯାୟୀ ଖ୍ରୀଷ୍ଟ ଜନ୍ମର ପ୍ରଥମ କେଇ ଶତାବ୍ଦୀରେ କଳିଙ୍ଗ ରାଜପୁତ୍ର ୨୦ ହଜାର ପରିବାର ଜାଭାରେ ବସବାସ କରିବାକୁ ପଠାଇଥିଲେ । ଜାଭାର ଅର୍ଥନୈତିକ ବିକାଶ ଗୋଟିଏ ଲକ୍ଷ୍ୟ ଥିଲା ।

୩. ବେହେରା କରୁଣା ସାଗର, (ଉତ୍କଳ ହିଷ୍ଟୋରିକାଲ୍ ଜର୍ଣ୍ଣାଲ, ୧୯୯୩) - ମାଲୟ ଆନାଲ୍ସ ବର୍ଣ୍ଣନା ଅନୁଯାୟୀ ସୁନ୍ଦର ଲୋକ କଥା ହେଉଛି, କଳିଙ୍ଗ ବିଚିତ୍ରା ସ୍ୱର୍ଗରୁ ଓହ୍ଲାଇ ପାଲେମ୍ବାଙ୍ଗ ପର୍ବତରେ ପହଞ୍ଚିଲେ ଏବଂ ଦେଶ ଶାସନ ହାତକୁ ନେଲେ । ସୁନ୍ଦରୀକୁ ବାହା ହୋଇ ଦୁଇ ପୁଅର ଜନକ ହେଲେ ।

୪. ଅନେକ ଶବ୍ଦ କଳିଙ୍ଗର ବୋଲି ପ୍ରମାଣିତ - କଳିଙ୍ଗ, କ୍ଲିଙ୍ଗ, ସୁବର୍ଣ୍ଣଦ୍ୱୀପ, ମହାୟାନ ବୌଦ୍ଧଧର୍ମ, ବୋର-ବୁଦୁର ବା ବଡ-ବନ୍ଦର, ଲଳିତଗିରି ବୁଦ୍ଧ ମୂର୍ତ୍ତି ପରି ବୋର-ବୁଦୁର ବୁଦ୍ଧ, କଳିଙ୍ଗ ଲିପି ସଦୃଶ ପୂର୍ବ-ନାଗରୀ ଲିପି, କଳିଙ୍ଗ ଆର୍ଯ୍ୟ, କୁଞ୍ଜ (ଗଜ) ଦେଶ, ଚନ୍ଦ୍ରଭାଗା କେନାଲ, କଳିଙ୍ଗପୁର, ସଜନା ଶାଗ, ପିଠା, ଶ୍ରୀ, ଅଷ୍ଟଭୂଜା ଦୁର୍ଗା,

୫. ମହତାବ, ହରେକୃଷ୍ଣ, (ହିଷ୍ଟୋରୀ ଅଫ୍ ଓଡିଶା, ୧୯୮୧) ଅଷ୍ଟମ-ନବମ ଶତାବ୍ଦୀର ସୁବର୍ଣ୍ଣ ଦ୍ୱୀପର ଶୈଳେନ୍ଦ୍ର ରାଜବଂଶ କେଙ୍ଗୋଦ (ମହାନଦୀରୁ ମହେନ୍ଦ୍ରଗିରି ମଧ୍ୟରେ ଅବସ୍ଥିତ ରାଜ୍ୟ) ସପ୍ତମ-ଅଷ୍ଟମ ଶତାବ୍ଦୀର ଶୈଳୋଦ୍ଭବ ରାଜବଂଶଜ ବୋଲି ଆକଳନ କରାଯାଏ ।

୬. ପାତ୍ର, ବେଣୁଧର, (ଓଡିଶା ରିଭ୍ୟୁ, ୨୦୧୩ । ଜାଭା-ଓଡିଶା ସମ୍ପର୍କ ।)





**ଡାକ୍ତର ଇନ୍ଦ୍ରମଣି ଜେନା,** ଏମ୍.ଡି. (ମେଡିସିନ୍) । ଡାକ୍ତର ଜେନା ଜଣେ ପ୍ରତିଷ୍ଠିତ ଲୋକପ୍ରିୟ ଚିକିତ୍ସକ, ତାଙ୍କର ଜନ୍ମସ୍ଥାନ ଭୁବନେଶ୍ୱର ସନ୍ନିକଟ ଖଣ୍ଡଗିରି ପାଦଦେଶରେ ଥିବା ଡୁମୁଡୁମା ଜାଗମରା ଗ୍ରାମରେ । ତାଙ୍କର ୫୦ ବର୍ଷର ସେବାଦାନ ପେଶା ସହିତ ଅତୁଟ ଆଗ୍ରହ ରହିଛି ଇତିହାସର ଅନ୍ଧକାରରୁ କିଛି ଅନୁଧାନ କରିବାକୁ । ସେଥିପାଇଁ ସେ ଇତିହାସର ଜଣେ ପ୍ରବୀଣ ପାଠକ ଏବଂ ନିଜ ଭାଷାରେ ରଚନା କରିଛନ୍ତି ଖାରବେଳଙ୍କ ଜୀବନୀକୁ ନେଇ "ନିଶାର୍ଦ୍ଧ ଶାଳଭଂଜିକା", ଗଜପତି କପିଳେନ୍ଦ୍ରଙ୍କ ସମ୍ମାନାର୍ଥେ "ଦିଗବିଜୟୀ ଗଜପତି" । ଏ ଦୁଇଟିର ଇଂରାଜୀ ଅନୁବାଦ "Salabhanjika" ଏବଂ "Gajapati Kapilendra Deva and His Mastodon Power" ଆମେରିକାର ବ୍ଲାକ୍ ଇଗଲ୍ ଦ୍ୱାରା ପ୍ରକାଶିତ । ଏହା ବ୍ୟତୀତ ତାଙ୍କର "ଫକ୍କଡ୍", "ଏଇମାଟିର କାହାଣୀ", "ବେଭାର", "ତୃଷ୍ଣା" ଗଳ୍ପ ବହି ସହିତ ସ୍ୱାସ୍ଥ୍ୟ ସମ୍ପର୍କୀୟ "ଓଡିଶାରେ ସ୍ୱାସ୍ଥ୍ୟ", "ରକ୍ତଚାପ", "ମଧୁମେହ ଉପଚାର", "ସାପକାମୁଡା ଚିକିତ୍ସା" ଏବଂ ଲୋକାଦୃତ "ଘର-ଚିକିତ୍ସା" ଆଦି ସ୍ୱାସ୍ଥ୍ୟ ସଚେତନତାମୂଳକ ପୁସ୍ତକ ପ୍ରକାଶିତ । ୧୯୪୮ ମସିହାରେ ଜନ୍ମିତ ଡା. ଜେନା ଏବେ ବି କଳିଙ୍ଗ ଇତିହାସରେ ହଜିଯାଇଛନ୍ତି, ଏବେ ବି କଳିଙ୍ଗଯୁଦ୍ଧ ସମ୍ବନ୍ଧୀୟ ଇଂରାଜୀ ଐତିହାସିକ ଉପନ୍ୟାସଟିଏ ଯନ୍ତ୍ରସ୍ଥ ରହିଛି ।

# ଭାଷା ର ଜୀବନୀ ଶକ୍ତି

**ସୁନୀଲ କୁମାର ବିଶ୍ୱାଳ**



ଚାଲନ୍ତୁ ଫେରିଯିବା ୧୯୦୫ ମସିହାର ଏକ କର୍ମମୟ ଦିବସକୁ । ସ୍ଥାନ ମାଲେସିଆର ଘଞ୍ଚ ଜଙ୍ଗଲ । ଦିନ ବେଳେ ବି ରାତିର ଭ୍ରମ ସୃଷ୍ଟି କରୁଥିବା ଏହି ଅରଣ୍ୟ ରେ ଗୋଟିଏ ଗୋଟିଏ ଗଛର ମୋଟେଇ ଏତେ ଯେ ତାକୁ କାଟିବାକୁ ପନ୍ଦର ଦିନ ସମୟ ଲାଗିଯାଏ । ସେତେବେଳ ସାରା ପୃଥିବୀରେ ବ୍ରିଟିଶ ସାମ୍ରାଜ୍ୟ ର ଶାସନ ଚାଲୁଥାଏ ଦକ୍ଷିଣ ପୂର୍ବ ଏସିଆ ର ଯେତେ ସବୁ ଦେଶ ବ୍ରିଟିଶ ମାନଙ୍କ କବଳ ରେ ଥାଏ ସେଠି ଶ୍ରମିକ ଦରକାର ହେଲେ ଭାରତରୁ ହଜାର ହଜାର ଶ୍ରମିକଙ୍କୁ ଜାହାଜ ରେ ବୋଝେଇ କରି ନିଆଯାଉଥାଏ । ତେବେ ମାଲେସିଆର ସେଇ ଘନ ଘୋର ଜଙ୍ଗଲରେ ଦୁଇଟି ଶ୍ରମିକ ଦଳ ଗୋଟାଏ ବିରାଟ ଗଛ କୁ କାଟିବାରେ ଲାଗିଥାନ୍ତି । ଭାରତରୁ ଯାଇଥିବା ଦଳଟି ଗଞ୍ଜାମର ସୋରଡା ଅଞ୍ଚଳର ଓ ଅନ୍ୟ ଦଳ ଟି ସୁମାତ୍ରାରୁ ଆସିଥାନ୍ତି । କାମ ଚାଲିଥିବା ବେଳେ ଶ୍ରମ ଲାଘବ ପାଇଁ ଗଞ୍ଜାମ ଦଳର କେହି ଜଣେ ଓଡ଼ିଆ ଶ୍ରମିକ ଲୋକ ସଙ୍ଗୀତ ଟେ ଗାଇଲା - ଏ ମହୁରୀଆ, ଅନ୍ୟମାନେ ପାଳି ଧରିଲେ - ଓଃ, ପ୍ରଥମ ଲୋକ ଟି ପୁଣି ବୋଲିଲା - ଦାଣ୍ଡ ରେ ବଜାଇଲା ଢୋଲ .. । ଏ ଗୀତ ଶୁଣି ସୁମାତ୍ରାରୁ ଆସିଥିବା ଶ୍ରମିକ ଦଳ ଗଛ କାଟିବା ବନ୍ଦ କରି ଆଶ୍ଚର୍ଯ୍ୟ ଚକିତ ହୋଇ ଶୁଣିବାରେ ଲାଗିଲେ । ଗୀତ ଶେଷ ରେ କହିଲେ - ତମେ କେମିତି ଏ ଗୀତ ଜାଣିଲ ? ଇୟେ ତ ଆମ ସୁମାତ୍ରା ର ଗୀତ, ଟିକିଏ ଟିକିଏ ଅଲଗା ଲାଗୁଛି, କିନ୍ତୁ ଇୟେ ତ ପୁରା ଆମ ଗୀତ ? ଦୁଇ ଦଳ ପରସ୍ପର କୁ ଅନାଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ଛଡା ଆଉ କିଛି କରିବା ଅବସ୍ଥା ରେ ନଥିଲେ । ସେଠି ଲଢେଇ ଚାଲିଥିଲା ଭୋକ ବିରୁଦ୍ଧରେ, ଜୀବନ କୁ ପାଣି ଛଡେଇ ପେଟ ପାଇଁ ମୁଠିଏ ଭାତ

ପାଇଁ ସାତ ସମୁଦ୍ର ତେର ନଈ ପାର ହୋଇ ଯାଇଥିବା ସେଇ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଶ୍ରମିକ ମାନଙ୍କ ପାଇଁ ଓଡ଼ିଆ ଜାତିର ଇତିହାସକୁ ପାର୍ଯ୍ୟାଲୋଚନା କରିବାକୁ ନା ଥିଲା ସମୟ ନା ଥିଲା ସ୍ପୃହା ।

ଏବେ ମାଲେସିଆରେ ରହୁଥିବା ସେଇ ଓଡ଼ିଆଙ୍କ ବଂଶଧର ମାନେ ନିଜ ପୂର୍ବ ପୁରୁଷଙ୍କ ଠାରୁ ଶୁଣିଥିବା ଅନେକ ଅଙ୍ଗେନିଭା କାହାଣୀ ଭିତରୁ ଏଇ କାହାଣୀ ବି ଗୋଟିଏ । ଏଇ କଥାଟି ଶୁଣିଲେ ମନରେ କ୍ଷଣକ ପାଇଁ ହେଲେ ବି ଉଦ୍ଭାସିତ ହୁଏ ପ୍ରାଚୀନ ଓଡ଼ିଆଙ୍କ ଦରିଆପାରୀ ବାଣିଜ୍ୟ ର କଥା । ଦିନେ ଯେ ଓଡ଼ିଆ ସାଧବ ମାନେ ବୋଇତ ଧରି ଜାଭା ସୁମାତ୍ରା ସିଂହଳ ବୋର୍ଣ୍ଣିଓ ଆଦି ଦେଶ ମାନଙ୍କୁ ଯାଉଥିଲେ, ଏଇ କଥା ଟି ତାର ଏକ ପ୍ରମାଣ ନୁହେଁ କି ? ଏହା ମଧ୍ୟରେ ୧୨୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି । ମୂଳ ଭୂଖଣ୍ଡରେ ଓଡ଼ିଆ ମାନେ ପ୍ରତିଯୋଗିତାମୂଳକ ଭାବରେ ନିଜ ଭାଷା ନିଜ ସଂସ୍କୃତି କୁ ଭୁଲିବାରେ ଲାଗିଛନ୍ତି ଓ ସେଇ ପରିପେକ୍ଷିରେ ଏଇ କାହାଣୀଟି ଆମ ଚେତନରେ ବିଶେଷ ଆଲୋଡନ ସୃଷ୍ଟିକରିବାର ଆଶା କ୍ଷୀଣ ।

ସୁମାତ୍ରାରୁ ଏବେ ଫେରିବା ମାଲେସିଆକୁ ଶହେ କୋଡିଏ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଏବେ ମଧ୍ୟ ସେଇଠି ବଞ୍ଚି ରହିଅଛି ଓଡ଼ିଆ ଭାଷା, ଲୋକ ଗୀତ, ଭକ୍ତିର ଧାରା । ଏବଂ ଓଡ଼ିଆ ମାନେ ଏବେବି ବ୍ୟାକୁଳ ନିଜ ଭାଷାକୁ, ସଂସ୍କୃତିକୁ ଅଧିକା ଜାଣିବା ପାଇଁ । ସମୟ ଓ ପରିସ୍ଥିତିରେ ଏବେ ତାଙ୍କ ପରିବାର ଢାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ହେଉଛି । ଅନ୍ୟଭାଷା ଓ ଦେଶର ଲୋକଙ୍କ ସହ ବିବାହ, ବୃତ୍ତିଗତ ଜୀବନରେ ଅନ୍ୟଭାଷାର ବ୍ୟବହାର ସତ୍ୱେ କେମିତି କେଜାଣି ଓଡ଼ିଆ ଏବେବି ବଞ୍ଚିଛି ତାମିଲ ବୋହୁ ଠାରୁ ଜନ୍ମିତ ନାତି ଯେତେବେଳେ ଚାଇନିଜ ଝିଅକୁ ବାହା ହେଉଛି, ଜେଜେ ବାପା ଙ୍କ କଡା ହୁକୁମ - ତମ ପୁଅ ଯେଉଁ ଭାଷାରେ କଥା କହୁଛି କହୁ, ମୋ ପାଖକୁ ଆସିଲେ କେବଳ ଓଡ଼ିଆରେ ହିଁ କଥା ହୁଏ ଯେମିତି । ବାସ, ନାତି ର ପୁଅ ତା ବାପା ମା ସହ ଇଂରାଜୀ, ମାଣ୍ଡାରିନ କିମ୍ବା ତାମିଲରେ କଥାହେଲେ ବି, ଘରେ ବୁଢା ବୁଢ଼ୀଙ୍କ ସହ ଓଡ଼ିଆରେ କଥା ହେଉଛି । ସନ୍ଧ୍ୟା ହେବା ମାତ୍ରେ ବୁଢା ବୁଢ଼ୀ ମାନେ ବସି ଭଜନ ଗାଉଛନ୍ତି - "ଜୟ ଜୟ ଜଗନ୍ନାଥ ସନ୍ଧ୍ୟା ଦୀପ ବେଳେ ...।" କମଳଲୋଚନ କୁ ଗାଉଛନ୍ତି କମ୍ବଲଲୋଚନ, କିନ୍ତୁ ଗାଉଛନ୍ତି । ନାଁ ଉଦ୍ଧବ, କିନ୍ତୁ ଲେଖୁଛନ୍ତୁ ODAO, କାରଣ ଠିକ୍‌ଟା କେମିତି ଲେଖାଯିବା ଉଚିତ, କେହି ନାହିଁ କହିବା ପାଇଁ । ମୂଳ ଓଡ଼ିଶାର ଲୋକେ ଏବେ ଭୁଲିଯାଇଥିବା ଅନେକ ଶବ୍ଦ, ଲୋକଗୀତ, ଗୀତ, ଭଜନକୁ ସେମାନେ ତାଙ୍କ ଦୈନନ୍ଦିନ ବ୍ୟବହାରରେ ପ୍ରଚଳିତ କରି ରଖିଛନ୍ତି । ତାଙ୍କ ଓଡ଼ିଆ ପ୍ରୀତିରେ କାଣିଚାଏ ବି ଉଣା ନାହିଁ । କିନ୍ତୁ ଉପଯୁକ୍ତ ପରିବେଶର ଶୂନ୍ୟ ସ୍ଥାନ ଯୋଗୁ ଶବ୍ଦ ଭଣ୍ଡାର କ୍ରମଶଃ ସଂକୁଚିତ, ବିକୃତ ହୋଇଯାଉଛି । ଠିକ୍ ଉଚ୍ଚାରଣ ଟା କଣ କହିବାକୁ କେହି ନାହିଁ । ବୋଲୁଥିବା ଲୋକ ଗୀତ ବା ଭଜନର ଅର୍ଥ କ'ଣ କହିବାକୁ କେହି ନାହିଁ । ଶହେ ବର୍ଷ ଧରି ସେମାନଙ୍କ ଜ୍ଞାନର ଭଣ୍ଡାରରେ ଆଉ ନୂଆ କିଛି ଯୋଡି ହୋଇନାହିଁ, ବରଂ ଜଣେ ଜଣେ ବ୍ୟକ୍ତି ବିଶେଷଙ୍କ ମୃତ୍ୟୁ ପରେ ତାଙ୍କ ପାରଦର୍ଶିତା ଥିବା ଗୀତ ଟିଏ ବା ନାଚ ଟିଏକୁ ଭରଣା କରିବାକୁ ଆଉ ନୂଆ କେହି ସୃଷ୍ଟି ହୋଇନାହାନ୍ତି ।

ସେଇ ମାଲେସିଆ ଭୂମିରେ ଭାରତର ଅନ୍ୟ ପ୍ରାନ୍ତରୁ ଯାଇଥିବା ଭାଷାଭାଷୀ ଲୋକ ମାନଙ୍କ ର ସାଂସ୍କୃତିକ ଧାରା ପଲ୍ଲବିତ ହୋଇ ରହିଛି ଓ ବରଂ ନୂଆ ଭାବେ ସମୃଦ୍ଧ ହେଉଛି । ମୂଳ ଭୂଖଣ୍ଡ ସହିତ ଯୋଗାଯୋଗ ତଥା ମାଲେସିଆରେ ସଂଖ୍ୟା ବହୁଳତା ଯୋଗୁଁ ତାଙ୍କ ପ୍ରତିପତ୍ତି ଏବେ ବି ଯଥେଷ୍ଟ ଅଧିକ । ଅଥଚ ଓଡ଼ିଆ ମାନେ ସଂଖ୍ୟା ରେ ଯଥେଷ୍ଟ କମ୍ । ପୂର୍ବ ପୁରୁଷଙ୍କ ଠାରୁ ପୁରୁଣା ଦିନର ଶୁଣା କଥା କୁ ମନେ ପକାଇ ବର୍ତ୍ତମାନ ପିଢ଼ିର ଜଣେ ବୟସ୍କ ବ୍ୟକ୍ତି ଡ଼.ରଙ୍ଗାଧର ନାୟକ କୁହନ୍ତି ଯେ ୧୯୦୫ରେ ଓଡ଼ିଶାରେ ଲୋକମାନେ ବହୁତ କଷ୍ଟରେ ଚଳୁଥିଲେ । ଏପରିକି ଦିନକୁ ଦୁଇବେଳା ଖାଇବା ପାଇଁ ସେମାନେ ସକ୍ଷମ ନଥିଲେ । ଏସମୟରେ ଶୁଣାଗଲା ଯେ ଇଂରେଜ ସରକାର ମାଲେସିଆରେ ଜଙ୍ଗଲ କାଟି ସଫା କରିବା ଓ ରବର ଫାର୍ମରେ କାମ କରିବନାକୁ ଶ୍ରମିକ ନେଉଛନ୍ତି । ରହିବା ପାଇଁ ଘର ଓ ଦିନ ଶେଷରେ ମଜୁରୀ ଦେବେ । ମାଡ୍ରାସ ପ୍ରେସିଡେନସି ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ସୋରଡ଼ା ରୁ ଅନେକ ଶ୍ରମିକ ବାହାରିଲେ ଯିବାପାଇଁ । ଗୋପାଳପୁରରୁ ରଜୁଲା, ଜଳଦୁର୍ଗା, ଚିଲିକା ବାଷ୍ପଚାଳିତ ଜାହାଜ ସବୁ ଥରକୁଥର କଳିଙ୍ଗାପାଟଣା, ମାଡ୍ରାସ ରୁ ଆସି ଆଗକୁ ଯାଉଥାଏ ବ୍ରହ୍ମଦେଶ, ମାଲେସିଆ, ଇଣ୍ଡୋନେସିଆ ଇତ୍ୟାଦି ଦେଶକୁ । ଜାହାଜର କ୍ଷମତା ଠାରୁ ଦୁଇଗୁଣ ଅଧିକା ଯାତ୍ରୀ ନିହାତି ଅମାନୁଷିକ ପରିବେଶରେ ଯାତ୍ରା କରୁଥାନ୍ତି । ଆସନ୍ତା ଦିନରେ ରହିବା ପାଇଁ ଘର ଓ ମଜୁରୀ ମିଳବା ସ୍ୱପ୍ନରେ ସେମାନେ ଯାତ୍ରା ଜନିତ କଷ୍ଟକୁ ସହି ନେଉଥାନ୍ତି । ଜାହାଜରେ ଯେତେ ଯାତ୍ରୀ, ସବୁଠୁ ଅଧିକା ତାମିଲ, ତାପରେ ତେଲୁଗୁ । ଓଡ଼ିଆଙ୍କ ସଂଖ୍ୟା ଏତେ କମ୍ ଯେ ସେମାନଙ୍କୁ ଗୋଟିଏ ଅଲଗା ଗୋଷ୍ଠି ଭାବେ ଗଣିବାର ଆବଶ୍ୟକତା ଦରକାର ପଡିନି । ଭାଷାକୁ ପଚାରେ କିଏ, କେମିତି କାମ କରି ଦୁଇ ପଇସା ମଜୁରୀ ମିଳିଲେ ଜୀବନ ଟା ବଞ୍ଚି ଯିବ ସେଇଟା ବଡ଼କଥା ।

କିନ୍ତୁ ମଣଷ ମନ ଭିତରେ ତାର ନିଜ ମାତୃଭାଷା, ମାତୃଭୂମି, ସଂସ୍କୃତି ପ୍ରତି ଏକ ଦୁର୍ବାର ଆକର୍ଷଣ ସବୁବେଳେ ରହିଥାଏ । ଯେ ପର୍ଯ୍ୟନ୍ତ ନିଜ ପରିବେଶରେ ମଣଷ ରହିଥାଏ, ତାର ଏହି ଦିଗଟି ତାକୁ ନିଜକୁ ଜଣାପଡ଼ିନଥାଏ । କିନ୍ତୁ ନିଜ

ମୂଳପରିବେଶରୁ ଦୁରେଇ ଗଲେ, ମନ ଭିତରେ ଅପ୍ରକାଶ୍ୟ ଭାବେ ରହିଥିବା ଏହି ଆକର୍ଷଣ ଟି ଦିନେ ଅଦମନୀୟ ଇଚ୍ଛାରେ ପରିଣତ ହୁଏ । ଯେଉଁ ଓଡ଼ିଆ ପରିବାର ଗୁଡିକ ମାଲେସିଆ ଯାଇଥିଲେ, ସେମାନେ ସାଙ୍ଗରେ ନେଇଥିବା ସାମାନ୍ୟ ଘରକରଣା ଜିନିଷ ଓ ବସ୍ତ୍ର ସହ ଯେଉଁ ଅସାମାନ୍ୟ ଜିନିଷ ନେଇଥିଲେ ତା ହେଲା ସେମାନଙ୍କ ଆଜନ୍ମ ସ୍ମୃତିରେ ସାଇତା ଭଜନ, ଜଣାଣ, ଲୋକଗୀତ, ଅକ୍ଷର ଜ୍ଞାନ, ପର୍ବପର୍ବାଣି, ଖାଦ୍ୟ, ପିଠାପଣା ଇତ୍ୟାଦିର ସମ୍ଭାର । ଘର ବା ନିଜ ଗଡ଼ା ଛୋଟିଆ ପରିବେଷ୍ଟନୀ ବାହାରେ ତାମିଲ ବା ତେଲୁଗୁ ପରିଚୟରେ ହଜିଯାଉଥିବା ତାଙ୍କ ପରିଚୟ କିନ୍ତୁ ନିଜ ପରିସର ଭିତରେ ଥିଲା ଖାଣ୍ଟି ଓଡ଼ିଆ । ସେମାନେ ତାଙ୍କ ଓଡ଼ିଆ ପରିଚୟକୁ ବଜାୟ ରଖିଲେ, ନ ରଖିବେ ବା କେମିତି ? ନିଜ ଅସ୍ଥିମଜ୍ଜା ଗତ ଅଭ୍ୟାସ କୁ ଛାଡି କଣ ଜୀବନ ଜିଇଁ ହୁଏ ନା ସେଥିରେ ସ୍ୱାଦ ଥାଏ ? ସକାଳେ ସନ୍ଧ୍ୟା ରେ ତୁଳସି ମୂଳରେ ପାଣି ଦିଆ ଠୁଁ ଜଗନ୍ନାଥ ଙ୍କ ଭଜନ, ଘୋଡା ନାଚ, ମହୁରିଆ ଗୀତ, କେଶବ କଲିଲି, ଚଉତିଶା ଆଦି ସବୁକିଛି କୁ ସେମାନେ ଉଜ୍ଜୀବିତ କରି ରଖିଲେ । ପୁରୁଷ ପରେ ପୁରୁଷ ସେଇ ପ୍ରଥା ଗଡି ଚାଲିଲା । ଓଡ଼ିଶାରୁ ଅବଧାନ ଯାଇ ଚାହାଳୀ ଖୋଲି ପିଲାଙ୍କୁ ଓଡ଼ିଆ ଅକ୍ଷର ସହ ଗୀତ, ଛାନ୍ଦ, ଚଉତିସା ଶିଖାଇଲେ । ସେତେବେଳେ ବ୍ରିଟିଶ ସାମ୍ରାଜ୍ୟର ଅଂଶ ଭାବେ ଦେଶରୁ ଦେଶ ଯିବା ଏବେ ଭଳି ନିୟମ କାନୁନ ବନ୍ଧା ନଥିଲା । ଏହି ଭଳି ଓଡ଼ିଆ ମାନଙ୍କ ଜୀବନ ସେଇ ବିଦେଶ ଭୂଇଁ ରେ ଏକ ନୂଆ କୁନି ଓଡ଼ିଶା ଭଳି ପରିବେଶରେ ଛନ୍ଦାୟିତ ଢଙ୍ଗରେ ଚାଲିଲା । ଦିନ ଆସିଲା, ବ୍ରିଟିଶ ସାମ୍ରାଜ୍ୟ ଅପସରିଗଲା ଓ ସ୍ଥାନୀୟ ସରକାରଙ୍କ ବ୍ୟବସ୍ଥା ଲାଗୁ ହୋଇଗଲା । ଦେଶ ଦେଶ ଭିତରେ ଯାତାୟାତ ଉପରେ ନିୟନ୍ତ୍ରଣ ଲାଗିଲା । ଓଡ଼ିଶାରୁ ସ୍ୱଚ୍ଛନ୍ଦ ରେ ଯାଇ ଓଡ଼ିଆ ଶିଖାଉଥିବା ଅବଧାନ ମାନେ ଆଉ ଆଗଭଳି ଯାଇପାରିଲେ ନାହିଁ । ମାଲେସିଆ ଓଡ଼ିଆଙ୍କ ଓଡ଼ିଆ ଜ୍ଞାନରେ ସ୍ଥାଣୁତା ଆସିଗଲା । ଆଉ ନୂଆ କରି କିଛି ସେମାନେ ଶିଖିବାର ବାଟ ସବୁ ବନ୍ଦ ହୋଇଗଲା । ଅନ୍ୟ ଭାଷାର ଲୋକ ସଂଖ୍ୟା ଏତେ ବେଶୀ ଥିଲା ଯେ ତାଙ୍କ ସ୍ୱତନ୍ତ୍ର ଗୋଷ୍ଠୀ ପରିଚୟରେ ସ୍ଥାନୀୟ ସରକାର ସେମାନଙ୍କ ପାଇଁ ସ୍କୁଲ ଖୋଲିଲେ ଯାହା ଓଡ଼ିଆଙ୍କ ପାଇଁ ସମ୍ଭବ ହେଉନଥିଲା । ସେଇ ଭାଷାଭାଷୀ ଲୋକ ମାନଙ୍କ ପାଇଁ ମୂଳ ଭୂଖଣ୍ଡରୁ ସମର୍ଥନ ଥିଲା ଯାହା ଓଡ଼ିଆ ମାନଙ୍କ କ୍ଷେତ୍ର ରେ ନଥିଲା । ଓଡ଼ିଶା ମୂଳ ଭୂଖଣ୍ଡର ଲୋକେ ତ ନିଜ ଐତିହ୍ୟକୁ ନେଇ ଗର୍ବ କରିବା ଛାଡ, ସେମାନଙ୍କ ସେ ବିଷୟରେ ଜ୍ଞାନ ବି ନଥିଲା । ଏଇ ଭାରତ ଭୂଇଁ ରେ ବିଚ୍ଛିନ୍ନାଂଅଚଳ ରେ ଥିବା ଓଡ଼ିଆ ମାନଙ୍କ ପାଇଁ ସାମାନ୍ୟତମ ସମର୍ଥନ ଦେବା ରେ ଅସଫଳ ଓଡ଼ିଆ ମାନେ ସମୁଦ୍ର ପାରି ଦେଶରେ ନିଜ ଭାଷା କୁ କେମିତି ବା ସମର୍ଥନ ଯୋଗାଇବେ ? ଓଡ଼ିଆ ଚିରକାଳ ଧନ ଓ ମନ ରେ ଦରିଦ୍ର । ଯେଉଁ କାମ ପାଇଁ ଧନ ଦରକାର ନାହିଁ, ଖାଲି ମନ ଲୋଡ଼ା, ସେଠିବି ଓଡ଼ିଆ ପଛୁଆ ।

କିନ୍ତୁ ଏତେ ସବୁ ଅବହେଳା, ଅଭାବ ସତ୍ୱେ ଓଡ଼ିଆ ଭାଷା ଓ ଓଡ଼ିଆ ସଂସ୍କୃତି ମାଲେସିଆ ରେ ବଞ୍ଚିଛି । ଧନ୍ୟ କହିବା ଭାଷାର ନିଜସ୍ୱ ଜୀବନି ଶକ୍ତି କୁ, ଯାହା ଏବେବି ସେଠି ଥିବା ଓଡ଼ିଆ ମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ଗୋଷ୍ଠୀରେ ବାନ୍ଧି ରଖିଛି । ଖୁବ ଶୀଘ୍ର ସେଠିକାର ସଂଗ୍ରହାଳୟ ଓଡ଼ିଆମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରକାଶନ କରିବାକୁ ଯାଉଛି । ଏବେବି ସମୟ ଅଛି, ଆମେ ଯଦି କିଛି କରିପାରନ୍ତେ, ଓଡ଼ିଶାର ଐତିହ୍ୟ ପତାକା କଥାରେ ନୁହେଁ କାମରେ ଉଡ଼ନ୍ତା ଏକ ବିଦେଶ ଭୂଇଁରେ ।





କୋରାପୁଟ ର ସୁନାବେଡା ରେ ରହୁଥିବା ଲେଖକ **ସୁନୀଲ କୁମାର ବିଶ୍ୱାଳ** ଶିକ୍ଷାରେ ବୈଦ୍ୟୁତିକ ଇଞ୍ଜିନିୟର ଏବଂ ବୃତ୍ତିରେ ବୈଦ୍ୟୁତିକ ଶକ୍ତି ସମୀକ୍ଷକ ଓ ସହରାଞ୍ଚଳ ପରାମର୍ଶଦାତା । ସେ ଏକାଧାର ରେ ଜଣେ ଲେଖକ ( ଇଂରାଜୀ ଓ ଓଡ଼ିଆ ରେ ଗଳ୍ପ ଏବଂ କବିତା), ସ୍ୱମ୍ବକାରହାମ ରେଡ଼ିଓ ଅପରେଟର ଓ ସୌଖିନ ତାରା ଦେଖାଳୀ । ଇତିହାସ ଓ ବିଜ୍ଞାନରେ ନୂଆ ତଥ୍ୟ ଜାଣିବାରେ ସେ ଜଣେ ଆଜୀବନ ଛାତ୍ର ।



# ଦ୍ୱୀପରେ ସୂର୍ଯ୍ୟୋଦୟ

**ବୀଣାପାଣି ପ୍ରଧାନ**

ଗଞ୍ଜାମ ଗାଁ ଶୁଖିଲା କ୍ଷେତ ଉପରେ ଲମ୍ବା ଛାୟା ପକାଇ ସୂର୍ଯ୍ୟ ସେଇଦିନଗୁଡ଼ିକରେ ସବୁଦିନ ପରି ଝୁଲୁଥିଲେ ।  ସଂକୀର୍ଣ୍ଣ ପବନର ସ୍ରୋତ ଗାଁ ଧୂଳି ମାଟିରେ ଦୂର ଦେଶଗୁଡ଼ିକର କାହାଣୀଗୁଡ଼ିକ ଫୁସଫୁସ୍ କଥା କହୁଥିଲା । କ୍ଷୁଧାଏ ଗାଁରେ ଏକ ନିରନ୍ତର ସାଥୀ ଥିଲା, ପିଲାରୁ ବୟସ୍କମାନେ ଅଳ୍ପ କିଛି ଧାନ ପାଇଁ ଅନେକ ପରିଶ୍ରମ କରୁଥିଲେ । ଅନାହାରରେ ପିଲାଙ୍କ ବିକଳ ଚେହେରା ତାଙ୍କ ଅବସ୍ଥା ସ୍ପଷ୍ଟ କହୁଥିଲା  । ଗାଁ ଉପକଣ୍ଠରେ ଥିବା ଏକ ଛୋଟ ମାଟିବାରଣ୍ଡାରେ ବାହାନୋ ବସିଥିଲେ, ତାଙ୍କର କ୍ଲାନ୍ତ ହାତ ତାଙ୍କ ଅସହାୟ ଚେହେରାକୁ ଘୋଡାଇ ରଖିଥିଲା ସବୁଦିନ ପରି  । ତାଙ୍କ ପତ୍ନୀ ରୁକୁମାନି ଚୁପଚାପ୍ ତାଙ୍କ ଚାରିପାଖେ ତାଙ୍କୁ ହିଁ ଚାହିଁ ରହୁଥିଲେ, ତାଙ୍କ ଚାହାଣି ନରମ ତଥାପି ଉଦ୍ଦେଶ୍ୟମୂଳକ ଦିଶୁଥିଲା । ସେମାନଙ୍କର ଚିନ୍ତା ଥିଲା କିଛି ବନ୍ଧ୍ୟା ଜମି ଯାହାକି ପ୍ରାୟ କିଛି ଅମଳ ଦେଉନଥିଲା, ଏବଂ ଅନ୍ୟମାନଙ୍କ କ୍ଷେତରେ ଅକ୍ଲାନ୍ତ ପରିଶ୍ରମ ପରେ ବି ଅନାହାରରେ ରହିବାକୁ ପଡୁଥିଲା ।

ଦିନେ ଏକ ରକ୍ତିମ ସନ୍ଧ୍ୟାରେ ରୁକୁମାନୀର ଜଣେ ଦୂର ସମ୍ପର୍କୀୟ ଅପ୍ରତ୍ୟାଶିତ ପହଞ୍ଚିଲେ । ସେ ରେଙ୍ଗୁନର କାମକରୁଥିବା ଜଣେ ବ୍ୟକ୍ତି ଥିଲେ । ତାଙ୍କ ଆଖିରେ ବାହାନୋର ସଂଘର୍ଷକୁ ଅନୁଭବ କରି ରାସ୍ତା ଦେଖାଇବାକୁ ଚେଷ୍ଟାକଲେ  । ସେଦିନ ସେ ଏକ ଅଳ୍ପ ଭୋଜନ ଉପରେ ଆରମ୍ଭ କଲେ "ଏକ ମାଲାୟା ନାମକ ସ୍ଥାନ ଅଛି," । ସେଠାରେ ସୁଯୋଗ ବହୁତ ଅଛି । କାମ କଠିନ, କିନ୍ତୁ ଦରମା ସ୍ଥିର ଅଟେ । ତୁମେମାନେ  ଏକ ନୂତନ ଜୀବନ ଗଢିପାରିବ । " ତାପରେ ସେ ତାଙ୍କ ଅବସ୍ଥା ରେଙ୍ଗୁନ ଯିବା ପରେ କିପରି ସୁଧୁରିଛି ସେ କଥା ମଧ୍ୟ କହିଥିଲେ । ମାଲାୟା ଶବ୍ଦଟି ଆକାଶରେ ଝୁଲୁଥିଲା ପରି ମନେ ହେଲା ବାହୋନା ଓ ରୁକୁମଣିଙ୍କୁ, ଏକ କଠିନ ପ୍ରତିଜ୍ଞା ପରି ଭାରୀ ବୋଧହେଲା ଛାତି ଭିତରେ । ବାହାନୋ ଓଡ଼ିଆ ସାଧବଙ୍କ କିମ୍ବଦନ୍ତୀ ଶୁଣିଥିଲେ, ଜାଭା, ବୋର୍ଣ୍ଣିଓ , ଏବଂ ସୁମାତ୍ରାରେ ଯାତ୍ରା କରୁଥିବା ପ୍ରାଚୀନ ନାବିକମାନେ ସୁନା ଓ ରୂପା ଭର୍ତ୍ତି ଜାହାଜ ନେଇ ଫେରି ଆସିଥିଲେ । ଭାବିଲେ ବୋଧହୁଏ ଭାଗ୍ୟ ତାଙ୍କୁ ସେମାନଙ୍କ ଅନୁସରଣ କରିବାକୁ ଏକ ସୁଯୋଗ ଦେଉଛି ।

ସେଦିନ ରାତିରେ ଗାଁ ତାରକାମାନଙ୍କ ଛାତ ତଳେ ଶୋଇଥିବା ବେଳେ ବାହାନୋ ଏବଂ ରୁକୁମାନି ନିଷ୍ପତ୍ତି ନେଇଥିଲେ । ସେମାନେ ଚାଲିଯିବେ, ଏକ ନୂଆ ଆଶା ଅନ୍ୱେଷଣରେ ଉଦ୍ୟମ କରିବେ । ସମୁଦ୍ର ଯାତ୍ରା ପାଇଁ ସେମାନେ ପ୍ରସ୍ତୁତ ହେଲେ , ବନ୍ଦର ଯାଏଁ ଏଥିପାଇଁ ତାଙ୍କୁ ଚାଲି ଯିବାକୁ ପଡିବ । ସେମାନେ କିଛି ଦିନ ଚାଲିଲେ, ତା ସହ ଚାଲିଥିଲା ପିଠି ଉପର ଜିନିଷପତ୍ରର ଭାର, ସେ ଭରାର କଷ୍ଟସହ ଚାଲିବା ଖୁବ କଷ୍ଟକର ହେଲା, ବେଳକୁ ବେଳ ଅସମ୍ଭବ ବୋଧହେଲା, ଯାହା ସହ୍ୟ ନକରିପାରି ସାଥୀ ଯାତ୍ରୀଙ୍କ କ୍ରନ୍ଦନ ସହ ବାହୋନାର କାନ୍ଦ ମିଶିଯାଉଥିଲା, ଅନିଶ୍ଚିତ ଭବିଷ୍ୟତ ଆହୁରି ଭାରାକ୍ରାନ୍ତ କରୁଥିଲା ସେ ଯାତ୍ରାକୁ । ବନ୍ଦରକୁ ପହଁଚିଲା ବେଳକୁ ସେମାନଙ୍କ ଫୁଲିଯାଇଥିଲା ପାଦର ତଳିପା , ପିଠି ଯନ୍ତ୍ରଣାରେ ଫାଟି ପଡୁଥିଲା ଏବଂ ସୂର୍ଯ୍ୟ ଜଳନ୍ତା ଉତ୍ତାପରେ ସେମାନେ ଅର୍ଧଦଗ୍ଧ ପରି ଅନୁଭବ କରୁଥିଲେ , ଏହି କ୍ଲାନ୍ତ ଓ ଅବସନ୍ନ ଦେହକୁ ଆରମ୍ ଦେବାପାଇଁ ଆଉ ସମୟ ନଥିଲା । ସେମାନେ ବନ୍ଦରରେ, ଏକ ବିରାଟ ଜାହାଜ ସେମାନଙ୍କ ସମ୍ମୁଖରେ ଛିଡା ହେଇଥିଲେ, ଏହାର ହାଲ୍ ଆଜୁର୍ ଆକାଶ ବିରୁଦ୍ଧରେ ଏକ ଅନ୍ଧକାର ପର୍ବତ ପରି ଦିଶୁଥିଲା । ଶହ ଶହ ଲୋକ ତା ଭିତରେ ଥିଲେ, ଭୟ ଏବଂ ପ୍ରତୀକ୍ଷାର ମିଶ୍ରଣ ସହିତ ମୁହଁଗୁଡ଼ିକରେ ଅନିଶ୍ଚିତତାର ଛାପଗୁଡ଼ିକୁ ସ୍ୱଷ୍ଟ କରୁଥିଲା । କଠୋର ଇଂରାଜୀ ଅଧିକାରୀ, ରେକର୍ଡ ହୋଇଥିବା ନାମ ଏବଂ ନିର୍ଦ୍ଦେଶନାମା ଜାରି କରୁଥିଲା ।

ଜାହାଜଟି ଡକ୍ ଠାରୁ ଧୀରେ ଧୀରେ ଦୂରେଇ ଯିବାବେଳେ ସ୍ଥଳଭାଗ ଆଖି ଆଗରୁ ଅପସରି ଯାଉଥିଲା । କ୍ରମେଃ କ୍ରମେଃ ଦିନ ଏବଂ ରାତି ଅସ୍ୱଷ୍ଟ ହୋଇଗଲା, ରାଶି ରାଶି ଜଳ ମଧ୍ୟରେ ସେମାନେ ଥିଲେ ଏକମାତ୍ର ସ୍ଥିର । ଏହି ସମୟରେ ଯାତ୍ରୀମାନଙ୍କ ମଧ୍ୟରେ କାହାଣୀ ପ୍ରଚାରିତ ହେଲା - ଅତୀତର ଭ୍ରମଣର ଫୁସଫୁସ୍ କାହାଣୀ, ଓଡ଼ିଆ ବ୍ୟବସାୟୀଙ୍କ ବିଷୟରେ ଯେଉଁମାନେ ଥରେ ଏହି ଜଳଯାତ୍ରା କରିଥିଲେ ଏବଂ ଗଭୀରରେ ଲୁଚି ରହିଥିବା ବିପଦ ବିଷୟରେ । ଜାହାଜରେ ଇଂରାଜୀ ଅଧିକାରୀ ପୁରୁଷ ଲୋକ ଓ ସ୍ତ୍ରୀମାନଙ୍କୁ ଦୁରେଇ ରଖୁଥିଲେ, ସେମାନେ ଅଲଗା କଠୋରୀରେ ରହୁଥିଲେ, ପୁରୁଷ ଲୋକମାନଙ୍କୁ କଠିନ କାମ ଦିଆଯାଉଥିଲା, କାମ ଏତେ କଷ୍ଟକର ଥିଲା ଯେ ଜୀବନ ପ୍ରତି ଭୟ ରହୁଥିଲା, ଏମିତିସମୟରେ ଜୀବନ ଚାଲିଗଲେ ଯାଇ ସ୍ତ୍ରୀଟିକୁ ଡକାଇ ଦିଆଯାଉଥିଲା ଭିଡମଧ୍ୟରୁ । ଏ ଦୃଶ୍ୟ ହୃଦୟ ବିଦାରି ଦେଉଥିଲା , ଏହିପରି ଘଟଣାର ଦୃଶ୍ୟରେ ସମସ୍ତେ ଆତଙ୍କିତ ରହୁଥିଲେ ।

ସମୁଦ୍ର ଅସୀମ ସୀମା ବିସ୍ତାର କଲା, ଏହାର ବିସ୍ତୃତତା ଉଭୟ ବିସ୍ମୟକର ଏବଂ ଭୟଭୀତ ମନେହେଉଥିଲା କ୍ରମଶଃ । ଦୁଇ ସପ୍ତାହ ପରେ, ଜାହାଜ ମାଲାକା ଠାରେ ଲଙ୍ଗର ହେଲା । ଅପରିଚିତ ସୁଗନ୍ଧ ସହିତ ପାଣି ପବନ ଅଚିହ୍ନା ମନେହେଲା, ମିଶ୍ରିତ ଲବଣକ୍ତ ସମୁଦ୍ର ଗନ୍ଧ ସହ ଅନ୍ୟ ମସଲା ଆଦି ଦ୍ରବ୍ୟର ଗନ୍ଧ ବାୟୁରେ ତୀବ୍ର ମାନେ ହେଉଥିଲା । କିଛି ଲୋକମାନେ ଘରକୁ ଫେରିଥିବା ଲୋକମାନଙ୍କ ପରି ଦେଖାଯାଉଥିଲେ, ତଥାପି ସେମାନଙ୍କର ଭାଷା, ପୋଷାକ ଏବଂ ରୀତିନୀତି ଭିନ୍ନ ଥିଲା । ସେମାନେ ଭିନ୍ନ ଦିଶୁଥିଲେ, ଏକ ନୂତନ ଜଗତ ଅନୁସନ୍ଧାନ କରିବାକୁ ଅପେକ୍ଷା କରିଥିଲା ବାହୋନା ଓ ରୁକୁମଣି ।

ନୂଆ ସ୍ଥାନର ଆଶ୍ଚର୍ଯ୍ୟସବୁକୁ ଅନୁଭବ କରିବାର ସମୟ ନଥିଲା । ବ୍ରିଟିଶ ଅଧିକାରୀମାନେ ଗୋଷ୍ଠୀନେଇ ମିଶାଇ ଦେଲେ ଆଉ କିଛି ଗୋଷ୍ଠୀ ସହ, ସେମାନେ ଏହି ପରି ଲୋକମାନଙ୍କୁ ଗୋଷ୍ଠିରେ ପାଳୁଥିଲେ ଏବଂ ଦୀର୍ଘ ଦିନ ଧରି ସଶସ୍ତ୍ର ରକ୍ଷୀଙ୍କ ସଜାଗ ଆଖିରେ ସେମାନେ କଏଦ ରହୁଥିଲେ, ସେମାନେ ସଜାଗ ଆଖିଘେରରେ ଭିନ୍ନ ଜାଗାକୁ କାମ କରିବାକୁ ପହଁଚୁଥିଲେ - ଏକ ଘଞ୍ଚ, ଅଜ୍ଞାତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏକ ବିସ୍ତୃତ ରବର ଇଷ୍ଟେଟ୍ ସେମାନେ ଶେଷରେ କାମ କଲେ ।

ମାଲାୟା ଜଙ୍ଗଲ ଶବ୍ଦ ସେତେବେଳେ ଜୀବନ୍ତ ଥିଲା – କୀଟପତଙ୍ଗପୂର୍ଣ୍ଣ ଓ ଦୁର୍ଗମ , ଦୂର ପ୍ରାଣୀ ଡାକ ଏବଂ ପତ୍ରର ଗର୍ଜନ ସବୁ ସୂର୍ଯ୍ୟାଲୋକରେ ମଧ୍ୟ ଭୟଭୀତ କରିବା ପାଇଁ ଯଥେଷ୍ଟଥିଲା , ବାହୋନା ଓ ରୁକୁମଣି ସେ ଜଙ୍ଗଲ ଦେଖି ଆକାଶକୁ ଆଉ ଖୋଜି ପାରୁନଥିଲେ । ବାହୋନା ଓ ରୁକୁମଣିକୁ ମନେ ହେଲା ଏତେ ଘଞ୍ଚ ଜଙ୍ଗଲରେ ସୂର୍ଯ୍ୟ, ତାଙ୍କ କିରଣ ବିସ୍ତାର କରିବାକୁ ଯେମିତି ସଂଘର୍ଷ କରି ଦୁନିଆକୁ ଅନ୍ଧକାର କରିପକାଇଛି । ଏହା ଉଭୟ ଆଶ୍ଚର୍ଯ୍ୟପୂର୍ଣ୍ଣ ଓ ଅବସାଦମୟ ମନେହେଲା ବାହୋନା ଓ ରୁକୁମଣି ପରି ନୂଆ ମଣିଷମାନଙ୍କ ପାଇଁ ।

ସେମାନଙ୍କୁ ଲଙ୍ଗହାଉସ୍ ର ଛୋଟ କ୍ୟାବିନ ଭିତରେ ରଖାଯାଇଥିଲା । ଗୋପନୀୟତାର ଏଠାରେ ପ୍ରଶ୍ନ ଉଠୁନଥିଲା । ପରିବାରମାନେ ଏକତ୍ରିତ ହେଲେ, ସେମାନଙ୍କର କଥାବାର୍ତ୍ତା, କଥାବାର୍ତ୍ତା ଭାଷାର ଏକ ହାଟ ଭଳି ମନେହେଲା । ସକାଳରୁ କାମ ଆରମ୍ଭ ହେଉଥିଲା । ପ୍ରଥମ କାର୍ଯ୍ୟଟି ଥିଲା, ଗଛଗୁଡିକ କଟାଯିବା । ଏଗୁଡ଼ିକୁ କାଟିବା ପାଇଁ ପୁରୁଷ ଦଳ ଗଠିତ ହେଇଥିଲା, ସେମାନେ ଏକ ବିଶାଳକାୟ ଗଛକୁ କାଟିବା ପାଇଁ ସପ୍ତାହେ ପରିଶ୍ରମ କରୁଥିଲେ, ସେମାନେ ଲୁହା ଚେନ ଦଉଡ଼ିରେ କାଟୁଥିଲେ ଏଗୁଡ଼ିକୁ । କାର୍ଯ୍ୟଟି ଅତ୍ୟନ୍ତ କଷ୍ଟଦାୟକ ଥିଲା, ସେମାନଙ୍କ ଶରୀର, ମାଂସପେଶୀକୁ ଦୋହଲାଇ ଦେଉଥିଲା , ସେମାନେ କଷ୍ଟରେ ଚିତ୍କାର କରିଉଠୁଥିଲେ । ରୁକୁମାନି ଅନ୍ୟ ମହିଳାମାନଙ୍କ ସହିତ ଯୋଗ



ଦେଇ ସଫାସଫି କାମରେ ନିଯୁକ୍ତ ହେଲେ, ଜମି ସଫା କରି ରବରଗଛ ରୋପଣ ପାଇଁ ମାଟି ପ୍ରସ୍ତୁତ କଲେ । ଜମି ପ୍ରସ୍ତୁତ ହୋଇଗଲେ, ସେମାନେ ରବର ଚାରା ରୋପଣ କରିବା ଆରମ୍ଭ କଲେ - ଏକ ସୂକ୍ଷ୍ମ କାର୍ଯ୍ୟ ଯାହା ଭବିଷ୍ୟତରେ ଅମଳର ପ୍ରତିଶୃତି ଦେଇଥାଏ ।

କିଛି ମାସ ଗଲା ରବର ଗଛ ବଢ଼ିଲା, ଏବଂ ସେମାନଙ୍କର ଦାୟିତ୍ୱ ମଧ୍ୟ ବଢିବାକୁ ଲାଗିଲା । ରବର କ୍ଷୀରକୁ ଟ୍ୟାପ୍ କରିବା ଶିଖିବା ସ୍ୱତନ୍ତ୍ର ଏକ କଳା ଥିଲା । ପ୍ରତ୍ୟେକ ଦିନ ସକାଳେ, ସୂର୍ଯ୍ୟ ଉଦୟ ପୂର୍ବରୁ ସେମାନେ ରବର ବଗିଚାକୁ ଯାଉଥିଲେ ଏପରି ହେବାକୁ ସାହସ କରିବା କଷ୍ଟକର ବ୍ୟାପାର ଥିଲା, ବିଷାକ୍ତ ସାପ ଏବଂ ତିନ୍ତି ତିନ୍ତିଆ ଜଳବାୟୁ ମଧ୍ୟରେ ଏହି କାର୍ଯ୍ୟ କରିବାକୁ ପଡୁଥିଲା । ସେମାନେ ମୂଲ୍ୟବାନ ଲାଟେକ୍ସ ସଂଗ୍ରହ କରି କାଠ ଉପରେ ସଠିକ୍ ଖଣ୍ଡ ତିଆରି କଲେ । ନୂତନ କୌଶଳ ଏବଂ ଛୋଟ ମଜୁରୀ ସତ୍ତ୍ୱ ବାହାନୋ ନିଜଉପରେ ସନ୍ଦେହ କରୁଥିଲା । ରାତିରେ ସେ ଜାଗ୍ରତ ହୋଇ ଜଙ୍ଗଲର ଶବ୍ଦ ଶୁଣି, ସେମାନଙ୍କ ଗାଁ ଛାଡିବା ଏକ ବଡ ଭୁଲ ଥିଲା କି ନିଜକୁ ନିଜେ ବୋଲି ପ୍ରଶ୍ନ କରିଥିଲେ । ଗାଁ ମାଟିକୁ ଝୁରିହେବା ଶ୍ୱାସରୁଦ୍ଧ କରୁଥିଲା, ଜଙ୍ଗଲର ବିଶାଳତା ସେମାନଙ୍କର ଘରଠୁ ଦୂରତାକୁ ନିରନ୍ତର ସ୍ମରଣ କରାଉଥିଲା ।

ସବୁକଷ୍ଟ ମଧ୍ୟରେ, ଆନନ୍ଦର ମୁହୂର୍ତ୍ତ ଥିଲା । ମିଆଁମାର ଏବଂ ଥାଇଲ୍ୟାଣ୍ଡରୁ ଅନ୍ୟ ଓଡ଼ିଆଙ୍କ ଆଗମନ, କିଛି ସମ୍ପର୍କ ଯୋଡି ଦେଲା । ସେମାନେ ଘରର କାହାଣୀ ବାଣ୍ଟିଲେ, ପରିଚିତ ଖାଦ୍ୟ ରାନ୍ଧିଲେ ଏବଂ ସେମାନଙ୍କ ପୂର୍ବଜଙ୍କ ଗୀତ ଗାଇଲେ । ଗଛକାଟ କାମ ବେଳେ ଓଡ଼ିଆ ଭାଷାର ପଲ୍ଲୀଗୀତ ମାନ ସେମାନଙ୍କ କ୍ଳାନ୍ତ ଆତ୍ମା ପାଇଁ ଏକ ମହୋଷଧି ଥିଲା, ଦୁଃଖ ଲାଘବ ହେଉଥିଲା । ଯା ଭିତରେ ପିଲାମାନେ ଜନ୍ମ ହୋଇଥିଲେ - ବାହାନୋର ମଧ୍ୟ ଗୋଟିଏ ପୁଅ ଏବଂ ଦୁଇ ଝିଅଙ୍କ ହସ ନୂତନ ଉଦ୍ଦେଶ୍ୟ ଆଣିଥିଲେ । ଛୋଟ ସମ୍ପ୍ରଦାୟ ବଢ଼ିଥିଲା, ପରିବାର ବଢିବାକୁ ଲାଗିଲା, ତାଙ୍କ ଭିତରେ ଏକତା , ଐତିହ୍ୟ ସାମୂହିକ ସଂଘର୍ଷ ସତ୍ତ୍ୱେ ବନ୍ଧା ହୋଇଗଲା । ବାହାନୋର ଭାଇ ମନେ ମଧ୍ୟ ଧୀରେ ଧୀରେ ଯୋଡିହେବାକୁ ଲାଗିଲେ ।

ଦିନେ, ସେମାନଙ୍କର ନିରନ୍ତର ପରିଶ୍ରମରୁ ଅବସର ନେବାକୁ ବାହାନୋ ଏବଂ ତାଙ୍କ ପୁତୁରା ଭୀମା ଶିକାର କରିବାକୁ ଜଙ୍ଗଲକୁ ଗଲେ । ଜଙ୍ଗଲ ଅତ୍ୟନ୍ତ ଘନଥିଲା, ପ୍ରତ୍ୟେକ ପଦକ୍ଷେପରେ ସତର୍କତା ଅବଲମ୍ବନ କରି ସେମାନେ ଘନ ଜଙ୍ଗଲକୁ ଯାଇଥିଲେ । ଆଖିରେ କଥାବାର୍ତ୍ତା କରିବା ଦ୍ୱାରା ସେମାନେ ଏ କାମ ସୁରୁଖୁରୁରେ କରିପାରୁଥିଲେ । କିନ୍ତୁ

ସେଦିନ କିଛି ଅଘଟଣ ଘଟିଲା , ଶିକାରୀ ଶିକାର ହେଲା । ବିନା ଚେତାବନୀରେ, ଏକ ବାଘ ଗଛ ଛାଇରୁ ତାଙ୍କ ଆଡକୁ ମାଡିଆସିଲା । ଭୀମା ପଶୁଙ୍କ ଭିଡ ଭିତରେ ଧରାପଡିଥିଲ । ଗୋଟିଏ ବାଘ ଆଉ ଦୁଇଟି ବାଘ ଡକାଗଲା ପରି ଦେଖାଗଲା, ସେମାନଙ୍କର ଆଖି ଚମକିଲା । ଅସହାୟ, ଭୟଭୀତ, ବାହାନୋ କେବଳ ଶେଷ ଯାଏଁ ଅପେକ୍ଷା କରିରହିଲା, ହେଲେ କିଛି କରିପାରିଲା ନାହିଁ । ନିଜ ଆଖି ସାମ୍ନାରେ ଏ ଦୃଶ୍ୟ ତାଙ୍କୁ ପଥର କରିଦେଲା । ବାହାନୋର ଶରୀର ଘରକୁ ଫେରିଥିଲା କିନ୍ତୁ ସେ ପ୍ରକୃତରେ ଅଦୃଶ୍ୟ ହୋଇଗଲା, ଉଭୟ ଦୃଶ୍ୟମାନ ଏବଂ ଅଦୃଶ୍ୟ କ୍ଷତ ଭିତରେ ସେ ନିଜର ମାନସିକ ଭାରସାମ୍ୟ ହରାଇଲା ।

ଯେତେବେଳେ ସେ ଏହି ଖବର ପ୍ରଦାନ କଲେ ସମ୍ପ୍ରଦାୟକୁ ଏ ଦୁଖ ଅସ୍ଥିର କରି ପକାଇଲା । ଭୀମାଙ୍କ ପତ୍ନୀ ଯନ୍ତ୍ରଣା ସହି ନ ପାରି ନିଜ ଜୀବନ ନେଇଥିଲେ । ସେମାନଙ୍କ ମୃତ୍ୟୁର ଓଜନ ବାହାନୋ ଉପରେ ଅଧିକ ଚାପ ପକାଇଲା, ସେ ଆଉ ଓଠ ଖୋଲି କଥା କହିଲେ ନାହିଁ, ଦୁଖର ଲହଡି ତାଙ୍କ ମୁହଁର ହସକୁ ଧୋଇନେଲା । ଭୀମର ସ୍ମୃତିକୁ ସମ୍ମାନ ଦେବା ପାଇଁ ସ୍ଥିର କରି ସେ ଭୀମାର ପିଲାମାନଙ୍କୁ ନେଇ ନିଜ ପାଖରେ ରଖିଲେ । ଦାୟିତ୍ୱ ଅପାର ଥିଲା, କିନ୍ତୁ ଏହା ତାଙ୍କ ଦିନକୁ ଉଦ୍ଦେଶ୍ୟପୂର୍ଣ୍ଣ କଲା । ଏହିପରି ଅନେକ ଅସୁବିଧା ଭିତରେ ସେମାନେ ନିଜକୁ ବଞ୍ଚିରଖିଲେ ।

ସନ୍ଧ୍ୟାରେ, ଦୀପଗୁଡ଼ିକର ଆଲୋକ ତଳେ, ସମ୍ପ୍ରଦାୟ ଏକତ୍ରିତ ହେଲେ । ସେମାନେ ନିଜ ଭାଷାରେ ଭଜନ ଗାନ କଲେ, ସେମାନଙ୍କର ସ୍ୱର ରାତିର ପବନରେ ବୁଣି ହୋଇ, ଭକ୍ତି ଏବଂ ଭାବର ଏକ ସମିଶ୍ରଣ ତୋଳିଥିଲା । ପ୍ରାଚୀନ ଉପନ୍ୟାସ, ବୀରତ୍ୱର କାହାଣୀ, ଜ୍ଞାନ ଏବଂ ସେମାନଙ୍କ ଉପରେ ନଜର ରଖିଥିବା ଦେବତାମାନଙ୍କ ବିଷୟରେ କାହାଣୀ ବର୍ଣ୍ଣନା କରୁଥିବାବେଳେ ପିଲାମାନେ ଭଲପାଇ ଶୁଣୁଥିଲେ ।

ଦକ୍ଷିଣ ଭାରତରୁ ଶ୍ରମିକଙ୍କ ସଂଖ୍ୟା ନୂତନ ଭାଷା - ତାମିଲ ଏବଂ ତେଲୁଗୁ ଭାଷା ପ୍ରବର୍ତ୍ତନ କଲା । ଅନେକେ ଓଡ଼ିଆ ପରି ଭାଷା ଗୁଡିକ ଉଠାଇବାକୁ ଲାଗିଲେ, ବାହାନୋ ସଂକଳ୍ପବଦ୍ଧ ଥିଲେ ଯେ ଓଡ଼ିଆ ଦୂର ହେବ ନାହିଁ । ସେ ଜଣେ ଓଡ଼ିଆ ଶିକ୍ଷକଙ୍କୁ ଅନୁରୋଧ କରି ଇଂରାଜୀ ପର୍ଯ୍ୟବେକ୍ଷକଙ୍କ ନିକଟକୁ ଯାଇଥିଲେ, କିନ୍ତୁ ଉଦାସୀନତା ସମ୍ମୁଖୀନ ହୋଇଥିଲେ । ଏହିପରି ଦିଗ ଉପରେ ଧ୍ୟାନ ଦେବା ପାଇଁ ସେମାନଙ୍କର ସଂଖ୍ୟା ବହୁତ କମ୍ ଥିଲା ।

ବାହାନୋ ଏଥିରେ ନିରାଶ ହୋଇ ସେ ଶିକ୍ଷକ ହେଲେ । ପ୍ରତ୍ୟେକ ରାତିରେ ସେ ପିଲାମାନଙ୍କୁ ଓଡ଼ିଆ ସ୍କ୍ରିପ୍ଟ ଶିଖାଉଥିଲେ, କବିତା ପାଠ କରିଥିଲେ ଏବଂ ପ୍ରବାଦ ବାଣ୍ଟିଥିଲେ । ସେମାନଙ୍କର ପରିଚୟକୁ ବଞ୍ଚାଇ ରଖିବା ତାଙ୍କର ଉପାୟ ଥିଲା, ସେମାନଙ୍କ ସଂସ୍କୃତିର ଧୀର କ୍ଷୟ ବିରୁଦ୍ଧରେ ବିଦ୍ରୋହ । ମନ୍ଦିର ବିନା, ସେମାନଙ୍କର ଆଧ୍ୟାତ୍ମିକ ଆବଶ୍ୟକତା ଏକ ବିସ୍ତୃତ ଗଛ ତଳେ ଆଶ୍ରୟ ପାଇଲା । ସେମାନେ ଦେବୀ ମାଙ୍କର ଏକ ପ୍ରତିମା ସ୍ଥାପନ କରି ପ୍ରାର୍ଥନା କଲେ ଏବଂ ଆଶୀର୍ବାଦ ଲୋଡ଼ିଲେ । ସମୟ ସହିତ, ଏହି ପବିତ୍ର ସ୍ଥାନଟି ପରିବର୍ତ୍ତିତ ହେଲା । ସାମୂହିକ ପ୍ରୟାସରେ ସେମାନେ ଏକ ଛୋଟ ମନ୍ଦିର ନିର୍ମାଣ କଲେ । ପ୍ରାଚୀନ ରୀତିନୀତି ଜାଣିଥିବା ମିଆଁମାରର ଓଡ଼ିଆ ବିଷ୍ଣୁଙ୍କ ଆଗମନ ଏକ ଆଶୀର୍ବାଦ ଥିଲା । ମିଳିତ ଭାବେ, ସେମାନେ ନିୟମିତ ଭାବେ ତ୍ରିନାଥ ପୂଜା ପ୍ରଦର୍ଶନ କରିଥିଲେ, ପରମ୍ପରାକୁ ପୁନ ଜାଗ୍ରତ କଲେ ଯାହା ସେମାନଙ୍କୁ ନିଜ ଦେଶ ସହିତ ଯୋଡିଥିଲା ।

ପରିବର୍ତ୍ତନ ଘଟିଆସୁଥିଲା । ଦିନେ, ଇଂରାଜୀ ସାହେବ ଘୋଷଣା କଲା ଯେ ଅନ୍ୟ ଏକ ସ୍ଥାନ (ନୀଲାଇରେ) ଏକ ନୂତନ ପାମ ବୃକ୍ଷରୋପଣ ପାଇଁ ଶ୍ରମିକମାନଙ୍କର ଆବଶ୍ୟକତା ରହିଛି । ଉତ୍ତମ ପ୍ରତିଶ୍ରୁତି ଦ୍ୱାରା ପ୍ରଲୋଭିତ ହୋଇ ଅନେକ ସମ୍ପ୍ରଦାୟ ବିଦାୟ ନେବାକୁ ପସନ୍ଦ କଲେ । କିନ୍ତୁ ବାହାନୋ ରହିବାକୁ ସ୍ଥିର କଲେ, ସେମାନେ ନିର୍ମାଣ କରିଥିବା ମନ୍ଦିର ଏବଂ ସ୍ମୃତି ଦ୍ୱାରା ତାଙ୍କୁ ବାନ୍ଧି ସେହି ଜାଗାରେ ବାନ୍ଧି ରଖିଲା । ୧୯୨୦ ରେ ଏକ ତାମିଲ ବିଦ୍ୟାଳୟ ପ୍ରତିଷ୍ଠା ଏକ ନୂତନ ଆହ୍ୱାନ ସୃଷ୍ଟି କଲା । ଓଡ଼ିଆ ପରିବାର ଜଣେ ଓଡ଼ିଆ ଶିକ୍ଷକଙ୍କ ପାଇଁ ନିବେଦନ କରିଥିଲେ ମଧ ସେମାନଙ୍କ ନିବେଦନ କେହି ଶୁଣି ନଥିଲେ । ପିଲାମାନେ ତାମିଲ ବିଦ୍ୟାଳୟରେ ପଢୁଥିଲେ, ନିଜ ଭାଷା ନୁହେଁ । ତଥାପି, ଘରେ, ପାଠପଢା ବାହାନୋଙ୍କ ପ୍ରଚେଷ୍ଟରେ ଜାରି ରହିଲା । ଓଡ଼ିଆ କାହାଣୀ, ଏବଂ ଗୀତଗୁଡ଼ିକ ତାଙ୍କ ଆଖ ପାଖରେ ପ୍ରବାହିତ ହେଲା, ପ୍ରତ୍ୟେକ ଶବ୍ଦ ସେମାନଙ୍କର ନିଜ ଦେଶର ଗର୍ବ ଓ ଗୌରବକୁ ମନେ ପକାଉଥିଲା ।

ତାଙ୍କ ପୁଅ ହୋରିଆ ମଧ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ, ଦେଶଭକ୍ତି ଓ ପ୍ରେମ ତାଙ୍କ ରକ୍ତରେ ପ୍ରବାହିତ ହେଉଥିଲା , ସେ ସମୟରେ ସେ ନେତାଜି ସୁଭାଷ ଚନ୍ଦ୍ର ବୋଷଙ୍କୁ ଭେଟିବା ପାଇଁ ସିଙ୍ଗାପୁର ଯାତ୍ରା କରିଥିଲେ । ସେ ଫେରିବା ପରେ ଜଣେ ଭିନ୍ନ ମଣିଷ ପାଲଟି ଯାଇଥିଲେ । ସେ ନେତାଜିଙ୍କ ପରି ପୋଷାକ ପରିଧାନ କରିବାକୁ ଲାଗିଲେ ଆଇକନିକ୍ କ୍ୟାପ୍ ସହିତ ସମ୍ପୂର୍ଣ୍ଣ ନେତାଜୀ ଙ୍କ ବେଶ ଭୁଷାକୁ ଅନୁକରଣ କରିଥିଲେ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ । ବ୍ରିଟିଶ ଶାସନକୁ ଚ୍ୟାଲେଞ୍ଜ କରିବା ଉଦ୍ଦେଶ୍ୟରେ ଗୁପ୍ତ ବିଭିନ୍ନ ଆନ୍ଦୋଳନରେ ସେ ଜଡିତ ହୋଇଥିଲେ । ବିଦ୍ରୋହର ଶବ୍ଦ ବ୍ରିଟିଶମାନଙ୍କ କାନରେ ପହଞ୍ଚିଲା । ନିକଟସ୍ଥ ପେଡାସ୍ ଗାଁରେ ହୋଇଥିବା ଆକ୍ରମଣରେ ଅନେକ ଭାରତୀୟ

ଗିରଫ ହୋଇଥିଲେ, ଗିରଫ ଭାରତୀୟଙ୍କର ପରବର୍ତ୍ତୀ ସମୟରେ କଣ ଘଟିଥିଲା ତାହା ସମସ୍ତଙ୍କୁ ଅଜଣା ଥିଲା । ହରିଆଙ୍କ ମାତା ରୁକୁମାନି ତାଙ୍କର ସୁରକ୍ଷା ପାଇଁ , ରୁକୁମାନି ହୋରିଆର ପୋଷାକ, ପୁସ୍ତକ, ଫଟୋଗ୍ରାଫ୍ ସଂଗ୍ରହ କରି ନିଆଁରେ ନିକ୍ଷେପ କଲେ । ଲୁହ ତାଙ୍କ ଦୃଷ୍ଟିକୁ ଅସ୍ପଷ୍ଟ କରିଦେଇଥିଲା, କିନ୍ତୁ ସେ ଜାଣିଥିଲେ ପୁଅକୁ ସୁରକ୍ଷିତ ରଖିବା ପାଇଁ ଏହା ହେଉଛି ଏକମାତ୍ର ଉପାୟ । ହୋରିଆଙ୍କୁ ରକ୍ଷା କରାଯାଇଥିଲା, କିନ୍ତୁ ଘଟଣାଟି ଏକ ଅବିସ୍ମରଣୀୟ ଚିହ୍ନ ଛାଡିଥିଲା । ଏକ ଦୁଖୀ ପରିବାରକୁ ଛାଡି ହୋରିଆ ଅସୁସ୍ଥ ହୋଇ ଦେହାନ୍ତ ହେବାପରେ ଅନେକ ଦୁଖଦ ଘଟଣା ପୁଣି ଚାଲିଥିଲା । ତାଙ୍କ ଝିଅ ପ୍ରେମୀଲା ମାତ୍ର ତେର ବର୍ଷ ହୋଇଥିଲେ ସେ ଘରର ଦାୟିତ୍ୱ ନେଇଥିଲେ । ବହନ ସେତେବେଳକୁ ଜେଜେବାପା ହୋଇସାରିଥିଲେ କିନ୍ତୁ ଦେଶକୁ ନିଜ ଭିତରେ ଏବେ ବି ବଂଚେଇ ରଖିଥିଲେ । ପରିବାର ଅନେକ ସମସ୍ୟା ନେଇ ତଥାପି ଗତି କରିଥିଲା । ବାହାନୋ ତେଣୁ ଦେଶକୁଫେରିଯିବାର ସାହସ ଜୁଟେଇ ପାରୁନଥିଲେ ।

ବର୍ଷଗୁଡ଼ିକ ନଦୀ ପରି ସ୍ଥିର ଏବଂ ନିରନ୍ତର ପ୍ରବାହିତ ହୋଇଚାଲିଥିଲେ । ସମ୍ପ୍ରଦାୟ ଆଶଙ୍କାର ସମ୍ମୁଖୀନ ହୋଇଥିଲା - ତା ମଧ୍ୟରେ ଉଭୟ ସାଂସ୍କୃତିକ ଏବଂ ଭାଷାଗତ ଦୁଇଟି ଦିଗ ମଧ୍ୟ ଥିଲା । ପିଲାମାନେ ତା ଭିତରେ ନୂତନ ପିଢ଼ି ସୃଷ୍ଟି କଲେ , ନୂଆ ଚେହେରା ଆସିଲା, ଏବଂ ସେମାନଙ୍କ ଜୀବନର ଶୈଳୀ ଅଧିକ ଧନୀ, ଜଟିଳ ହେଲା । ଯଦିଓ ଓଡ଼ିଆରେ ଆନୁଷ୍ଠାନିକ ଶିକ୍ଷା ଅବହେଳିତ ରହିଲା, ତଥାପି ପରମ୍ପରା ବୃଦ୍ଧି ପାଇଲା । ପ୍ରାଚୀନମାନଙ୍କଠାରୁ ଯୁବ ଗୋଷ୍ଠୀକୁ ପ୍ରବାହିତ ହୋଇଥିବା କାହାଣୀ, କ୍ଷେତରେ ଏବଂ ସମାବେଶରେ ଗୀତ, ଭକ୍ତି ସହିତ ପାଳନ କରାଯାଉଥିବା ରୀତିନୀତି - ସମସ୍ତେ ନିଶ୍ଚିତ କରିଥିଲେ ଯେ ସେମାନଙ୍କ ସଂସ୍କୃତିର ମହତ୍ତ୍ୱ ସ୍ଥାୟୀ ଅଟେ । ମହାନ ଗଛ ମୂଳରେ ଥିବା ମନ୍ଦିର ସେମାନଙ୍କର ବିଶ୍ୱାସ ଏବଂ ଏକତାର ପ୍ରମାଣ ଭାବରେ ଠିଆ ହେଲା । କେବଳ ଓଡ଼ିଆ ନୁହେଁ ପଡୋଶୀ ସମ୍ପ୍ରଦାୟର ଲୋକଙ୍କ ପ୍ରତିବନ୍ଧକ ଅତିକ୍ରମ କରି ଉତ୍ସବ ପାଳନ କରାଯାଇଥିଲା । ସେମାନେ ସେମାନଙ୍କର ଐତିହ୍ୟ,ବିଶ୍ୱରେ ଦେଖାଇଲେ ଏବଂ ମାଲେସିଆ ସମାଜର ପ୍ରଚାର ଓ ପ୍ରସାର କରିବାକୁ ଲାଗିପଡ଼ିଲେ ।

ଦିନେ ସନ୍ଧ୍ୟାରେ ସୂର୍ଯ୍ୟ ରାଶି ବୃକ୍ଷରୋପଣରେ ସୁବର୍ଣ୍ଣ ରଙ୍ଗ ପକାଇଲେ, ବୃଦ୍ଧ ବାହାନୋ ନାତି ନାତୁଣୀମାନଙ୍କ ଦ୍ୱାରା ଘେରି ରହି ବସିଥିଲେ । ତାଙ୍କ ଆଖି, ଥରେ କଷ୍ଟର ଭାରରେ ପରିପୂର୍ଣ୍ଣ, ଏବେ ଶାନ୍ତ ଗର୍ବରେ ଉଜ୍ଜ୍ୱଳ । ସାନ ନାତି ନିବେଦନ କରି କହିଲା, "ଜେଜେବାପା, ଆମକୁ ଏକ କାହାଣୀ କୁହ । " ସେ ହସିଦେଲେ, ତାଙ୍କ ଆଖି ମନ୍ଦିର ଆଡ଼କୁ ଯାଉଥିଲା ଅନ୍ଧାର ଆକାଶରେ । ଆଧୁନିକତା ନୂତନ ଆଶା , ନୂତନ ସୁଯୋଗ ମଧ୍ୟ ଆଣିଛି । ସାଂସ୍କୃତିକ କେନ୍ଦ୍ର, ସଂଗଠନ ଉତ୍ସବର ପ୍ରତିଷ୍ଠା କେନ୍ଦ୍ର ଦ୍ୱାରା ଆଜିବି ଓଡ଼ିଆ ପରମ୍ପରାଗୁଡ଼ିକ ଜୀବନ୍ତ ରହିଛି । ପ୍ରାଚୀନ ଗଛର ଛାଇ ତଳେ, ମନ୍ଦିରଟି ଠିଆ ସେମିତି ଠିଆ ହୋଇଅଛି - ବିଶ୍ୱାସ, ସ୍ଥିରତା ଏବଂ ଏକ ଚିରସ୍ଥାୟୀ ଆତ୍ମାମାନଙ୍କର ପ୍ରତୀକ ହୋଇ , ଯେଉଁମାନେ ଅସୁବିଧା ସତ୍ତ୍ୱେ ସେମାନେ କେଉଁଠାରୁ ଆସିଛନ୍ତି ତାହା ଭୁଲି ନାହାଁନ୍ତି ।

ବୃଦ୍ଧ ବାହାନୋ ନାତିଙ୍କୁ କହିଲେ "ମୁଁ କେବେ ସାଧବମାନଙ୍କ ବିଷୟରେ କହିଛି କି?" ସେ ଆରମ୍ଭ କଲେ । ସେ ପ୍ରାଚୀନ ନାବିକମାନଙ୍କ ବିଷୟରେ, ସମୁଦ୍ର ଦେଇ ଯାତ୍ରା, ସାହସ ଏବଂ ନିଜ ମାତୃଭୂମି ସହିତ ଅବିସ୍ମରଣୀୟ ବନ୍ଧନ ବିଷୟରେ କାହାଣୀ, ସେମାନେ ଆକର୍ଷିତ ହେଲେ । ଆକାଶରେ ତାରାମାନେ ଆବିର୍ଭାବ ହେଲେ, ଏକ ଲକ୍ଷ ଲଣ୍ଠନ ପରି ଆକାଶକୁ ବିନ୍ଦୁବିନ୍ଦୁରେ ଯୋଡିରଖିଲେ , ବାହାନୋ ଶବ୍ଦର ପ୍ରତିଧ୍ୱନୀ ଆକାଶରେ ମିଶୁଥିଲେ । ପରିବର୍ତ୍ତନର ଘୂର୍ଣ୍ଣିବଳୟ ମଧ୍ୟରେ ନିଜ ଚେରକୁ ଧରି ରଖିବା ପାଇଁ ଜଣେ ଗର୍ବିତ ଉତ୍ତରାଧିକାରୀ, ଯେଉଁମାନେ ଶୁଣୁଥିଲେ ସେ ଶବ୍ଦ, ସେମାନଙ୍କ ହୃଦୟରେ ସ୍ଥାନିତ ହେଉଥିଲା ବିଶ୍ୱାସ, ସ୍ଥିରତା ।

ଏକ ଶତ ବର୍ଷରୁ ଅଧିକ ସମୟ ହେଲାଣି ରହୁଥିବା କିଛି ଓଡ଼ିଆଙ୍କ ଠାରୁ ଶୁଣିଥିବା କଥା କାହାଣୀ ଓ ଅଭିଜ୍ଞତାକୁ ନେଇ ଏହି କାହାଣୀ ରଚିତ । ନାମ ଏବଂ ସ୍ଥାନ କାଳ୍ପନିକ ।





**ବୀଣାପାଣି ପ୍ରଧାନ** ବର୍ତ୍ତମାନ କ୍ୱାଲାଲମ୍ପୁରରେ ରହୁଛନ୍ତି, ଯେଉଁଠାରେ ସେ ଏକ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ଘରଠାରୁ ଦୂରରେ ଥାଇ ମଧ୍ୟ ସେ ଓଡ଼ିଆ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ ଅଛନ୍ତି । ସାହିତ୍ୟ ଓ କଳା ପ୍ରତି ଆଗ୍ରହୀ ଥିବା ସେ ଅନେକ ସମୟରେ ପ୍ରେରଣା ପାଇବା ପାଇଁ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ହୁଅନ୍ତି । ବୀଣାପାଣି "ବାୟା ଚଢେଇ ର ବସା" ନାମକ ଏକ କ୍ଷୁଦ୍ରଗଳ୍ପ ସଂକଳନ ରଚନା କରିଛନ୍ତି ଏବଂ ଓଡ଼ିଆ ପତ୍ରିକାରେ ନିୟମିତ ଭାବରେ ପ୍ରବନ୍ଧ ପ୍ରକାଶ କରି ସାହିତ୍ୟ ସମୁଦାୟକୁ ସକ୍ରିୟ ଅବଦାନ ଦେଉଛନ୍ତି ।

# ଦାସକାଠିର ଉତ୍ପତ୍ତି ଓ ପ୍ରଗତି

**ଶ୍ରୀ ଗୋବିନ୍ଦ ପାଢ଼ୀ**



ଆଜିର ଦୃଶ୍ୟଶ୍ରାବ୍ୟ ଯନ୍ତ୍ରର ବହୁଳ ବ୍ୟବହାର ଦାସକାଠି ନୃତ୍ୟର ଜନାଦୃତିକୁ ସଙ୍କୁଚିତ କରିବାରେ ଲାଗିଛି । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ଓ ଏକବିଂଶ ଶତାବ୍ଦୀର ପ୍ରଥମ ଭାଗର ଭୋଗବାଦୀ ମଣିଷ ମୁକ୍ତ ମଞ୍ଚର ଅଭିନୟ ଓ ନୃତ୍ୟକୁ ଉପେକ୍ଷା କରି ବୈଠକଖାନାର ମନୋରଞ୍ଜନକୁ ଆପଣାଇ ନେଇଛି । ହୁଏତ ଏପରି ଦିନ ଆସିବ, ଏହି ମହାନ ଗୌରବମୟ ହୃଦୟସ୍ପର୍ଶୀ ଲୋକକଳା ନୃତ୍ୟ ଜଗତରୁ ବିଲୋପହୋଇ କେବଳ ଗବେଷକମାନଙ୍କ ପାଇଁ ଇତିହାସର ଏକ ପ୍ରଣିଧାନ ବିଷୟ ହୋଇ ରହିବ । ଦାସକାଠିର ଉତ୍ପତ୍ତି ଓ ପ୍ରଗତି ସମ୍ପର୍କରେ ଏକ ମାର୍ମିକ ପ୍ରତିବେଦନ ।

କଳାର ଉତ୍କର୍ଷହିଁ ଏହି ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିଭରା ରାଜ୍ୟକୁ ଉତ୍କଳ ନାମରେ ନାମିତ କରିଛି । ଲଳିତ କଳାର ଗନ୍ତାଘର ଏହି ରାଜ୍ୟ ଯେଉଁସବୁ ଲୋକନୃତ୍ୟକୁ ଜନ୍ମଦେଇଛି, ସେ ମଧ୍ୟରୁ ଦାସକାଠି ନୃତ୍ୟ ଅନ୍ୟତମ । ଏହି ନୃତ୍ୟ ଭଞ୍ଜଭୂମି ଗଞ୍ଜାମର ଏକ ଅନବଦ୍ୟ ଅବଦାନ । ଦାସକାଠି ନୃତ୍ୟର ପରିବେଷଣ କରୁଥିବା ଦୁଇଜଣ କଳାକାରଙ୍କ ମଧ୍ୟରୁ ମୁଖ୍ୟ କଳାକାର ହେଲେ ଗାୟକ ଓ ସହଯୋଗୀ କଳାକାର ହେଲେ ପାଳିଆ । ଗାୟକଙ୍କ ହାତରେ ଦୁଇଯୋଡି ପ୍ରାୟ ଦଶ ଇଞ୍ଚ ପରିମିତ କାଠି, ଯାହାର ଦୁଇ ଅଗ୍ରଭାଗ ଟିକେ ସରୁ, ବାଜିବା ପଟ ସମତଳ ଓ ପୃଷ୍ଠଭାଗ ଅର୍ଧଗୋଲାକାର, ଅଗ୍ରଭାଗରେ କିଛି ଛୋଟ ଘୁଙ୍ଗୁର ଖଞ୍ଜା ଯାଇଥାଏ । ପାଳିଆ ହାତରେ ଏକ ଯୋଡି ପ୍ରାୟ ଦଶ ଇଞ୍ଚ ପରିମିତ ସମାକୃତ୍ତି କାଠି, ଯାହାର ଅଗ୍ର ନିମ୍ନଭାଗ ଅପେକ୍ଷାକୃତ ସରୁ । ଏସବୁ ଗାୟନ କରିବା ସମୟରେ ବାଦ୍ୟଯନ୍ତ୍ର ଭାବେ ବ୍ୟବହୃତ ହୁଏ । ଉଭୟ ଗାୟକ ଓ ପାଳିଆ ରାଜକୀୟ ଠାଣିରେ ମୁଣ୍ଡରେ ପଗଡି ଭିଡି, ପାଇକଛା ମାରି, କଳା/ଲାଲ କିମ୍ବା ହଳଦିଆ ରଙ୍ଗର କୋଟ କିମ୍ବା ଚୁଡିଦାର ପରିଧାନ କରି, ପାଦରେ ଘୁଙ୍ଗୁର ପିନ୍ଧି ଓ ଆଖିରେ କଜଳ ଲଗାଇ, ମୁଖମଣ୍ଡଳରେ ଜିଙ୍କ୍ ଦିଆ ପାଉଡର ବୋଳି, କାନରେ ସ୍ୱର୍ଣକୁଣ୍ଡଳ କିମ୍ବା ଗୋଖରାଳଙ୍କାର ଧାରଣ କରି, ଆଙ୍ଗିକ କିମ୍ବା ବାଚନିକ ଅଭିନୟରେ ଶୃଙ୍ଗାର ବୀର, କରୁଣ, ରୌଦ୍ର ଓ ହାସ୍ୟରସ ଆଦିକୁ ଅପୂର୍ବ ଭଙ୍ଗିରେ ପରିବେଷଣ କରିଥାନ୍ତି ।



ଦାସକାଠି ନୃତ୍ୟର ଉତ୍ପତ୍ତି କିମ୍ବଦନ୍ତୀ ବହୁଳ । କେତେକଙ୍କ ମତରେ, ତ୍ରେତୟା ଯୁଗରେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଅନୁଜ ଲକ୍ଷ୍ମଣ ନିଜକୁ ପ୍ରଭୁଙ୍କ ଦାସ ମନେକରି ଦୁଇଟି କାଠି ସାହାଯ୍ୟରେ ରାମକଥା ଗାନକରି ବାନର ସେନାଙ୍କୁ ଉତ୍ସାହିତ କରିଥିଲେ । ତେଣୁ ଏହି ନୃତ୍ୟର ନାମ ହେଲା ଦାସକାଠି । ଦାସକାଠିର ଜନ୍ମ ବୃତ୍ତାନ୍ତକୁ ନେଇ ଭିନ୍ନ ଏକ ମତହେଲା - ପୂର୍ବେ ଗଞ୍ଜାମ ଜିଲ୍ଲାରେ ଦାସରି ନାମକ ଏକ ଜାତି ଦୁଇ କାଠି ସାହାଯ୍ୟରେ ହରିକଥା ଗାୟନ କରୁଥିଲେ । ହୁଏତ ଦାସରିଙ୍କ କାଠି ବାଦନରୁ ଦାସକାଠିର ଜନ୍ମ ହୋଇ ଥାଇପାରେ । ଉତ୍କଳୀୟ ଲଳିତ କଳାର ଏହି ଅପୂର୍ବ ସଂଭାର ଦାସକାଠି ନୃତ୍ୟ, ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିକଟସ୍ଥ ଖଣ୍ଡରା ଗ୍ରାମରୁ ସର୍ବପ୍ରଥମେ ଜନ୍ମ ନେଇଥିଲା । ୧୭୮୫ ମସିହାରେ ଖଣ୍ଡରା ନିବାସୀ ଜଣେ ଯଦୁର୍ବେଦି ଧାର୍ମିକ ବ୍ରାହ୍ମଣ ଧର୍ମୁ ସାହୁ ସ୍ୱସଂଗୃହିତ ତାଳପତ୍ର ଗ୍ରନ୍ଥରୁ କାଠି ନୃତ୍ୟର ସୁଚନା ପାଇ ନିଜର ଦୁଇ ପୁତ୍ର ସୋଲେଇ ସାହୁ ଓ ବାଲାଜୀ ସାହୁଙ୍କୁ ରାମଚରିତ ଗାୟନରେ ଉତ୍ସାହିତ କରିଥିଲେ । ନିଃସନ୍ତାନ ବାଲାଜୀ ସାହୁ ଶିଶୁଆ କାଠରେ ଦାସକାଠି ତିଆରି କରି ଜ୍ୟେଷ୍ଠ ପୁତ୍ରରା ମଧୁସାହୁଙ୍କ ସହିତ ସ୍ୱଗୃହରେ ଦାସକାଠି ଗାୟନରେ ନିମ୍ନଜିତ ଥିଲେ; କିନ୍ତୁ ସ୍ୱର୍ଗତ ମଧୁସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଗାଧୁ ସାହୁ ଶ୍ରୀକ୍ଷେତ୍ର ଗମନକରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନାନ୍ତେ ବିଭୁ ପ୍ରେମରେ ବିଭୋର ହୋଇ ଦାସକାଠି ସାହାଯ୍ୟରେ ହରିକଥା ତଥା ବିଭିନ୍ନ ଜଣାଣ, ଛାନ୍ଦ, ଚଉତିଶା ଗାନ କରି ଏହି କଳାର ପ୍ରଚାର ଓ ପ୍ରସାର କରିଥିଲେ ।

ପ୍ରଥମେ ଅଗାଧୁ ସାହୁ ଗଞ୍ଜାମର ସାହାପୁର ଗ୍ରାମ ନିବାସୀ ନିଜ ପିଉସୀ ପୁଅ ଭାଇ ମନୁ ସାହୁ ଓ ପରେ କବିସୂର୍ଯ୍ୟନଗରର ନିକଟସ୍ଥ ସଦାବର୍ତ୍ତ ନୂଆଗାଁ ନିବାସୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ତା ପରେ ନିଜ ଜ୍ୟେଷ୍ଠ ପୁତ୍ର କୃଷ୍ଣଚନ୍ଦ୍ରଙ୍କୁ ପାଳିଆ ରୂପେ ନେଇ ଗଞ୍ଜାମର ଆଠଗଡ, ବିରୁଳି, ହୁମ୍ମା ଓ ପାଲୁରୁ ଜମିଦାର ମାନଙ୍କ ଦରବାରରେ ଦାସକାଠି ଗାୟନ କରିଥିଲେ । ସେ ଆଠଗଡ ରାଜାଙ୍କ ଦ୍ୱାରା ଗାୟକ ଭୂଷଣ ଉପାଧି ଓ ସ୍ୱର୍ଣ୍ଣ କୁଣ୍ଡଳ ପ୍ରାପ୍ତ ହୋଇଥିଲେ ।

ଦାସକାଠିର ପୃଷ୍ଠପୋଷକତା କରି ଏହାକୁ ଉତ୍କଳୀୟ କଳାର ମାନ୍ୟତା ଦେବାରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା, ଅସାଧାରଣ ପ୍ରତିଭା ଓ ଐକାନ୍ତିକ ଉଦ୍ୟମ ମୁଖ୍ୟଥିଲା । ଏହି ନୃତ୍ୟରେ କୃଷ୍ଣଚନ୍ଦ୍ର ସିଦ୍ଧିଲାଭ କରିବା ମୂଳରେ ଏକ ରୋମାଞ୍ଚକର କାହାଣୀ ରହିଛି । ଯେତେବେଳେ ଅର୍ବାଚୀନ ଯୁବକ କୃଷ୍ଣଚନ୍ଦ୍ରଙ୍କୁ ମାତ୍ର ଷୋହଳ ବର୍ଷ ବୟସ, ପିତା ସ୍ୱର୍ଗତ ଅଗାଧୁ ସାହୁ, ତାଙ୍କୁ ବିରୁଳି ଜମିଦାର ବିନାୟକ ସୂରମହାରଥାଙ୍କ ଦରବାରରେ ଗାୟନ ପାଇଁ ଉପସ୍ଥିତ କରାଇଥିଲେ । ଦରବାରର ରାଜକୀୟ ପରିପାଟୀ, ଆଭିଜାତ୍ୟଭରା ପରିବେଶ ଓ ଜନସମାବେଶ ସନ୍ଦର୍ଶଣରେ ଯୁବକ କୃଷ୍ଣଚନ୍ଦ୍ର ଭୟଭୀତ ହୋଇ ଗାୟନ ନ କରି ପାରି ନିର୍ବାକ୍ ହୋଇଥିଲେ । ପିତା ଅଗାଧୁ ସାହୁଙ୍କ ଭର୍ତ୍ସନାରେ ଅପମାନିତ ହୋଇ ସେ ଗଞ୍ଜାମର ପଞ୍ଚମାଣ୍ଡିତ ପ୍ରସିଦ୍ଧ ସିଦ୍ଧବିନାୟକ ପୀଠରେ ଗୁହାରିଆ ପଡି ସ୍ୱପ୍ନାଦେଶ ବଳରେ ସିଦ୍ଧି ଲାଭକଲେ । ଦାସକାଠି ନୃତ୍ୟର ପୃଷ୍ଠପୋଷକ, ଐଶ୍ୱରିକ ପ୍ରତିଭାର ଅଧିକାରୀ କୃଷ୍ଣଚନ୍ଦ୍ର ୧୯୧୮ ମସିହାରୁ ଦାସକାଠି କ୍ଷେତ୍ରରେ ଏକ ନବଯୁଗର ପ୍ରବର୍ତ୍ତନ ଆଣିଛନ୍ତି । ପ୍ରଥମେ ପିତାଙ୍କ ପାଳିଆ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ପରେ ନିଜର କନିଷ୍ଠ ଭ୍ରାତା କାଳିଚରଣ ଓ ଗୋପୀନାଥଙ୍କୁ ପାଳିଆ ରୂପେ ନେଇ ସେ ଦାସକାଠି ନୃତ୍ୟର ପ୍ରଚାର ଓ ପ୍ରସାର କରିଥିଲେ । ଜୀବନର ଅନ୍ତିମ ପର୍ଯ୍ୟାୟରେ ନିଜପୁତ୍ର

ଅନ୍ତର୍ଯାମୀ, ପ୍ରଭାକର ଓ ରାଧାଶ୍ୟାମଙ୍କୁ ମଧ୍ୟ ପାଳିଆରୂପେ ନେଇ ଦାସକାଠିର ନୃତ୍ୟ ପରିବେଷଣ କରିଥିଲେ । ତାଙ୍କ ଜୀବଦଶାରେ ଖଲ୍ଲିକୋଟ, ଚିକିଟି, ସୁରଙ୍ଗି, ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ବଡଗଡ, ପୋଡାମାରି, ଧରାକୋଟ, ଆଠଗଡ, ଜଳନ୍ଧର, ରଣପୁର, ବୋଡାସମ୍ବର, ବିହାରର ଷଢ଼େଇକଳା ଓ ଅନ୍ୟାନ୍ୟ ବହୁ ରାଜଦରବାର ମାନଙ୍କରେ ଗାନକରି ଅନେକ ଉପାଧି, ପ୍ରଶଂସାପତ୍ର ଓ ପୁରସ୍କାର ଲାଭ କରିଥିଲେ । ଗଞ୍ଜାମର ଶେରଗଡ ଜମିଦାରଙ୍କ ଦ୍ୱାରା ସେ ଗାୟକରତ୍ନ ଉପାଧିରେ ଭୂଷିତ ହୋଇ ସ୍ୱର୍ଣ୍ଣକୁଣ୍ଡଳ ପ୍ରାପ୍ତ ହୋଇଥିଲେ ଏବଂ କନିଷ୍ଠ ଭ୍ରାତା କାଳିଚରଣ, ହାସ୍ୟରସ ବିନୋଦକ ଉପାଧିରେ ଘୋଷିତ ହୋଇଥିଲେ ।

ସ୍ୱର୍ଗତ ଗାୟକରତ୍ନ କୃଷ୍ଣଚନ୍ଦ୍ର ନିଜଗ୍ରାମ ଖଣ୍ଡରା ଗ୍ରାମରୁ ଆସି ହିଞ୍ଜିଳିକାଟୁ ସହରର ପାଟଣାସାହିରେ ଅବସ୍ଥାନ କଲେ । ସେତେବେଳେ ତାଙ୍କର ଶିଷ୍ୟଥିଲେ ସେ ସାହିର ସ୍ୱର୍ଗତ ଗୌରହରି ବିଶ୍ୱସରାୟ ଓ ହିଞ୍ଜିଳି ଗ୍ରାମର ସ୍ୱର୍ଗତ ବିନାୟକ ସାବତ । ଗାୟକ କୃଷ୍ଣଚନ୍ଦ୍ର କେତେକ କାବ୍ୟକୃତି ନିଜ ଶିଷ୍ୟ ବିନାୟକ ସାବତ, ଧରାକୋଟ ରାଜା ମଦନ ମୋହନ ସିଂହ, ଖେମୁଣ୍ଡି ରାଜା କୃପାମୟ ଦେବ ଓ ଜଳନ୍ଧର ରାଜାଙ୍କ ନାମରେ ଭଣତି କରିଛନ୍ତି । ଲୋକନୃତ୍ୟ ଦାସକାଠିକୁ ଜନମାନସରେ ଚୀର ଉଜ୍ଜୀବିତ କରାଇବାରେ ତାଙ୍କର ବହୁ ଶିଷ୍ୟ ଯଥା ପି. ରାମଚନ୍ଦ୍ରପୁରର ସ୍ୱର୍ଗତ ଆଦିକନ୍ଦ ପାଢୀ, ନଗରଡିହର ସ୍ୱର୍ଗତ ବୈଦ୍ୟନାଥ ଶତପଥୀ, ଲାଠିର ସ୍ୱର୍ଗତ କାଶୀନାଥ ପଣ୍ଡା, ବେଲଗାଁର ସ୍ୱର୍ଗତ ଅନନ୍ତ ପାଣିଗ୍ରାହୀ, ପଢାଳ ଜୟପୁରର ସ୍ୱର୍ଗତ କ୍ଷେତ୍ରବାସୀ ମାଷ୍ଟ୍ର ପ୍ରମୁଖଙ୍କ ଭୂମିକା ଚିର ସ୍ମରଣୀୟ । ଦାସକାଠି ନୃତ୍ୟକୁ ସ୍ୱର୍ଗତ ଆଦିକନ୍ଦ ପାଢୀ ବର୍ମାଯାଇ, ସେହି ଦେଶର ଭାଷାଶିକ୍ଷା ଲାଭକରି, ସେଠାରେ ବାସ କରିଥିବା ଓଡ଼ିଶାବାସୀଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ ଉତ୍ସାହିତ କରିଥିଲେ । ନଗରଡିହର ସ୍ୱର୍ଗତ ବୈଦ୍ୟନାଥ ଶତପଥୀ ଆଧୁନିକ ଢାଞ୍ଚାରେ ସର୍ବଭାରତୀୟ ସ୍ତରରେ ଏପରିକି ଦିଲ୍ଲୀ ଦରବାରରେ ମଧ୍ୟ ପହଞ୍ଚାଇ ପାରିଛନ୍ତି ଏବଂ ନିଜଗ୍ରାମକୁ କୃଷ୍ଣଚନ୍ଦ୍ର ନଗରଡିହ ଶାସନ ନାମରେ ପରିଣତ କରିବାରେ ସକ୍ଷମ ହୋଇଛନ୍ତି । ସ୍ୱଳ୍ପଶିକ୍ଷା ପ୍ରାପ୍ତ ହୋଇଥିଲେ ହେଁ ସେ ରାମାୟଣ, ମହାଭାରତ ଓ ହରିବଂଶ ଭଳି ବହୁ ପୁରାଣରୁ ଆଖ୍ୟାୟିକାମାନ ସଂଗ୍ରହ କରି ଭକ୍ତକବି ଦୀନକୃଷ୍ଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, କବିକଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ, ସଙ୍ଗୀତକବି ବନମାଳି, କବିବର ରାଧାନାଥରାୟ, ସ୍ୱଭାବକବି ଗଙ୍ଗାଧର ମେହେର ଓ ଗୋଦାବରୀଶ ମହାପାତ୍ର ପ୍ରମୁଖଙ୍କ ରଚନାବଳୀ ଉଦ୍ଧୃତକରି ସ୍ୱକୀୟ ଭଙ୍ଗୀରେ ଗାୟନକୁ ରସାପ୍ଲୁତ କରିଛନ୍ତି । ସେ ମଧ୍ୟ ଅନେକ କାବ୍ୟ ରଚନା କରିଯାଇଛନ୍ତି । ତାଙ୍କରଚିତ ସୂର୍ଯ୍ୟକାନ୍ତି ହରଣର ଏକ ଉଦ୍ଧୃତାଂଶ ହେଲା -

"ପୂର୍ବଖଣ୍ଡ ଖଣ୍ଡରାଯେ ଜାତିରେ ବ୍ରାହ୍ମଣ ସାହୁ ସଞ୍ଜ୍ଞା କୃଷ୍ଣଚନ୍ଦ୍ର ଅଟେ ମୋର ନାମ,
ଭଦ୍ରଲୋକମାନଙ୍କର କୃପାପ୍ରସାଦେଣ ଶେରଗଡ଼ ରାଜାଙ୍କର ଗାୟକରତନ,
ତେଲୁଗୁ ଭାରତରୁ ଉଦ୍ଧୃତ କରାଇ ସୂର୍ଯ୍ୟକାନ୍ତି ପରିଣୟ ରଚିଅଛି ମୁହିଁ "

ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗାୟକରତ୍ନଙ୍କର ଦୁଇ ନାତି କିଶୋର କୁମାର ଓ ଶିଶିର କୁମାର (ଗାୟକରତ୍ନଙ୍କ କନିଷ୍ଠ ପୁତ୍ର ରାଧାଶ୍ୟାମ ସାହୁଙ୍କ ପୁତ୍ର), ଏହି ଦୁଇ ନାତିଙ୍କ ବାଳସୁଲଭ ସ୍ୱର ଜନମାନସକୁ ଆହ୍ଲାଦିତ କରି ଏହି ନୃତ୍ୟର ଯଶଗାନ କରୁଛି । ସ୍ୱର୍ଗତ ଗାୟକରତ୍ନ କୃଷ୍ଣଚନ୍ଦ୍ରଙ୍କ କାବ୍ୟାନୁସାରୀ ଗାୟନ କଳା, କାଠି ବାଦନର ସ୍ୱାତନ୍ତ୍ର୍ୟ, ଗାୟକଙ୍କ ଗଳା ଝଙ୍କାର ଓ ପାଳିଆଙ୍କ ହାସ୍ୟରସ ପରିବେଷଣ ଶୈଳୀ ଅତି ଉଚ୍ଚକୋଟୀର । ଏହି ନୃତ୍ୟରୁ ଓଡ଼ିଶାର ସାମାଜିକ ଜୀବନର ଏକ ନିଚ୍ଛକ ପ୍ରତିଚ୍ଛବି ପରିସ୍ଫୁଟ ହୁଏ ।





ଅବସରପ୍ରାପ୍ତ ପ୍ରାଧ୍ୟାପକ **ଶ୍ରୀ ଗୋବିନ୍ଦ ପାଢୀ** ବୃତ୍ତିରେ ଜଣେ ବହୁପାଠୀ, ଜିଜ୍ଞାସୁ ଓ ଛାତ୍ରଛାତ୍ରୀ ପ୍ରୀୟ ଅଧ୍ୟାପକ । ପ୍ରବୃତ୍ତିରେ ସେ ଜଣେ ଭଲ ସଂଗଠକ, ଗବେଷକ ଏବଂ ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖିଥିବା ଶ୍ରଦ୍ଧାଶୀଳ ମଣିଷ । ସେ ଶିକ୍ଷା, ଲୋକସଂସ୍କୃତି, ଅର୍ଥନୀତି, ସାମାଜିକ ବିଧି ବ୍ୟବସ୍ଥା ଓ କେତେକ ବ୍ୟକ୍ତିବିଶେଷଙ୍କ ଜୀବନୀର ସଫଳ ରୂପାୟନ କରି ବହୁ କବିତା ଓ ପ୍ରବନ୍ଧ ରଚନା କରିଛନ୍ତି, ଯାହାକି ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି ।



# କନ୍ୟା

ସ୍ୱର୍ଗତ ଦୁର୍ଗାବତୀ ତ୍ରିପାଠୀ

(ନାରୀ ଶକ୍ତିର ଆଧାର । ସମସ୍ତ ଶକ୍ତି ର ପ୍ରତୀକ ରୂପେ ଦେବୀ ଦଶଭୁଜା ଙ୍କ ପୂଜା ପାର୍ବଣ ଏ ଦେଶ ରେ କେବହୁଁ ପ୍ରଚଳିତ । ଅଧୁନା ନଥି ପତ୍ର ରେ ମଧ ନାରୀ ପୁରୁଷର, ପୁତ୍ର କନ୍ୟାର ବା ସ୍ୱାମୀ, ସ୍ତ୍ରୀ ର ସମାନ ଆସନ ନିର୍ଦ୍ଦେଶିତ । କଳ୍ପନା ରେ ନାରୀ ଶକ୍ତିମୟୀ - ଦେବୀ । ମାତ୍ର ବାସ୍ତବରେ ???)

**ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।**
**ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।।**

ମହାନବମୀ ଆଜି । ଗୁଣୁଗୁଣୁ ସ୍ୱରରେ ଆବୃତି କରୁ କରୁ ପୂଜା ପଣ୍ଡା ମୁଁ, ଦେବୀ ମଣ୍ଡପ ଆଡେ ଆଗେଇ ଚାଲିଥିଲି । ଗଳି ମୋଡ ଆଡୁ ଗୋଟେ ଶବ ଶୋଭାଯାତ୍ରା କଲାଭଳି ବାହାରି ଆସିଲା । ସ୍ୱେଚ୍ଛାସେବକ ଦଳେ କାନ୍ଧରେ ବୋହି ଚାଲିଛନ୍ତି । ଦାହ ଦେବେ । କିଏ ଜଣେ ସ୍ତ୍ରୀ ଲୋକ ଆତ୍ମହତ୍ୟା କରିଛି ।

"ଭାଇନା ଟିକେ ଶୁଣିବେ କି?" ଫେରି ଚାହିଁଲି । ଦଳ ଭିତରୁ ଚିହ୍ନ ପିଲା ଟିଏ ଆଗେଇ ଆସିଲା । କହିଲା "ଏଇ କାଗଜ ତକ ଆପଣ ରଖନ୍ତୁ, ପଢନ୍ତୁ । ଏ ସ୍ତ୍ରୀ ଲୋକଟି ଅଚିହ୍ନା ସଡକ କଡ ଗଛରେ ଦୌଡ଼ି ଦେଇ ମରିଚି । କାନି ରେ ବନ୍ଧା ଥିଲା, ତାର ପାରିବାରିକ ବିଷୟ । ଆପଣ ଯଦି କହିବେ ପୋଲିସ ଜିମା ଦେବା, ନହେଲେ ନାହିଁ ।

ପଣ୍ଡା ଗିରି କଲେ ବି ଶିକ୍ଷାଗତ ଯୋଗ୍ୟତା ରହିଛି । ହୁଏତ ଏଇଥିପାଇଁ ସାହି ପିଲା ଟିକେ ମାନନ୍ତି । ଖାତିର କରନ୍ତି । ନବୁଝି ନ ପଚାରି କିଛି କରନ୍ତିନି ।

ପଚାରିଲି "ଏଗୁଡା ମୋ ପାଖରେ ରହିଲେ ଦାହ ଦେବାରେ ଅସୁବିଧା ନାହିଁ ତ?"

ନା ଖଣ୍ଡେ କାଗଜ ରେ ତାର ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ଲେଖି ଯାଇଛି । ଶେଷ ଅନୁରୋଧ କରିଛି ଦାହ ଦେବାକୁ । ଆପଣ ପଢନ୍ତୁ ।

ପଢ଼ିଲି ------

ପୁତ୍ର, କନ୍ୟା ସମ ବୀର୍ଯ୍ୟ ଜାତ । ଗୋଟିଏ ବୃନ୍ତର ଦୁଇଟି କୁସୁମ ।

କିନ୍ତୁ...

ମୋତେ ଲୁଣ ଲଙ୍କା ଆଉ ବାଡ଼ିପଡ଼ା ଦେଇ ପଖାଳ ବାଢ଼ିଦେଲେ ବୋଉ । କାଁହୁକୁ ଥାଳିଆଟାରେ ସରପୁଳି ଆଉ ଆରିସା ବଢ଼େଇ ଦେଲା । ଏ ବ୍ୟବସ୍ଥା ସବୁ ଦିନର । କିନ୍ତୁ ଦଶ ବର୍ଷର ଝିଅ ମୁଁ, ସେଦିନ ହଠାତ ପ୍ରତିବାଦ କଲି, ଇୟେ କଣ ବୋଉ ?

- କଣ?

- ମୁଁ ପଖାଳ ଖାଇବିନି ।

- ନ ଖାଇଲେ ନ ଖା ଲୋ ! ମୋତେ ଆଉ କହନା ।

ରାଗିଥିଲି, ବେଲାରେ ଖାଇ ନଥିଲି ଆଉ ନେଇ କି କୁଣ୍ଡା ଆଟିକାରେ ଅଜାଡି ଦେଇଥିଲି । ପଛରୁ କାନ ମୋଡ଼ି ଦେଲା ବୋଉ । କହିଲା "ପରଓଳି ପଦା ରେ ପାପୁଲି ପଛରେ ପୋଛୁ ପୋଛୁ ଆଖି ପାଣି ସରିବନି ! ମାଇକିନା ଝୁଅ ଜନ୍ମ ପାଇଁ ପୁଣି ଏଡିକି ଜାରି ! ଛିଃ !!!

ବାପା ବୋଉଙ୍କ ମୁ ଥିଲି ଚତୁର୍ଥ କନ୍ୟା । ଆଶ୍ୱିନ ଶୁକ୍ଳ ପଞ୍ଚମୀରେ ଜନ୍ମିଥିଲି । ଭଲ ନାଁ ଥିଲା ଅହଲ୍ୟା । ଡାକନ୍ତି ଅଲୋଡ଼ା, ଅଲି । ବୋଉର ଚାରିଟି ଝିଅ ହେବାରୁ ବାପା ମୋ ଜନ୍ମର ମାସକ ପରେ ନୂଆ ବୋଉକୁ ଆଣିଥିଲେ ଓ ବର୍ଷକ ପରେ କାଁହୁ ଜନ୍ମ ହୋଇଥିଲା । କିନ୍ତୁ ଆଶ୍ଚର୍ଯ୍ୟ ଏତିକି ଏଥିପାଇଁ ମୋ ବୋଉର ଏତେଟିକେ ବି ବିକାର ନଥିଲା । ବରଂ କାଁହୁକୁ ସେ ଆମଠାରୁ ଅଧିକ କରୁଥିଲା (ଏବେ ବୁଝୁଚି

ନାଁ କରିଥିଲେ ହୁଏତ ସେଠି ସେ ତିଷ୍ଠି ପାରି ନଥାନ୍ତା । ଯେହେତୁ ସେ ବି ଗୋଟେ ନାରୀ )

ବାରି ପିଣ୍ଡା ରେ ଠିଆ ହୋଇ ଦୁଇ ପାପୁଲି ରେ ମୁହଁ ଚାପି ନିଜ କାନ୍ଦ କୁ ଦମନ କରିବାକୁ ଆପ୍ରାଣ ଚେଷ୍ଟା କରୁଥିଲି ।

ନାନୀ - କାଁହୁ ପଛରୁ ଡାକିଲା ...ତୁ କାନ୍ଦୁଛୁ କି ନାନୀ ?

ମୁ ସେମିତି ଛିଡା ହେଇ ରହିଲି । କଥା କହିଲିନି ।

ସରପୁଳି ପାଇଁ କାନ୍ଦୁଛୁ କି ନାନୀ ! ନେ ତୁ ଖା ମୁ ଖାଇବିନି । ମୋର ଜମାରୁ ମନ ହେଉନି ।

ସତେ କି ମୋ ଦେହରେ କିଏ ଚାବୁକ ମାରିଲା । ମୁଁ ଚମକି ଉଠିଲି । ଫେରି ଚାହିଁଲି । ପାଟିରେ କିଛି କହିନି ମାତ୍ର ଆଖି ଗୁଡା ସତେ କି କହିବାକୁ ଚାହୁଁଥିଲା - କ୍ଷୀର ବା ତୋରାଣି ସୁଆଦ ମୋ ପାଟି ବା ତୁନି ରେ ! ବୋଉ ର ଅବିଚାର ମୋତେ ବ୍ୟଥିତ କରୁଛି । ଉତ୍ୟକ୍ତ କରୁଛି । ମୁଁ ଦୟା ଚାହୁଁନି ମୁଁ ଚାହୁଁଚି ନ୍ୟାୟ ।

ପାଟି ରେ କହିଲି ତୁ ଯା ମୋର କିଛି ଦରକାର ନାହିଁ । ତୁ ପଳା ମୋ ଆଗ ରୁ । ସେଠୁ ମୁଁ ପଳେଇ ଆସିଥିଲି । ଶେଜ ରେ ମୁହଁ ମାଡ଼ିଥିଲି, ଆଖି କୁ ବାରମ୍ବାର ପୋଛିଥିଲି ।

ବାପା କାଁହୁ ପାଇଁ ଇଂରାଜୀ ବହି ଟିଏ ଆଣି ଦେଇଥାନ୍ତି । ପଢୁଥାନ୍ତି ଟି ଆଇ ଜି ଇ ଆର - ଟାଇଗର ମାନେ ବାଘ ।

ମୁଁ ଆସି ପାଖରେ ଠିଆ ହେଲି । କେତେ ପ୍ରକାର ଛବି । ଅସ୍ଥିର ଲାଗୁଥିଲା ମୋତେ, କେମିତି ଦେଖନ୍ତି ଟିକେ । ଉସଖୁଶ ହେଉଥିଲି । ବାପା ପାଟି କଲେ କାହିଁ ଏମିତି ହେଉଚୁ କିଲୋ !

ତଥାପି ମୁଁ ସେଠୁ ଯାଉନଥିଲି ବହିଟିକୁ ଦେଖିବାକୁ, ବୁଝିବାକୁ, ପଢିବାକୁ ବହୁତ ମନ ହେଉଥିଲା । ବାପା ପୁଣି ବିରକ୍ତ ହେଲେ ଓଃ ! ଗୋଳମାଳ କରନା । ତୁ ଗଲୁ ଏଠୁ । ବାବୁ ପଢିବ ପରା ! ପଢିବ ବେଳେ ଗୋଳମାଳ କରନ୍ତିନି ।

" ଆଉ ମୁଁ ? ମୁଁ କଣ ପଢ଼ିବିନି କି?" ଅତି ଉତ୍ସୁକ କଣ୍ଠରେ ପଚାରି ପକେଇଥିଲି

ଝିଅ ଟାଏ ତୁ ପଢି କଣ କରିବୁ ? ତୋ କର ଯା । ଯା ଏଠୁ ପଳା । ବାପା ଙ୍କୁ ଚାହିଁଲି । ଅଭିମାନ ରେ, ଅପମାନ ରେ ମୋ ଆଖି ଦୁଇଟା ଜାଳି ଉଠିଲା । ଲୁହ ରେ ପୁରି ଗଲା । ସେଠୁ ପଳେଇ ଆସିଲି । ଉର୍ଦ୍ଧ୍ୱ କୁ ଚାହିଁଥିଲି । ହାତ ଯୋଡ଼ିଥିଲି । ଠାକୁର ଙ୍କୁ ଡ଼ାକିଥିଲି - ଠାକୁରେ କାହିଁକି ଝିଅ କଲା ମୋତେ ???

----------x----------

ଦେଲା ନାରୀ । ହେଲା ପାରି । ବାର ବର୍ଷ ନ ପୂରୁଣୁ ବର ଠିକଣା କଲେ । ତେର ବର୍ଷ ନ ପୂରୁଣୁ ବେଦୀରେ ବସିଲି । କନ୍ୟା ଦାନ କରି ସାରି ବାପା ନିଶ୍ଚିନ୍ତ ନିଃଶ୍ୱାସ ମାରିଲେ । ମାତ୍ର ଚିନ୍ତା ରେ ପଡ଼ିଗଲି ମୁଁ । ସ୍ୱାମୀ ଅତ୍ୟନ୍ତ ପଇସାବାଲା । ଆସିବାର ଦଶ ବର୍ଷ ଭିତରେ ଦଶ ଦିନ ବି ଛାଡ଼ି ନାହାନ୍ତି ବାପଘରକୁ । ବାପ ଆଉ ନାହାନ୍ତି । ବୋଉ ର ଆଖି କୁ ଦିଶୁନି । କାନ କୁ ଶୁଣା ଯାଉନି । କାଁହୁ ବିଭା ହେଲାଣି । ବଡ ଚାକିରୀ କଲାଣି । କିନ୍ତୁ ଦିନେ ବି ତାର ନାନୀ ମନେ ପଡିନି ।

ଆସିନି ମୋଠିକୀ । ଖାଲି ପିଞ୍ଜରା ରେ ସାରୀ ଭଳି ଝୁରି ମରିଚି ମୁଁ ।

ବହୁ ଥର ଭଳି ସେଦିନ ଟେବୁଲ ରେ ବିଧା ବାଢ଼େଇଲେ ସ୍ୱାମୀ -ଏ ଟା ତୁ କଣ ରାନ୍ଧିଚୁ? କହିଥିଲି ଖାନସମା ଟା ।

ଛଡ । ନା ରଖ ଆଉ ଗୋଟେ !

ଓଃ ନିଓନା ହେଇ ଆସି ପାଖରେ ଛିଡା ହେଲି " କଣ ହେଲା "?

କଣ ରାନ୍ଧିଚୁ ଏଗୁଡା ? କିଏ ଖାଏ ଏସବୁ ଯୁଗରେ ?

ସାହେବ ମାନେ କେଉଁ କାଳରୁ ଗଲେଣି । ମାତ୍ର ସ୍ୱାମୀଙ୍କର ସାହେବ ଖାନା ପ୍ରତି ପ୍ରୀତି ଏବେ ବି ଅକ୍ଷତ ଅଛି । କିନ୍ତୁ ଅମଲେଟ, କଟଲେଟ, କେକ, ଚପ ଯାହା କିଛି ବି ରାନ୍ଧିଲେ ମୋ ହାତ ରେ ଭଲ ହେଇ ପାରୁନି ।

ଜମିଦାରୀ ଗଲା ଠୁ ଖାନସମା ମଲା ଠୁ ଏବେ ନିତାନ୍ତ ଓଡ଼ିଆ ଖାନା ଆରିଷା କାକରା ବେସର ଅଥବା ମହୁର ତିଅଣରେ ଟେବୁଲ ସଜାଡୁଛି ।

ସ୍ୱାମୀ ପଚାରିଲେ ଚିକେନ ରାନ୍ଧିନୁ ?

ହଠାତ ତାଙ୍କ ହାତ ଧରି ପକେଇଲି କହିଲି ମୋ ରାଣ ରାଗ ନା । ଚାଖ ଟିକେ ! ମୋ ହାତ ରେ ଚିକେନଟା ଭଲ ହେଇ ପାରୁନି ପୁଣି ଆଜି ଏକାଦଶୀ ବି ଥିଲା ।

" କଣ କହିଲୁ ହବନି?" ଗର୍ଜି ଉଠିଲେ ସ୍ୱାମୀ । ଗୋଟେ ଧକ୍କା ଦେଲେ ହବନି ? ନିକଲ ମୋ ଘରୁ ବାହାର ଏଠୁ କେବେ ବି ମୋ କଥା ଶୁଣୁନି । ପହିଲି ଧକ୍କା ରେ ସେଠି ବସି ପଡ଼ିଥିଲି,



ତାପରେ ବିଧା ଗୋଇଠା କଣ ବସିଲା ବୁଝିପାରିଲିଣି । ସବୁ ଅନ୍ଧାର ଦେଖାଗଲା । ଯାତନାରେ କାତର ହୋଇ ତଳେ ଲୋଟି ପଡିଲି ଆଉ ଆତୁର କଣ୍ଠ ରେ ଡ଼ାକିଥିଲି " ହେ ଭଗବାନ ! ତୁମେ କୋଉଠି ? ମୋର ଭୁଲ କଣ?"

ବହୁତ ବର୍ଷ ପରେ, ବହୁତ କଷ୍ଟ ପରେ ପ୍ରାଣ ଭରି ବିତୃଷ୍ଣା ନେଇ ଫେରି ଆସିଲି ବାପା ଘରକୁ । ସବୁ ଅଚିହ୍ନା ଲାଗୁଥିଲା । ବୋଉ ଅତ୍ୟନ୍ତ ରୋଗୀଣା ଦେଖା ଯାଉଥିଲା ଆଉ ଆଖିକୁ ଠିକ ସେ ଦିଶୁ ନଥିଲା ।

ଏଇ ! କିଏ ଲୋ ତୁ ! ଭିତରକୁ ପଶି ଯାଉଛୁ ? ମୋର ଶୁଖିଲା ମୁହଁ ଆଉ ମଇଳା ଲୁଗା ମୋର ବିପକ୍ଷ ରେ ହେଲା । ସତରେ କଣ ଏତିକି ବର୍ଷ ରେ ମୁ ବଦଳି ଯାଇଛି ? ଏତିକି ବେଳେ କାଁହୁ ଆଉ ତା ସ୍ତ୍ରୀ ବାହାରିଲେ, ଆଉ କାଁହୁ କହିଲା " ଏ ରାତିରେ ବି ଭିକାରି ଆସିଲେଣି ! ଏ ଦେଶର ଆଉ କିଛି ହେବନି । ତାର ସେଇ କଣ୍ଠ ସ୍ୱର ମୋତେ ନିର୍ବାକ କଲା । ଓଠ ଦୁଇଟା ଥରୁ ଥିଲା କଣ କହିବାକୁ ମାତ୍ର ପାଟି ବନ୍ଦ ହେଇଗଲା ।

ହେ ଭଗବାନ ଶେଷକୁ ଭାଇ ବି ଚିହ୍ନି ପାରିଲାନି ? ଏଇ ଅନାହୁତ ଅପମାନରେ ମନ ଆଉ ଶରୀର ଜଳି ଉଠୁଥିଲା । ରୁଦ୍ଧ କଣ୍ଠ ରେ ଠାକୁର ଙ୍କୁ ଡାକିଲି " ହେ ଠାକୁରେ ମୁ କୁଆଡେ ଯିବି ? ମୋର ସ୍ଥାନ କୋଉଠି ? ଶଶୁର ଘରେ, ସ୍ୱାମୀ ଘରେ ମୁ ଅବହେଳିତା ଲାଂଛିତା ! ବାପା ଘରେ, ଭାଇ ଘରେ ଅବାଂଛିତ । ମୋର ନିଜସ୍ୱ ନାହିଁ, ନିଜତ୍ୱ ନାହିଁ ।

ସ୍ୱାଧୀନ ଦେଶ ରେ ବି ମୋର ସତ୍ତା ସ୍ଥିତିହୀନ । ଶତ ସହସ୍ର ନାରୀଙ୍କ ଭଳି ଅବସ୍ଥା ସବୁକୁ ନିର୍ବିକାର ସହି ଯାଇ ପାରିଥାନ୍ତି ମାତ୍ର ଆଉ ମୋ ପାଖରେ ଶକ୍ତି ନାହିଁ, ଇଛା ବି ନାହିଁ । ଆଉ ତାରି ଫଳରେ ଆଜି ଏଇ ଜୀବନ ଯାତ୍ରା ରୁ ମୋତେ ଇସ୍ତଫା ଦେବାକୁ ପଡୁଛି । ମେଲାଣି ନେବାକୁ ପଡୁଛି । ବିଦାୟ ଏଇ ଦୁନିଆ କୁ ......

----------x----------

ସବୁ ପଢି ସାରି କାଗଜ ଉପରୁ ଆଖି ଉଠେଇଲି, ଚାହିଁଲି ମଣ୍ଡପ ଉପରେ ଅପୁର୍ବ ସୁନ୍ଦର ଦଶଭୁଜା ଦେବୀ ମୂର୍ତି । ସତେ କି ହସୁଛନ୍ତି । ସତେ କି କଥା କହୁଛନ୍ତି । ପଚାରୁ ଛନ୍ତି ମୋତେ .. ପଣ୍ଡାଏ ! ସତ କହିବ ଟି, ଏ ଦେଶ ଖାଲି ମୋର ପ୍ରତିମା ଗଢି ଗଢି ପୂଜା କରି ଚାଲିଛି ? ନା ବାସ୍ତବ ରେ ଜଗତ ରେ ଯିଏ ମୋର ଶକ୍ତିଚୟର ଜୀବନ୍ତ ପ୍ରତିମା ସେଇ ନାରୀ ଜାତି ତଥା କନ୍ୟା, ଭଗିନୀ, ଜନନୀ ଓ ଜୟ ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶିଖିଲାଣି ?

ଚମକି ଉଠିଲି ମୁଁ ଆଉ ପୁରୁଷ ଜାତିର ଏକ ଅଂଶ ହିସାବ ରେ ଆଖି ତଳକୁ ନୁଆଇଁ ନେଲି ।

ରାମ ନାମ ସତ୍ୟ ହେ
କୃଷ୍ଣ ନାମ ସତ୍ୟ ହେ

ଶବ ବାହକ ମାନଙ୍କର ଆଧାମ୍ରିକ ଧ୍ୱନି ସେତେବେଳକୁ ଅନେକ ଦୂର ରୁ ଆସ୍ତେ ଆସ୍ତେ ଅସ୍ପଷ୍ଟ ହୋଇ ଆସୁଥିଲା ।



**ସ୍ୱର୍ଗତ ଦୁର୍ଗାବତୀ ତ୍ରିପାଠୀ** (୧୯୧୯-୨୦୧୫) ଜଣେ ସ୍ୱନାମ ଧନ୍ୟ ଲେଖିକା । କଟକ ର ଏକ ସମ୍ଭ୍ରାନ୍ତ ପରିବାର ରେ ଜନ୍ମ ନେଇ ସ୍ୱଳ୍ପ ବୟସରୁ ବିବାହ କରି ମୟୂରଭଞ୍ଜ ର ଏକ ନିପଟ ମଫସଲ ଗ୍ରାମ କୁ ଆସିଥିଲେ । ପରିବାର ର ଦାୟିତ୍ୱ ଓ ଘର ର କାର୍ଯ୍ୟ କୁ କୁଶଳତା ର ସହିତ କରୁଥିଲେ ମଧ ଲେଖା ଲେଖି କରିବା କେବେ ବି ଭୁଲି ନଥିଲେ । ତାଙ୍କର ଅନେକ ପୁସ୍ତକ ଯଥା ' ନାରୀ ର ନିଜ କଥା ', ' ଶିଳାଲିପି', ନୈବେଦ୍ୟ ପ୍ରକାଶିତ ହୋଇ ଅଗଣିତ ପାଠକ ଙ୍କ ଦୃଷ୍ଟି ଆକର୍ଷିତ କରି ପାରିଥିଲା । ନିଜ ଲେଖନୀ ପାଇଁ ୧୯୮୦ମସିହା ରେ ସେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୦୦ ମସିହା ରେ ଶାରଳା ପୁରସ୍କାର ରେ ମଧ ସମ୍ମାନିତ ହୋଇଥିଲେ । ତାଙ୍କ ସବୁ ଲେଖନୀ ରେ ନାରୀ ର ଚିତ୍ରଣ ଖୁବ ହୃଦୟ ସ୍ପର୍ଶୀ ଏବଂ ଆଜି ର ସମୟ ରେ ମଧ ମନକୁ ଆନ୍ଦୋଳିତ କରିଦିଏ ।

# ସେ ନିର୍ମଳ ସେ ପବିତ୍ର

**ପ୍ରଶାନ୍ତ କୁମାର ନାୟକ**

ସେ ନିର୍ମଳ ସେ ପବିତ୍ର - କମଳ ପରି କୋମଳ
ସେ ମହାକାଏ ତିନି ପୁର
ସେହିଁ ଜ୍ଞାନୀ ସେହିଁ ଗୁଣୀ - ସ୍ଥିର ମତୀ ତାର ବଳ
କିଏ ସରି ହେବ ତାର

ଶିକ୍ଷାରେ ସେ ଅଗ୍ରଗଣ୍ୟ - ବୁଦ୍ଧିରେ ମୃଗ ଚଞ୍ଚଳ
ଅଜ୍ଞାନୀକୁ ଦିଏ ଜ୍ଞାନ
ବାଣ୍ଟେ ସ୍ନେହ ସେ ମମତା - ନଦୀ ପରି ବହେ ଜଳ
ସଭିଙ୍କୁ ଦେଇ ସନମାନ

ଜନ୍ମ ଯାହାର ମହାପୂଣ୍ୟ - କର୍ମ ଯାହାର ଚିରସତ୍ୟ
ସେ ପ୍ରକୃତୀ ମାତାର ରୂପ
ଆଦର୍ଶ ସେ ଭୂମି କନ୍ୟା - ଅତିମହାନ ତାର ଜୀବନ
ସ୍ୱର୍ଶ ନକରେ କିଛି ପାପ

ଲାବଣ୍ୟ ରୂପୀ ସେ ନାରୀ - ରୂପ ଚନ୍ଦ୍ରମାକୁ ଟପେ
ଖୋଜି ନପାଏ ଟିକେ ଦାଗ
ପରମ ଶକ୍ତିର ସ୍ୱରୂପ - ଦିବ୍ୟ ଯେ ତାଙ୍କ ରୂପ
ଜ୍ୟୋତି ମହାକାଏ ଚତୁର୍ଦ୍ଦିଗ

ପବିତ୍ର ମନର ପ୍ରେମ - ଏକାନ୍ତ ସତ୍ୟ ଚିରନ୍ତନ
ସଦା ଥାଏ ସେ କେନ୍ଦ୍ରିତ
ବିପଦ ହେଉ ବା ଆପଦ - ବିଚଳିତ ନୁହେଁ କେବେ
ଧର୍ଯ୍ୟ ଓ ଶାନ୍ତିର ପ୍ରତୀକ

ପୁଷ୍ପ ପରି ସଦା ଚେତ - ସୂର୍ଯ୍ୟ ପରି ତାର ତେଜ
ମଧୁର ଯେ କଣ୍ଠ ବାଣୀ
ସମ୍ପର୍କେ ଆସିଲେ ଧର୍ମ - ସେ ଦିବ୍ୟ ପୂଣ୍ୟ ଆତ୍ମାର
ନୟନେ ଭରେ ଯେ ପାଣି

ସତ୍ୟ ଯେ ସେହିଁ ଶାଶ୍ୱତ - ସେ ଯେ ଈଶ୍ବର ଶକ୍ତି
ନେଇଥାଏ ରୂପ ଅନେକ
କନ୍ୟା ରୂପେ ଯେ ଭାଗ୍ୟ - ମିଥିଳେ ତ୍ରେତା ଯୁଗେ
ପାଇଥିଲେ ପିତା ଜନକ

ଅତି ଅଲିଅଳି ବାଲ୍ୟାବସ୍ଥା - ଜନକପୁରୀର ଜୀବନ
ପ୍ରତିଗୃହେ କନ୍ୟାହୋଇ
ଜନ୍ମସ୍ଥାନ ପୂଜୁଥିଲେ ସଭି - ଗ୍ରାମଦେବୀ ରୂପେ ଭକତି
ସନ୍ଧ୍ୟାକାଳେ ନାମ ଗାୟି

ସଦା ସହାୟକ ଦୁଃଖୀଜନେ - ନପାରେ ସେ ପୀଡା ସହି
ସତ୍ୟ ନ୍ୟାୟ ପଥେ ରହି
ଭେଦଭାବ ଥାଏ ଦୁରେଇ - ସ୍ନେହପ୍ରେମ ସଦା ବର୍ଷହି
ବାତ୍ସଲ୍ୟ ନିର୍ମଳ ଧାରାବହି

ସେ ଦୁହିତା ସେହିଁ ମାତା - ସୃଷ୍ଟିର ଆରମ୍ଭ ସେଠୁ
ସେହିଁ ପ୍ରେମ ସ୍ୱଛଳ ମୂରତି
ହୃଦେବସେ ସଦ୍ଭେ ପାଶେ - ଅଧର୍ମକୁ ସଦା ନାଶେ
ମହାମାୟୀ ସେ ମହାସତୀ

ତ୍ୟାଗର ସେ ପ୍ରତିମୂର୍ତ୍ତି - ନଥାଏ ମନେ ଆସକ୍ତି
ଜାଣେ ସେ କେବଳ ଦାନ୍ୟ
ଦେଇଚାଲେ ଦୟା ମୂରତି - ଧରିତ୍ରୀ ରୂପେ ବିନୟୀ
କରିଚାଲେ ସେ ମହାପୁଣ୍ୟ

ନାଁଟି ପବିତ୍ର ଅତି ଯେ ପାବନ - ଓଠରେ ଧରିଲେ ପୁଣ୍ୟ
କ୍ଷୟ ହୋଇଥାଏ ପାପ
ଦୁଇ ଅକ୍ଷର ଅନନ୍ତ ଗଭୀର - ଧର୍ମ ଚେତନା ସାମାନ୍ୟ
ସୀତା ନାମ କରି ଜପ

ଧର୍ମ ସାଥେ କର୍ମ ବୁଝେ ମାନବ - ଈଶ୍ୱର ପାଦେ ମନ୍ନତୀ
ମହାନ ସେହି ଅନୁଭୂତୀ
ସୌଭାଗ୍ୟବତୀ ଏ ସଂସାର - ଗାୟି ଗାୟି ଦେବୀ ସ୍ତୁତି
ପରଂବ୍ରହ୍ମ ସେ ବିଷ୍ଣୁପ୍ରିତୀ



**ପ୍ରଶାନ୍ତ କୁମାର ନାୟକ** ବୃତି ରେ ଜଣେ ଭୁବିଜ୍ଞାନୀ ଯେ ମାଲେସିଆ ର ମିରି ରେ ତୈଳ ଓ ପ୍ରାକୃତିକ କମ୍ପାନୀ ରେ କାର୍ଯ୍ୟରତ । ସେ ଜଣେ ଭାବୁକ ଲେଖକ ଯିଏ ପୁରାଣ ଓ ବର୍ତମାନ କୁ ମିଶାଇ ଏକ ନୂତନ ଧରଣ ର ସାହିତ୍ୟ ରଚନା କରନ୍ତି । ସେ ଓଡ଼ିଆ ଓ ଇଂରାଜୀ ଭାଷା ରେ ଅନେକ ବହି ରଚନା କରିଛନ୍ତି ।

# ପ୍ରବାସୀର ଷଠିଘର

ସୁଷମା ନାୟକ

ମୋ ପୂର୍ବଜ ଭିଟାମାଟି ଗାଆଁ ଘର କୋଣେ
ଶୁଭିଥିଲା କୁଆଁ କୁଆଁ ରାବ କେଉଁ କ୍ଷଣେ
ଜନମ ଭୂଇଁ ସେ ପବିତ୍ର ଏନ୍ତୁଡିଶାଳ
ପହିଲି ପରଶ  ମାତା ବସୁଧାର  କୋଳ

ଯେଉଁ କାନ୍ଥେ ଲେଖା କଉଡ଼ିରେ  ଷଠିଘର
ସ୍ମୃତି ର ସ୍ମାରକୀ ପୂର୍ବଜଙ୍କ ଠାରୁ ମୋର
ଗୋବର ଲିପା କାନ୍ଥରେ ପିଠଉରେ ଝୋଟି
ହଳଦୀ କାଠୁଆ ସିନ୍ଦୁର କଜ୍ଜଳ - ପାତି

ଲେଖନୀ ଓ ତାଳପତ୍ର ପାଶେ ଶିଳପୁଆ
ହଳଦିଆ କନା ସାତଖଣ୍ଡ ହୁଏ ଥୁଆ
ମାଆ ଷଠିଦୂତୀ ଧରି ଲେଖନୀ ହାତରେ
ଅଦୃଶ୍ୟେ ଲେଖନ୍ତି ଭାଗ୍ୟ ଶିଶୁ କପାଳରେ

ପ୍ରବାସୀ ଜୀବନେ ସ୍ୱପ୍ନ ଗାଁ ପାଣି ପବନ
ସମ୍ମୋହନ ସୂତ୍ରେ ଜନ୍ମମାଟି ଆକର୍ଷଣ
ସ୍ନେହ ମମତାରେ ବନ୍ଧା ମଣିଷ ଜୀବନ
ଅତୀତକୁ ଖୋଜିହୁଏ ବାରବାର ମନ

ସଂସ୍କାର ସଂସ୍କୃତି କୁଳ ବଂଶ ପରମ୍ପରା
ରକ୍ତେ ପ୍ରବାହିତ ବଂଶାନୁକ୍ରମିକ ଧାରା
ଇତିହାସ  ମୂକସାକ୍ଷୀ ସାମାଜ ଦର୍ପଣ
ସୂଚୀତ କରାଏ ଜୀବନଧାରଣ ମାନ

ମନ ଏକ ଅମାନିଆ ଉଡନ୍ତା ଚଢେଇ
ଭାବନାରେ ଉଡି ବୁଲେ ଦେଶାନ୍ତରେ ଥାଇ
ବିଜନ ରେ ବ୍ୟାକୁଳତା ଭରି ଅନ୍ତରରେ
ମା ମାଟିକୁ ଝୁରେ ମନ ଦୂର ଦୂରାନ୍ତରେ



**ଶ୍ରୀମତୀ ସୁଷମା ନାୟକ** ଓଡିଶାର କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ରାଜକନିକା ମଣ୍ଡଳରେ ଅବସ୍ଥିତ ଉଜାଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ହେଉଛନ୍ତି ସୃଜନ ସ୍ୱପ୍ନରେ ଅନନ୍ୟା, ସ୍ଥିତପ୍ରଜ୍ଞା ଓ ନୀତିନିଷ୍ଠ ଶ୍ରିମୟୀ ମନର ରମଣୀୟ ପ୍ରତିଭୂ । ବାସ୍ତବମୁଖୀ ଚିନ୍ତା-ଚେତନିୟ  ଅନବଦ୍ୟ ଆଲୋକ କୁ ଲୋକଲୋଚନ କୁ ଆଣିବାରେ ତାଙ୍କର ଅବଦାନ ଅବିସ୍ମରଣୀୟ ଓ ଅଭିନନ୍ଦନୀୟ । ତାଙ୍କର କବିତା ପୁସ୍ତକ "ସବୁଜ ମାୟା " ଓ “ସୋରିଷ ଫୁଲ” ଓଡ଼ିଆ ସାହିତ୍ୟ କୃତି କୁ ଏକ ସ୍ୱତନ୍ତ୍ର ଓ ବିଶେଷ ଅବଦାନ ।



# ବସାଘର

ଗୀତାଞ୍ଜଳୀ ପାଣି

ସରକାରୀ ବଙ୍ଗଳାଟି ସୋମାଦେବୀଙ୍କୁ ଯେତିକି ଖୁସି ଦେଇ ନ ଥିଲା । ତା'ଠାରୁ ଅଧିକା ଖୁସି ଦେଇଥିଲା ସେଇ ବଙ୍ଗଳା ପାଖକୁ ଲାଗି ଗୋଟିଏ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଗଛଲତା ଭରା ସୁନ୍ଦର ଉଦ୍ୟାନଟି । କାରଣ ସେ ଥିଲେ ପ୍ରକୃତିପ୍ରେମୀ ମଣିଷଟିଏ । ପାହାଡ, ପର୍ବତ, ନଦନଦୀ, ଝରଣା, ବୃକ୍ଷଲତା ଭରା ଜଙ୍ଗଲ । ଶସ୍ୟଶ୍ୟାମଳା କ୍ଷେତ, ପଶୁପକ୍ଷୀ ସବୁ ତାଙ୍କ ମନରେ ଭରିଦିଅନ୍ତି ଅସୁମାରି ତୃପ୍ତି । ତେଣୁ ସବୁ ସମୟରେ ଅନବଦ୍ୟ ସୃଷ୍ଟିରେ ପ୍ରକୃତିର ବିମୁଗ୍ଧ ପସରା ତାଙ୍କ ମନମାନସକୁ ଆଚ୍ଛାଦିତ କରି ପରମତୃପ୍ତିର କାରଣ ହୋଇଥାଆନ୍ତି । ସେଇ ଚିନ୍ତନ ସେଇ ତୃପ୍ତି ନିକଟରେ ସାଂସାରିକ ମୋହ ଯେମିତି ତାଙ୍କୁ ଫିକା ମନେ ହୁଏ । ସେଇ ବଗିଚାଟି ତାଙ୍କୁ ଏତେ ଆକର୍ଷିତ କରିଥିଲା ଯେ, ସେ ଆଉ କିଛି ମଧ ନ ଥିଲେ ।

ଯଦିଓ ସେଇ ବଙ୍ଗଳା ପାଖରୁ ପିଲାଙ୍କ ସ୍କୁଲ ଅରବିନ୍ଦବାବୁଙ୍କ ଅଫିସ୍, ରେଲୱେ ଷ୍ଟେସନ, ବସ ଷ୍ଟାଣ୍ଡ, ଏୟାରପୋର୍ଟ ସବୁ ଦୂର ଥିଲା । ତଥାପି କେବଳ ଏଇ ବଗିଚାଟି ପାଇଁ ଏଠାରେ ରହିବାକୁ ମନ ବଳାଇ ଥିଲେ ସୋମାଦେବୀ । ପ୍ରକୃତ ବିଗଚାଟି ବହୁତ ମନଲୋଭା ଥିଲା । ସେଠାରେ ପୂର୍ବରୁ ଅନେକ ପ୍ରଜାତିର ଗଛଲତା ଥିଲେ ମଧ, ସେ ଜମି ଖଣ୍ଡକ କିଣିଦେଇ ସେଠାରେ ଆହୁରି ଅନେକ ଗଛ ଲଗାଇ ସେ ବଗିଚାକୁ ଅଧିକ ଆକର୍ଷଣୀୟ କରିଥିଲେ ସୋମାଦେବୀ । ଅର୍ଥାତ୍ ସେ ବିଗଚାରେ ଆମ୍ବ, ପଣସ, ପିଜୁଳି, ନଡ଼ିଆ, ଗୁଆ, ଲିଚୁ, ଆତ, ସଜନା, ଲେମ୍ବୁ, ରୋଳ ଭଳି ଆହୁରି ଅନେକ ଫଳଗଛ ସହିତ ଗୋଲାପ, ମନ୍ଦାର, ଜୁଇ, ଯାଇ, ହେନା, ମଧୁମାଳତୀ, ଚମ୍ପା, ଟଗର, ସୁଗନ୍ଧରାଗ, ରଗନୀଗନ୍ଧା, କୁନ୍ଦ ଡ଼ାଲିଆ, ଜିନିଆ, ଗେଣ୍ଡୁ ଭଳି ଫୁଲଗଛ ତଥା ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, କଲରା, କାକୁଡ଼ି ବିନ୍ସ, ଟମାଟୋ ଭଳି ପରିବା ମଧ ଲଗେଇ ଥିଲେ ସେ । ସେଇ ସବୁଜିମା ଭରା ଫୁଲ ଫଳ ପନିପରିବାରେ ଲଦି ହୋଇ ମଣିଷ ଠାରୁ ପଶୁପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ତେଣୁ ବାଟୋଇମାନେ ସେ ବାଟଦେଇ ଯିବାବେଳେ, ସେଠାରେ ଘଡ଼ିଏ ଅଟକି ସେଇ ବଗିଚାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଭଳି, ବିଭିନ୍ନ ପଶୁପକ୍ଷୀ ମଧ ସେଇ ବିଗଚାରେ ନିଜର ଆସ୍ଥାନ ଜମେଇ ଦେଇଥିଲେ । ସବୁ ଋତୁ ମଧ ସେଇ ବଗିଚାରେ ଏକତ୍ର ଥିବା ଭଳି ମନେହୁଏ । ଅର୍ଥାତ୍ ସବୁଋତୁରେ ମଧ ସେଠାରେ ବସନ୍ତର ପ୍ରାଦୁର୍ଭାବ ହିଁ ଦିଶୁଥାଏ । ତେଣୁ ବର୍ଷସାରା ସେଇ ବିଗଚାରେ ବସା ତିଆରି କରି ରହିଥାନ୍ତି । ଦଳଦଳ ହୋଇ ଶୁଆ ଶାରୀ ବସି ପିଜୁଳି ଅମୃତଭଣ୍ଡା ସବୁ ଖାଇଥାନ୍ତି । ପାରା କପୋତ ସବୁ ଧାନଚାଉଳ ସୋରିଷ ବିରି ମୁଗ ସବୁ ଖୁଣ୍ଟି ଖୁଣ୍ଟି ଖାଉଥାନ୍ତି । ବାୟା ଚଢ଼େଇମାନେ ବଗିଚା କ'ଣ ଗମ୍ଭାରୀ ଗଛରେ ସୁନ୍ଦର ବସା ତିଆରି ଝୁଲୁଥାନ୍ତି । କଅଁଳ ଛନଛନିଆ ପତ୍ର ସନ୍ଧିରେ ହଳଦୀବସନ୍ତ କୋଇଲି ବାରମାସୀ ସବୁ ଖପଖାପ୍ ଡେଉଁଥାନ୍ତି । କୁଆ, କୁମ୍ଭାଟୁଆ ,,କଜଳପାତିଆ, କାଠହଣା ପକ୍ଷୀ ସବୁ ସେ ବଗିଚାରେ ଦିନରାତି ଚକର କାଟୁଥାନ୍ତି । ଗୁଣ୍ଡୁଚି ସବୁ ସଜନା ଫୁଲକୁ କୁଟୁରୁକୁଟୁରୁ କରି ଖାଉଥାନ୍ତି । ଏଣ୍ଡୁଅ, ନେଉଳ ମଧ ସେ କଡ଼ ଏକଡ଼ ହୋଇ ଦଉଡୁଥାନ୍ତି । ବଣିଚଢ଼େଇ ବଗିଚା ସାରା ଡେଇଁ ଡେଇଁ ଝିଣ୍ଟିକା ଖାଉଥାଆନ୍ତି ।

ସବୁ ପଶୁପକ୍ଷୀ କୀଟପତଙ୍ଗ ବର୍ଷସାରା ସେଠାରେ ତାଙ୍କର ଆସ୍ଥାନ ଜମେଇ ରହିଥାନ୍ତି । ଏଇ ସବୁ ଦୃଶ୍ୟରେ ଆମୋଦିତ ମନ ଏକନୈସର୍ଗିକ ଆନନ୍ଦରେ ଅଭିଭୂତ ହେଉଥାଏ । ଗାଁ ସ୍ତ୍ରୀଲୋକ ହାତଧରାଧରି ହୋଇ ଯିବା ଭଳି ବାଡ଼ିଭିତରେ ତା'ପଛକୁ ତା'ପଛକୁ ଯାଉ ଥିବା ନେଉଳମାନେ ସେ ବାଡ଼ିରେ ସାପମାନଙ୍କୁ ପଶିବାକୁ ଦିଅନ୍ତିନି । ଯଦି କେବେ ବାଟଭୁଲି ସାପଟିଏ ସେ ବାଡ଼ିକୁ ଆସିଯାଏ ତେବେ ନେଉଳଙ୍କ ଆକ୍ରମଣରେ ତା'ର ଖଣ୍ଡବିଖଣ୍ଡିତ ଶରୀର ଦେଖିବାକୁ ମିଳେ । ବେଳେବେଳେ ହନୁମାଙ୍କଡ଼ ଦଳ ସେ ବିଗଚାରେ ପଶିବାକୁ ଚେଷ୍ଟା କଲେ ପକ୍ଷୀମାନେ ଚିଂଚିଂ କିଚିରିମିଚିରି ଶବ୍ଦରେ ଗଗନପବନ ପ୍ରକମ୍ପିତ କରିବା ସହିତ ଜଳବଦ୍ଧ ଭାବରେ ମାଙ୍କଡ଼ମାନଙ୍କୁ ଗୋଡ଼େଇ ଗୋଡ଼େଇ ଖୁମ୍ପନ୍ତି । ତେଣୁ ପକ୍ଷୀମାନଙ୍କ ଭୟରେ ମାଙ୍କଡ଼ ଦଳ ସେ ବିଗଚାରେ ପଶିବାର ସାହସ କରିପାରନ୍ତି ନାହିଁ । ବୋଧହୁଏ ପକ୍ଷୀମାନେ ଯାଣିଥା'ନ୍ତି, ବଗିଚାରେ ମାଙ୍କଡ଼ ପଶିବ ମାନେ ବଗିଚାକୁ ଧ୍ୱସ୍ତବିଧ୍ୱସ୍ତ ନଷ୍ଟଭ୍ରଷ୍ଟ କରିବେ । ସୁତରାଂ ମାଙ୍କଡ଼ମାନଙ୍କ ଆଗମନକୁ ବଗିଚାରେ ସ୍ୱାଗତ କରାଯାଏନି । ବରଂ ପକ୍ଷୀଙ୍କ ବିତାନ ପ୍ରଜାପତି ଭଅଁରଙ୍କୁ ଗୁଣୁଗୁଣୁ ଗୁଞ୍ଜରିତାରେ ଗୁଞ୍ଜରିତ ହୁଏ ବିଗିଚାଟି, ଯାହାକି ସୁଖପ୍ରଦ ଅଟେ । ଆଉ ଏ ମାଙ୍କଡ଼ ଦଳ ଥରେ ବଗିଚାରେ ପଶିଲେ, ତେବେ ତାଙ୍କ ମାଙ୍କଡ଼ାମୀର ସବୁକିଛି ଛିନଛତ୍ର ନ କରିବା ପର୍ଯ୍ୟନ୍ତ ସେଠାରୁ ବାହାରିବେନି । ଥରେ ଗୋଟେ ମାଙ୍କଡ଼ ପଲ ବଗିଚାରେ ପଶିଥିଲେ । ବଗିଚାରେ ଡେଇଁ ଡାଳପତ୍ର ଭାଙ୍ଗି, ସବୁ ଫଳ ଖାଇ, ଫିଙ୍ଗି ଏଭଳି କଲେ ଯେ, ପକ୍ଷୀମାନେ ତାଙ୍କୁ ଗୋଡ଼େଇ ଖୁମ୍ପିଲେ ଆଉ କାଇ ଜନ୍ଦା ଗୋଡ଼େଇ ଗୋଡ଼େଇ କାମୁଡ଼ିଲେ । ତେଣୁ ସେମାନେ ଏଭଳି କିଲିବିଲି ହୋଇ ଗଲେ ଯେ ଆଉ ସେ ବଗିଚାକୁ ଆଡ଼ ଆଖିରେ ମଧ ଚାହାନ୍ତିନି । ସେଥିପାଇଁ ସୋମାଦେବୀ ମନେମନେ ପକ୍ଷୀମାନଙ୍କୁ ଧନ୍ୟବାଦ ଦିଅନ୍ତି । ସୋମାଦେବୀଙ୍କର ନିତିଦିନିଆ କାମ ହେଲା - ବଡ଼ିଭୋରରୁ ଉଠି ନିଜର ନିତ୍ୟକର୍ମ ଯୋଗ ପ୍ରାଣାୟାମ ସାରି ସ୍ୱାମୀ ପିଲାଙ୍କ ପାଇଁ ଜଳଖିଆ ତଥା ରୋଷେଇ ପ୍ରସ୍ତୁତ କରିବା ସହିତ ସେମାନଙ୍କୁ ଭାତ ଖାଇବାକୁ ଦେଇ ଟିଫିନ୍ ପ୍ୟାକିଂ କରି ଅଫିସ୍ ଏବଂ ସ୍କୁଲ ପଠେଇବା । ତେଣୁ ଅରବିନ୍ଦବାବୁ ଆଉ ପିଲମାନେ ବାହାରି ଗଲାପରେ, ମାଳି ବିକ୍ରମ ଓ ସେ ଚା ଜଳଖିଆ ଟିକେ ଖାଇଦେଇ ଲାଗିଯାଆନ୍ତି ବଗିଚା କାମରେ । ଗଛମୂଳକୁ କୋଡ଼ା ଖୋସା କରିବା ସହିତ ଗୋବରଖତ ସୋରିଷ ପିଡ଼ିଆ ନିମପିଡ଼ିଆ ଫଳ ଓ ପିନପରିବା ଚୋପା, ପାଚିଲା ଶୁଖିଲା ପତ୍ର ସବୁ ମିଶେଇ ଗଛମୂଳରେ ଦିଅନ୍ତି । ସବୁ ଜୈବିକ ଖତରେ ହେଉଥିବା ଫଳମୂଳ ମଧ ଜୀବଜଗତପାଇଁ ଉପକାରୀ ଅଟେ । ବଗିଚାଟିର ଯତ୍ନ ନେଉଥିବାରୁ ବଗିଚାଟି ପରିଷ୍କାର ସଫାସୁତର ରହି ଭରା ସବୁଜିମାରେ ମନ ମୋହୁଥାଏ । ସୋମାଦେବୀଙ୍କର ଦିନର ଅଧିକାଂଶ ସମୟ ବିଗଚାରେ କଟୁଥିଲେ ମଧ ସେ କ୍ଲାନ୍ତ ହୁଅନ୍ତିନି । ବରଂ ତାଙ୍କ ଭିତରର ତୃପ୍ତି ଆଉ ଇଚ୍ଛାଶକ୍ତି ତାଙ୍କୁ ଅଫୁରନ୍ତ ଆନନ୍ଦ ପ୍ରଦାନ କରେ । ଘରକୁ ବନ୍ଧୁବାନ୍ଧବ ଅତିଥି ଅଭ୍ୟାଗତ ଆସିଲେ ମଧ ସେମାନେ ଫେରିବାବେଳେ ସୋମାଦେବୀଙ୍କ ବ୍ୟାଗ ଭର୍ତ୍ତି ପରିବା ଫଳମୂଳ ଧରି ତୃପ୍ତ ହୋଇ ଘରକୁ ଫେରନ୍ତି ଏବଂ ତାଙ୍କର ଭୂରିଭୂରି ପ୍ରଶଂସା କରନ୍ତି ମଧ । ଯଦି ମଣିଷର ଚେତନାଶକ୍ତିର ଅଭୁଦୟ ହେବ ତେବେ ସଂସାର ପାଇଁ ତା'ର ଭୂମିକାକୁ ସେ ଅନୁଭବ କରିପାରିବ ।

ଗୁଡ଼ାଏ ଭାବନା ସୋମାଦେବୀଙ୍କ ମୁଣ୍ଡ ଭିତରକୁ ପଶିଆସି ମୁଣ୍ଡକୁ ଭାରାକ୍ରାନ୍ତ କରୁଥିବାବେଳେ ମାଳି ବିକ୍ରମ କହିଲା - ମା' ! ବାବୁଙ୍କୁ କହି ଟିକେ ଔଷଧ ଆଣିଲେ ସବୁ ଗଛରେ ସ୍ପ୍ରେ କରିବା । ସେ ଅନ୍ୟମନସ୍କ ଥିଲେ । ତେଣୁ ପଚାରିଲେ - କ'ଣ ପାଇଁ ? ବିକ୍ରମ କହିଲା ପକ୍ଷୀ, ଗୁଣ୍ଡୁଚି, ଏଣ୍ଡୁଅ ଆଉ ଫୁଲ ଫଳ ଖାଇବେନି । ଏଇ ପଦକ କଥା ସୋମାଦେବୀଙ୍କୁ ବହୁତ କଷ୍ଟଦେଲା । ସେ ମାଳିକୁ କହିଲେ - ଏ ସୃଷ୍ଟିରେ ଆମଭଳି ଖାଇପିଇ ରହିବାର ଅଧିକାର ଈଶ୍ୱର ସମସ୍ତଙ୍କୁ ଦେଇଛନ୍ତି । ଆମେ ଏକୁଟିଆ ରହିପାରିବା କି ? ଆଚ୍ଛା ବିକ୍ରମ କହିଲ ଦେଖି ! ପଶୁପକ୍ଷୀ କ'ଣ ଆମଭଳି ପଇସାଦେଇ ବଜାରରୁ ଫଳ ମୂଳ କିଣି ଖାଇ ପାରିବେ କି ? ତାଙ୍କର ମଧ ଆମଭଳି ବଡ଼ ପେଟ ନାହିଁ କି ଖାଦ୍ୟ ସଞ୍ଚୟ କରି ରଖିବାର ଅଭ୍ୟାସ ନାହିଁ । ତାଙ୍କୁ ଯେତେବେଳେ ଭୋକ ଲାଗେ ସେଇ ସମୟରେ ଯାହା ମିଳେ ସେମାନେ ଖାଇ ସନ୍ତୁଷ୍ଟ ହୁଅନ୍ତି । ହିସାବ କିତାବ, ତୋର ମୋର, ଲାଭକ୍ଷତି ସବୁ ଆମ ଭଳି ମଣିଷମାନେ ସିନା ଦେଖୁଛନ୍ତି । ସେମାନେ କିନ୍ତୁ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ଉପରେନିର୍ଭରଶୀଳ ।

ଆଚ୍ଛା କହିଲ ବିକ୍ରମ ! ଆମେ ଯେଉଁ ଫଳ ଖାଉଛେ, ସେ ସବୁ ତ ଆମେ ଲଗେଇନେ । କିଛିଟା ପଇସା ଦେଇ ବଜାରରୁ କିଣି ଖାଉଛେ । ଆଉ କିଛି ଗଛରୁ ତୋଳି ଖାଉଛେ, ଯାହାକୁ ଆମେ ଲଗେଇ ନାହୁଁ । ପଶୁପକ୍ଷୀ କ'ଣ କରିବେ ତେବେ ? କ'ଣ ଖାଇବେ ? ଏଇ ସୁନ୍ଦର ସୃଷ୍ଟିରେ ପ୍ରଭୁ ସବୁ ଖଞ୍ଜି ରଖିଛନ୍ତି ସେମାନଙ୍କ ପାଇଁ । ଆମେ କିଏ ? ତୁମକୁ କ'ଣ ଭଲଲାଗେନି କି ବିକ୍ରମ ଏହି ପକ୍ଷୀମାନଙ୍କ ଭିନ୍ନଭିନ୍ନ ସ୍ୱର ବିତାନ୍ ? ଭଲ ଲାଗୁନି କି ଏଇ ବଗିଚାରୁ ଘଉଡେଇ ଦେବା କିମ୍ବା ମାରିଦେବା ସେ ଗଛମାନେ ସେମାନଙ୍କୁ ଝୁରିବେନି କି ? ଆମେ ସେମାନଙ୍କୁ ଝୁରିବାନି କି ? ଆମକୁ ବା ଏଇ ବିଗଚାକୁ ସେମାନେ ଝୁରିବେନି କି ? ଆମେ କାହା ମନରେ କଷ୍ଟ ଦେବା କ'ଣ ଠିକ୍ ହେବ ବିକ୍ରମ । ଆମର ପିଲାମାନେ ବାହାରେ ଚାକିରି କରି ଭଲରେ ଅଛନ୍ତି ବୋଲି ଆମେ ଖୁସି ହେଉଛେ । କିନ୍ତୁ ସେମାନଙ୍କଠାରୁ ଦୂରରେ ରହି ଆମ ମନ କଣ କଷ୍ଟ ହେଉନି । ଏ ସାରା ସଂସାର ଜୀବଜଗତର ଚରାଭୂଇଁ । ପୃଥିବୀ ପୃଷ୍ଠରେ ଯିଏ ଯେଉଁଠି ଇଚ୍ଛାକଲା, ନିଜପାଇଁ ବସାଟିଏ ତିଆରି କରିପାରିବ । ଆମରି

ପିଲାମାନେ ଦିନେ ଏଇ ବସା ଘରକୁ ମୁଖରିତ କରୁଥିଲେ । ତାଙ୍କ ଦୁଷ୍ଟାମୀ, ତାଙ୍କ ଅଳିଅର୍ଦ୍ଦଳିରେ ମନ ଆଉ ଘର ପୁରି ଯାଉଥିଲା । ଅଥଚ ଆଜି ?? ଆଜି ସେମାନେ ଉଡ଼ି ଶିଖିଛନ୍ତି ଏବଂ ନିଜ ଇଚ୍ଛାରେ ନିଜର ବସା ତିଆରି କରି ରହିଛନ୍ତି । ଠିକ୍ ସେଇଭଳି ମଧ୍ୟ ଏ ପଶୁପକ୍ଷୀମାନେ ଏ ନିଜନିଜର ବସା ତିଆରି କରି ରହିଛନ୍ତି । ଆମେ ତାଙ୍କୁ ବସାରୁ ବାହାର କରି ବେଘର କରିବା କଥା ଠିକ୍ ହେବ ।

ଆଜିକାଲି ପୂର୍ବ ଭଳି ଆଗ ଭଳି ସେ ରୁଟିନ୍ ବନ୍ଧା ଜୀବନ ନାହିଁ କି ପିଲାଙ୍କ ଫରମାଇସ ରେ ସକାଳୁ ସକାଳୁ ବିଭିନ୍ନ ପ୍ରକାରର ଜଳଖିଆ, ଭାତ ଡ଼ାଲି ତରକାରୀ ରାନ୍ଧିବାର ନାହିଁ । ଏବେ ବୟସ ବଢ଼ିଛି । ଯାହା ଟିକେ ରାନ୍ଧି ଖାଇଦେବା ପରେ ସୋମାଦେବୀ ଓ ଅରବିନ୍ଦ ବାବୁ ବଗିଚାରେ ଫୁଲ ଫଳ ଗଛ ପଶୁ ପକ୍ଷୀଙ୍କ ମେଳରେ କଟେଇ ଦିଅନ୍ତି ସାରାଦିନ । ଘର ଜଂଜାଳ ଏବେ ବହୁତ କମିଯାଇଛି । ପିଲାଙ୍କ ପାଠପଢ଼ା ସରିବା ପରେ ସେମାନେ ଏବେ ନିଜନିଜ କର୍ମସ୍ଥଳିରେ । ପୁଅବୋହୂ ଏବେ ଆମେରିକାରେ ଚାକିରି କରି ସେଠାରେ ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି ଏବଂ ସେଠାରେ ନିଜପାଇଁ ବସାଘରଟିଏ ମଧ୍ୟ କରିସାରିଛନ୍ତି । ଝିଅ ଜ୍ୱାଇଁ ମଧ୍ୟ ପୁନେରେ ଚାକିରି କରି, ସେଠାରେ ଘରଦ୍ୱାର କରି ରହିଛନ୍ତି । ଦିନେ ପିଲାଙ୍କ ଗହଳି ବନ୍ଧୁବାନ୍ଧବଙ୍କ ଗହଳିଚହଳିରେ ପୁରି ଉଠୁଥିଲା ଘରଟି । ଜୀବନ ଥିଲା କର୍ମମୁଖର । ଆଜି କିନ୍ତୁ ସେଇ ଘରଟି ଖାଁ ଖାଁ ନିଶୁନ୍ ମନେ ହେଉଛି । ଘରେ ଜମା ମନଲାଗୁନି ଏମାନଙ୍କର । ସେଥିପାଇଁ ଏବେ ଏ ସ୍ୱାମୀ ସ୍ତ୍ରୀ ଦୁଇପ୍ରାଣୀଙ୍କ ପାଇଁ ବଗିଚାଟି ଜିଇଁବାର ସାହାରା ପାଲଟିଛି ।

ଯେଉଁଦିନ ସୋମାଦେବୀ ଛୋଟ ଛୋଟ ପିଲାଙ୍କୁ ଧରି ଏଇ ବସାଘରକୁ ଆସିଥିଲେ, ସେତେବେଳେ ଘରେ ତାଙ୍କୁ ଅତି ଛୋଟ ମନେ ହୋଇଥିଲା । କାରଣ ଛୁଆପିଲା, ଜିନିଷପତ୍ର, ବନ୍ଧୁବାନ୍ଧବ ଜିନିଷପତ୍ର ସବୁକୁ ନେଇ ଚଳିବା ପାଇଁ ଟିକେ କଷ୍ଟ ତ ହୋଇଥିଲା ନିଶ୍ଚିତ । ଅଥଚ ଆଜି ଏଇ ଘରଟି ମଣିଷ ଅଭାବରେ ବେଶ୍ ବଡ଼ ଲାଗୁଛି । ପିଲାମାନେ ଯେତେବେଳେ ଏ ବସାରୁ ଉଡ଼ିଯାଇ ଦେଶ ବିଦେଶରେ ନିଜନିଜର ବସା ତିଆରି କରି ରହିଛନ୍ତି, ଠିକ୍ ସେତିକିବେଳେ ଏଇ ପକ୍ଷୀମାନେ ବିଭିନ୍ନସ୍ଥାନରୁ ଉଡିଆସି ଏଇ ବଗିଚାରେ ନିଜନିଜର ବସାଘର ତିଆରି କରି ରହିଯାଇଛନ୍ତି । ବଗିଚାରେ ଏମାନଙ୍କ ସାଥିରେ ସୋମଦେବୀଙ୍କର ନିବିଡ଼ ଘନିଷ୍ଠତା ତାଙ୍କୁ ଆତ୍ମବିଭୋର କରେ । ପରିତୃପ୍ତ କରେ । ତାଙ୍କର ଅନାବିଳ ମାତୃତ୍ୱରେ ବାନ୍ଧି ରଖିଥାନ୍ତି ସେ, ବଗିଚାର ପ୍ରତିଟି ବୃକ୍ଷଲତା ଠାରୁ ପଶୁପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ । ନିଜର ସଂଚିତ ଅନୁଭୂତିରୁ ସେ ମଣିଷର ସ୍ୱାର୍ଥର ଆଚରତାକୁ ଦେଖନ୍ତି ଖୁବ୍ ନିଟକରୁ । ଯେଉଁଠାରେ କି ସୃଷ୍ଟିରେ ବୃକ୍ଷଲତା କେବେବି ହିସାବକିତାବ କରିବା କି ସ୍ୱାର୍ଥର ନୀତିକୁ ଆପଣେଇବା ଶିଖିନାହାନ୍ତି । ବରଂ ନିସ୍ୱାର୍ଥ ସେବାପାଇଁ ବ୍ରତୀ ଏମାନେ । ଈଶ୍ୱରଙ୍କର ସୁନ୍ଦର ସୃଷ୍ଟିରେ ଜୀବଜଗତ ଠାରୁ ସ୍ଥାବର ଜଙ୍ଗମ କୀଟ ପର୍ଯ୍ୟନ୍ତ, ଜଡ଼ ଠାରୁ ଚେତନ ପର୍ଯ୍ୟନ୍ତ ପରସ୍ପର ପରିପୂରକ ଅଟନ୍ତି । ସମସ୍ତେ ସମସ୍ତଙ୍କ କାମରେ ଆସନ୍ତି । ମଣିଷ ହେଉଛି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ କୃତି । ତେଣୁ ମଣିଷ ଯଦି ତ୍ୟାଗ ଓ ସେବାକୁ ନିଜ ଜୀବନର ଶ୍ରେଷ୍ଠ ଅବଲମ୍ବନ କରିବ, ତେବେ ଭୂଲୋକ ସ୍ୱର୍ଗ ଲୋକ ଭଳି ମନେ ହେବ । ବୃକ୍ଷ ଆମକୁ ଖାଦ୍ୟ ପୋଷାକ ତଥା ବାସଗୃହ ଯୋଗେଇ ଦେବା ସହିତ ଆମକୁ ନିଶ୍ୱାସ ନେବାକୁ ଅମ୍ଳଜାନ ମଧ୍ୟ ଦିଏ, ପବନ ଦିଏ । ଗଛ ପାଇଁ ଭୂପୃଷ୍ଠରେ ପଞ୍ଚଭୂତର ସନ୍ତୁଳନ ରକ୍ଷା କରିହୁଏ । ଗଛ ନ ରହିଲେ ଋତୁମାନେ ତ ଆସିବେନି । ବରଂ ବନ୍ୟା ବତ୍ୟା ଭୂକମ୍ପ ଭଳି ପ୍ରଳୟ ଆସିବ ସୃଷ୍ଟିକୁ ବିନାଶ କରିବାକୁ । ତେଣୁ "ସେବା ହିଁ ପରମୋ ଧର୍ମ" ହେବା ଉଚିତ୍ ଆମର । ଏତେ ସମୟ ଧରି ମା' ଙ୍କ କଥା ଶୁଣୁଥିବା ବିକ୍ରମ ହଠାତ୍ କାନ୍ଦି ପକେଇ କହିଲା - ମା' ଆଜି ଆପଣ ମୋ ଆଖି ଖୋଲିଦେଲେ । କେମିତି କହିବି ଯେ, ମୁଁ ପ୍ରକୃତରେ ଅଜ୍ଞାନ ଥିଲି । କାରଣ ପୂର୍ବରୁ କେହି ଆପଣଙ୍କ ଭଳି ବୁଝେଇ ନଥିଲେ । ବରଂ ଜଣେ ଡ଼ାଇରେକ୍ଟରଙ୍କ ସ୍ତ୍ରୀ ମତେ ଥରେ କହିଥିଲେ - ଆମେ ଏ ଘର ଛାଡ଼ିଦେଉଛୁ ବିକ୍ରମ । ତେଣୁ ଏ ସବୁ ଗଛ ହାଣି ଦିଅ । ଆମେ ଲଗେଇଥିବା ଗଛର ଫଳ ଆମେ ଯଦି ନ ଖାଇପାରିଲୁ ଅନ୍ୟ ମାନେ କାହିଁକି ଖାଇବେ ? କିନ୍ତୁ ଆଜି ମୁଁ ବୁଝିପାରୁଛି । ଏ ସୁନ୍ଦର ସଂସାରେ ଆମ ସମସ୍ତଙ୍କର ବଞ୍ଚିବାର ଅଧିକାର ଥିବା ଭଳି ଜୀବଜଗତର ମଧ୍ୟ ଏ ସୃଷ୍ଟିରେ ଜିଇଁବାର ଅଧିକାର ଅଛି । ସେମାନେ ବଞ୍ଚିଲେ ଆମେ ବଞ୍ଚିବା । ଆମେ ଗଛ ବିନା ବଞ୍ଚିପାରିବାନି । ପ୍ରକୃତରେ ଆମେ ସମସ୍ତେ ପରିପୂରକ । ଆଉ ମଧ୍ୟ ସମସ୍ତଙ୍କ ପାଇଁ ଖାଦ୍ୟ ଓ ବାସ ପ୍ରକୃତି ଦେଉଛି । ତେଣୁ ଆମେ କାହା ଅଧିକାରକୁ ଲୁଟିବା କଥା ନୁହେଁ ।



**ଶ୍ରୀମତୀ ଗୀତାଞ୍ଜଳି ପାଣି** ଜଣେ ବିଶିଷ୍ଟ ଲେଖିକା । ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ଓ ପତ୍ରିକାରେ ପ୍ରକାଶିତ ତାଙ୍କର କବିତା, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ତାଙ୍କ ନାମ ଓ ଖ୍ୟାତି ପ୍ରଦାନ କରିଥାଏ । ସେ ହେଉଛନ୍ତି ପ୍ରସିଦ୍ଧ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଡ. ଚିତ୍ତରଞ୍ଜନ ପାଣିଙ୍କ ପତ୍ନୀ । ସେ ଅତ୍ୟନ୍ତ ମୃଦୁଭାଷୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ । ତାଙ୍କର ଗୀତ ଗୁଡ଼ିକ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ କ୍ଷୁଦ୍ରଗଳ୍ପ ସାମାଜିକ ସଂସ୍କାର ପାଇଁ ଉଦ୍ଦିଷ୍ଟ ।







# ଆଜି ସବୁ ସ୍ମୃତି ଗଢ଼େ

## ସୀମନ୍ତିନୀ ନନ୍ଦ

ଜୀବନ ର ନାଟ ଅଙ୍କା ବଙ୍କା ବାଟ
ଆଜି ସବୁ ମନେ ପଡେ
ସାଙ୍ଗ ସାଥି ମେଳ ଭଳି ଭଳି ଖେଳ
ସ୍ମୃତି ବେଳେ ବେଳେ ଗଢ଼େ ।

ଘଣ୍ଟା କଣ୍ଟା ଯଦି ଫେରନ୍ତା ପଛକୁ
ଦେଖନ୍ତି ମୋ ପିଲା ରୂପ
ମୁଠା ମୁଠା ଖୁସି ଜିତିବା ହାରିବା
ଓଠ ରେ ଫୁଟାନ୍ତା ଗପ

ଘରକୁ ଫେରିଲି ଡେରି ରେ ଯେବେ ମୁଁ
ବାପା ଙ୍କ ଗର୍ଜନ ବଢ଼େ
ବୋଉ ମାଡ଼ ଦେଲା ବସା ଉଠା କଲା
ଆଜି ସବୁ ସ୍ମୃତି ଗଢ଼େ ।

ମୁହଁ ଫୁଲେଇଲି ଆଖି ଓଦାକଲି
ଶୋଇଲି ଗମ୍ଭୀରି ଘରେ
ବୋଉ ବୁଝାଇଲା ଖାଇ ବାକୁ ଦେଲା
ରାଗ ମୋର ଗଲା ଦୂରେ

ହଜିଲା ଦିନକୁ ଖୋଜି ମୁଁ ବସିଲେ
ମତେ ଭାରି ହସ ମାଡ଼େ
ବାପା ଙ୍କ ଦାୟିତ୍ୱ ବୋଉ ର ଆକଟ
ଆଜି ସବୁ ସ୍ମୃତି ଗଢେ



ମୁମ୍ବାଇରେ ରହୁଥିବା ଗୃହିଣୀ **ସୀମନ୍ତିନୀ ନନ୍ଦ**ଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ଆଗ୍ରହ ରହିଛି। ସେ ନିୟମିତ ଭାବରେ କବିତା ଓ କ୍ଷୁଦ୍ରଗଳ୍ପ ଜରିଆରେ ନିଜର ସୃଜନଶୀଳ କାର୍ଯ୍ୟ ମାଧମରେ ଭାଷା ଓ ସଂସ୍କୃତି ପ୍ରତି ତାଙ୍କର ଭଲପାଇବା ପ୍ରକାଶ କରନ୍ତି ।

# ତୁମକୁ ପାଇବା ପରେ

**ବିଜୟଲକ୍ଷ୍ମୀ ଜେନା**



ତୁମକୁ ଦେଖିଲା ପରେ
ସାତ ସିନ୍ଦୁକରେ ବନ୍ଦୀ ଥିବା ମନ ମୋର
ଉଡିବାକୁ ଲାଗିଲା ଖୋଲା ଆକାଶରେ

କେତେ ଯେ ରାତ୍ରି ଅନିଦ୍ରା ହୋଇଛି
ତୁମ ସହିତ କଥା ହେବା ପାଇଁ
କି କୁହୁକ ଥିଲା କେଜାଣି ତୁମ ଠାରେ
ବାନ୍ଧି ହୋଇ ଯାଉଥିଲି କେଉଁ ଏକ ଅଜଣା ଡୋରି ରେ
ତୁମକୁ ପାଇବା ପରେ
ମୁଁ ଆଉ ମୁଁ ହୋଇ ନାହିଁ
ସବୁଠି ତୁମେ କରିସାରିଛ
ନିଜ କାୟା ବିସ୍ତାର
ଏ ଦେହ, ମନ, ପ୍ରାଣ ସବୁ ତୁମର
ମୋ କର୍ମ, ଧର୍ମ, ପାପ, ପୁଣ୍ୟ ସବୁ ତୁମର
ମୋ ମାନ, ଅଭିମାନ ବି ତୁମର
ମୋ ନିଶ୍ୱାସ, ପ୍ରଶ୍ୱାସ, ବିଶ୍ୱାସ ବି ତୁମର
ମୁଁ ଆଉ ମୁଁ ହୋଇନାହିଁ
ତୁମ ନାଁ ର ସିନ୍ଦୁର ପିନ୍ଧିବା ପରେ

ସତରେ ମୁଁ ଆଉ ମୁଁ ହୋଇନାହିଁ
ତୁମ ଭିତରେ ହଜିବା ପରେ
ହଜି ଯାଇଛି ସବୁ ଦିନ ପାଇଁ
ତୁମ ପ୍ରେମର ଶାଶ୍ୱତ କାନନ ରେ



କୁଆଲାଲୁମପୁର ରେ ରହୁଥିବା **ବିଜୟଲକ୍ଷ୍ମୀ** ଜଣେ ସୁଗୃହିଣୀ, ଲେଖିକା ଓ ଉତ୍ସାହୀ ପାଠିକା । ଓଡିଶା ରୁ ବହୁ ସମୟ ଧରି ବାହାରେ ଥିଲେ ମଧ ତାଙ୍କର ଓଡ଼ିଆ ଭାଷାପ୍ରତି ଭଲପାଇବା ତାଙ୍କ ଲେଖାରେ ଭଲଭାବରେ ଦେଖାଯାଉଥାଏ । ସେ ରାନ୍ଧଣା, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁତ ରୁଚି ରଖନ୍ତି ।

# କେମିତି ଠାକୁର ତୁହିରେ

**ଶ୍ରବଣ କୁମାର ମିଶ୍ର**



କେମିତି ଠାକୁର ତୁହିରେ,
ଭକତ ଠୁ ନିତି ଶୁଣୁ ଏତେ ଗାଳି
ହସି ହସି ଯାଉ ସହିରେ ।

ଷାଠିଏ ପଉଟି ଭୋଜନକୁ ଛାଡ଼ି
ଫଳ ମୂଳ କାହିଁ ଖାଇରେ,
ମନ୍ଦିରୁ ବାହାରି ଆସୁ ଥିରିଥିରି
ଛେଚାକୁଚା ଏତେ ହୋଇରେ,
ପତିତ ଉଦ୍ଧରୁ ଭକତଙ୍କୁ ତାରୁ
ଶ୍ରୀଅଙ୍ଗକୁ ବାଧା ଦେଇରେ,
ଅଦ୍ଭୁତ ଠାକୁର ତୁହିରେ ।

କେ କହେ କାଳିଆ କେ କହେ ଛଳିଆ
କିଏ ନିଦାରୁଣ କହିରେ,
କିଏସେ କାନ୍ଦଇ କିଏସେ ବନ୍ଦଇ
ଫେରାଦ ତୋ' ପାଶେ ହୋଇରେ,
ଯେତେଯେତେ ମାନ ଅବା ଅଭିମାନ
ଦରଶନେ ଯାଏ ଧୋଇରେ,
ବିଚିତ୍ର ଠାକୁର ତୁହିରେ ।

ତୋ' ଚକା ନୟନ ଦିଏ ଆକର୍ଷଣ
ଚାହାଣୀରେ ହୃଦ ଛୁଇଁରେ,
ଦେଉଛୁ ଶରଣ ପତିତପାବନ
ଟେକି ତୋ'ର ଭୁଜ ଦୁଇରେ,
ହସ ତୋ' ମଧୁର କରଇ ବିଭୋର
ତନୁମନ ନିଏ ମୋହିରେ,
କି ରୂପ ଧରିଛୁ ତୁହିରେ ।

ଦୁଃଖରେ ସୁଖରେ ଏ ମାୟା ସଂସାରେ
ଚାଲୁଛି ତୋ' ନାମ ଗାଇରେ,
ପାପ ପୁଣ୍ୟ ମୋର ହିସାବ ତୋହର
କାଳ କଟୁ ପାଦ ଧାୟୀରେ,
ଇଚ୍ଛା ମୋ ଏତିକି ଆଖି ମୁଁ ମୁଦିବି
ତୋ' ରୂପ ଆଖିରେ ନାଇରେ,
କରୁଣା କରିବୁ ତୁହିରେ ।

ଶୈଶବ ଖେଳରେ ଯୌବନ ହେଳାରେ
ବାକି ଯା' କଉଡ଼ି ପାଇଁରେ,
ଜୀବନକୁ ସାରି ଦେଖେ ଗଲି ହାରି
ମରୀଚିକା ପଛେ ଧାଇଁରେ,
ଶେଷ ଇଚ୍ଛା ମୋର କରିନେ ନିଜର
ତୋ' ପାଦେ ଶରଣ ଦେଇରେ,
ବଡ କାରୁଣିକ ତୁହିରେ ।



**ଶ୍ରବଣ କୁମାର ମିଶ୍ର,** ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ନୀଳଚକ୍ର ତଳେ ଜନ୍ମିତ । ଏବେ ଭୁବନେଶ୍ୱରରେ ଏକ କମ୍ପାନୀରେ କାର୍ଯ୍ୟରତ । ଭକ୍ତି କବିତା ରଚନାରେ ତାଙ୍କର ଅପୂର୍ବ ଆଗ୍ରହ ।

# ମୋ ଅନୁଭୂତି ରେ "କାଳିଆ"

**ସୁଶାନ୍ତ ପୁରୋହିତ ( ପାର୍ଥ )**



ସେଦିନ ଟି ମଧ୍ୟ ଥିଲା ଆଜିପରି ବାହୁଡା କିନ୍ତୁ ଦୁଇବର୍ଷ ଆଗର । ନ ଥିଲା କୋରୋନା ଆଉ ସେଦିନ ବି ଥିଲା ଆମର ବିବାହ ବର୍ଷିକୀ । ଯଦିଓ ଆମ ପୁରୁଣା କାଳିଆ ଲୋକ ତାହା ପାଳନ କରି ନ ଥିଲୁ ।

ଆମ ପୁରୁଣା କାଳିଆ ସମୟରେ ପ୍ରକୃତରେ ଆଜିକାଲି ପରି ଜନ୍ମ ଦିନ, ବିବାହ ବାର୍ଷିକୀ ଇତ୍ୟାଦି ପାଳନ କରିବାର ବିଧି ନଥିଲା କୁହାଯାଇପାରେ । କେହି କେହି ଅବଶ୍ୟ ଘରେ ପୂଜା ଆୟୋଜନ କରୁଥିଲେ ବା ମନ୍ଦିରକୁ ଯାଇ ଆରାଧନା କରୁଥିଲେ । ଆଜିକା ପରି କେକ୍ ଉପରେ ମହମବତୀ ଜାଳି ତାକୁ ଫୁଙ୍କି ଲିଭେଇବାର, କେକ୍ କାଟି haapy birthday ଗାଇ ଭୋଜି କରିବା ପ୍ରଥାର ପ୍ରଚଳନ ଅପେକ୍ଷାକୃତ ଏହି ନୂଆ ପିଢୀ ସମୟରେ ଆରମ୍ଭ ହୋଇଛି ଏଇ ୨୫ ବର୍ଷ ଖଣ୍ଡେ ହେଲା । ୧୯୮୨ ମସିହାରେ ମୋର ବିବାହ ଯେଉଁ ଦିନ ହୋଇଥିଲା, ତାହା ଥିଲା ବାହୁଡାର ଦିନ । ତେଣୁ ତାରିଖ ବଦଳ ରେ ଏହି ବାହୁଡା ଦିନ ଟି ହିଁ ଆମର ବିବାହ ବାର୍ଷିକୀ ବୋଲି ଧରାଯାଇଥାଏ । ଆମର ତ ମନେ ବି ନଥାଏ ଏହି ବ୍ୟସ୍ତ ବହୁଳ ଜୀବନ ରେ ସେ କଥା, ତେବେ ସେଦିନ ସକାଳେ ପୁଅ, ବହୁ, ଝିଅ, ଜ୍ୱାଇଁ, ଆମକୁ ଶୁଭେଚ୍ଛା ଓ ସମ୍ମାନ ଜଣେଇଲେ ଆମେ ଜାଣୁ ଯେ ଏହା ବିବାହ ବାର୍ଷିକୀର ଦିନ ଥିଲା ।

ଠିକ୍ ସେହି ପରି ଗତ ବର୍ଷର ବାହୁଡା ଦିନ, କମ୍ପାନୀ ଅଫିସ ସବୁ ତ ବାହୁଡା ପାଇଁ ଛୁଟି ନ ଥାଏ । ପୁଅ, ବୋହୂ ନିୟମିତ ପରି ସେଦିନ ମଧ୍ୟ ଅଫିସ ଗଲେ ଦିନ ଦଶ ଟା ସରିକି । ଘରେ ରହିଲୁ ଆମେ ଦୁହେଁ ଓ ଆମର ଦୁଇ ବରଷ ବି ହୋଇ ନଥିବା ଗେଲବସର ନାତିଆ । ତା ପାଇଁ ଆମକୁ ସମୟ ଜଣା ପଡେନି, ଦିନ କେତେବେଳେ ସରିଯାଏ, ସନ୍ଧ୍ୟା ଆସିଯାଏ । ଘରଣୀ କେବେ କୁହନ୍ତିନି କୁଆଡେ ନିଅ ବୋଲି, କିନ୍ତୁ ସେଦିନ କାହିଁକି କେଜାଣି କହିଲେ, ଆଜି ଆମେ ପୁରୀ ଯାଇ ଥିଲେ ହୋଇ ନ ଥାନ୍ତା, ଦୁଇ ବର୍ଷରୁ ଅଧିକ ହେଲା ଯାଇ ପାରିନୁ । ଆଜି ବାହୁଡା ଦିନ ଦର୍ଶନ କରି ପାରି ଥାନ୍ତେ !!!!! "

ମୁଁ କହିଲି, " ହଁ, ଆଗରୁ ଯୋଜନା କରିଥିଲେ ହୋଇଥାନ୍ତା । ପୁଅ, ବୋହୂ ନିଶ୍ଚୟ ଛୁଟି ନେଇକି ଗାଡିରେ ସମସ୍ତେ ଯିବାର ଯୋଜନା କରିଥାନ୍ତେ । କିନ୍ତୁ ଆମେ ତ ଆଗରୁ ଏ କଥା ଭାବିଲେ ନାହିଁ । ଛାଡ, ଆଉ କେବେ ସୁବିଧା ଦେଖି କାଳିଆ ଙ୍କୁ ଦେଖିବା ଯେ !!! " ନାତି ଏତେ ବେଳକୁ ଶୋଇ ପଡିଥାଏ । ମୁଁ ମୋ କମ୍ପୁଟର ଖୋଲି କିଛି ଲେଖା ଲେଖି କରିବାକୁ ବସିଲି । ତେବେ ମନରେ ଗୋଟିଏ ବ୍ୟାଥାତୁର ଭାବନା ରାହିଥାଏ, " ଆହା, ଏ କଥା ମୁଁ କାହିଁକି ଆଗରୁ ଟିକିଏ ଭାବିଲି ନାହିଁ । କାଲି କହିଥିଲେ ବି ବ୍ୟବସ୍ଥା ହୋଇ ପାରିଥାନ୍ତା । ହଉ, କାଳିଆ, ଏଥର ବାହୁଡାରେ ରଥ ଉପରେ ତୋତେ ଦର୍ଶନର ଭାଗ୍ୟ ବୋଧେ ନଥିଲା । ପୁଣି କେବେ ଯାଇ ରତ୍ନସିଂହାସନ ଉପରେ ବସିଥିବା ବେଳେ ଆମେ ଦେଖି ଆସିବୁ ଯେ । " ଏହି ପରି ଭାବନା ଭିତରେ କିନ୍ତୁ ଆଉ ଲେଖାରେ ମନ ଲାଗିଲା ନାହିଁ । ଖାଇ ଦେଇ ଶୋଇବାର ଚେଷ୍ଟା କଲି । ସାରା କର୍ମବ୍ୟସ୍ତ ଚାକିରି ଜୀବନ ତ କେବେ ଦୁଇପହରରେ ଶୋଇବା ଅଭ୍ୟାସ ନଥିଲା, ନିଦ ବା ହେବ କୁଆଡୁ ? । ଏମିତି ଭାବୁ ଭାବୁ ହଠାତ୍ ମୋ ମୋବାଇଲ ରେ କଲ ଟିଏ ଆସିଲା, ରାଉରକେଲା ରେ ରହୁଥିବା ବଡ ଭଣଜାଙ୍କର । ଭଣଜା ସେଠାରେ ଏକ କମ୍ପାନୀରେ କାମ କରନ୍ତି ଓ କମ୍ପାନୀ କାମ ରେ ଭୁବନେଶ୍ୱର ମଧ୍ୟ ଆସନ୍ତି ନିୟମିତ । କିନ୍ତୁ କାମ ବ୍ୟସ୍ତତା ରେ ଦୂର ରେ ଥିବା ଆମ ଘର କୁ ଅନେକ ଥର ଆସି ପାରନ୍ତି ନାହି । ପୁଣି କମ୍ପାନୀ ଗାଡି ଦେଇଥାଏ ଓ ତାଙ୍କ ସହ ଅନ୍ୟ ଜଣେ କର୍ମଚାରୀ ମଧ୍ୟ ଆସିଥାନ୍ତି ଓ କମ୍ପାନୀ ତରଫ ରୁ ତାଙ୍କୁ ହୋଟେଲ ର ବ୍ୟବସ୍ଥା ମଧ୍ୟ ହୋଇଥାଏ । ତେଣୁ ମୁଁ ଟିକେ ଚକିତ ହେଲି ଭଣଜା କିପରି ଫୋନ୍ କଲେ ??? କିନ୍ତୁ ଫୋନ୍ ଉଠାଉ ଉଠାଉ ଭଣଜା କହିଲେ, " ମାମୁ, ମୁଁ ଏଥର ବାପା, ମା ଓ ମୋ ଝିଅ କୁ ମଧ୍ୟ ଗାଡି ରେ ନେଇକି ଭୁବନେଶ୍ୱର ଯାଉଛି । ଏବେ ଭୁବନେଶ୍ୱର ରେ ପହଞ୍ଚି ଯିବୁ । ମୋର ଅଫିସ କାମ ଖୁବ କମ ସମୟର ଅଛି । ତାହା ସାରିଦେଇ ଆମେ ସମସ୍ତେ ସନ୍ଧ୍ୟାରେ ତୁମ ଘରେ ପହଞ୍ଚିବୁ । ତୁମେ ଓ ମାଇଁ ପ୍ରସ୍ତୁତ ହୋଇଥିବ, ଆମେ ପୁରୀ ଯିବା । ବଡ ଗାଡି ଆଣିଛି, ଏଥର ଜାଗା ହେଇଯିବ । ବାହୁଡା ଦିନ ରାତିରେ ତିନି ରଥ ମନ୍ଦିର ଆଗରେ ଥାନ୍ତି ଓ ରାତି ସାରା ବହୁତ ଲୋକ ଦର୍ଶନ କରନ୍ତି । ବେଶି ଭିଡ ନ ଥିବା ଦିନ ବେଳା ପରି, ବହୁତ ସୁନ୍ଦର ଦର୍ଶନ କରି ହେବ । "

ମୁଁ ହତବାକ୍ !!!!! ଏମିତି ବି ବାଟ କଢେଇ ଡାକି ନିଅନ୍ତି କାଳିଆ । ମୁଁ ତ ଏଥର ମାଗିନି କାଳିଆ କୁ, କିପରି ଜାଣି ନେଲେ ସେ ମୋ ମନର ଇଚ୍ଛା !!!! "

ଖୁସି ରେ ଘରଣୀ ଙ୍କୁ କହିଲି ଯାଇ । ସେ ବି ଅବାକ୍ । ତେବେ ପ୍ରସ୍ତୁତି ଆରମ୍ଭ କରି ଦେଲୁ । ଫୋନ ରେ ବଡ ଭଉଣୀ ଓ ଭିଣୋଇ ଙ୍କୁ ଆମ ଘରେ ଖାଇକି ଯିବାର ନିମନ୍ତ୍ରଣ ବି ଦେଲି । ସନ୍ଧ୍ୟା ହେଲା । ପୁଅ ପ୍ରଥମେ ଆସିଲା ଅଫିସ ରୁ । ଘର କୁ ପ୍ରବେଶ କରିବା ମାତ୍ରେ କାହିଲା, ବାପା ଆମେ ସମସ୍ତେ ଯିବା ପୁରୀ । ଗୋଟିଏ ଗାଡି ରେ ତ ଜାଗା ହେବନି, ଆମ ଗାଡି ଟି ବି ନେଇ ଆଗ ପଛ ହୋଇକି ଯିବା ।

ଆହୁରି ଚକିତ ମୁଁ । ଅବଶ୍ୟ ଭଣଜା ପୁଅ କୁ ମଧ୍ୟ ଫୋନ କରି କହିଥିବେ । ତେଣୁ ସେ ଜାଣିଲା ଯିବା କଥା ଟି ......

ବୋହୂ ବି ଆସିଲା । ଖାଇବା ପ୍ରସ୍ତୁତ ହୋଇଗଲା । ଠିକ ସମୟ ରେ ବଡ ଭଉଣୀ ଙ୍କ ପରିବାର ଆସିଲେ । ଖୁବ ଆନନ୍ଦ ର ମାହୋଲ ରେ ଖିଆ ପିଆ ସରିଲା ଶୀଘ୍ର । ସନ୍ଧ୍ୟା ସାଢେ ସାତଟା ରେ ସମସ୍ତେ ବସି ପଡିଲୁ ଦୁଇ ଗାଡି ରେ ମିଶା ମିଶି ହୋଇ । ଏତେ ଲୋକ ଙ୍କୁ ଦେଖି ନାତି ଭାରି ଖୁସି । ବାଟ ଜଣା ପଡିଲା ନି । ସୁନ୍ଦର ରାସ୍ତା, ଆଉ ବେଶି ଭିଡ ବି ନଥାଏ । ରାତି ସାଢେ ନ ସରିକି ଆମେ ପ୍ରବେଶ କଲୁ ଶ୍ରୀକ୍ଷେତ୍ର ସହର ପୁରୀ କୁ । ସହର ଭିତର କୁ ଯିବା ମାତ୍ରେ ସବୁଥର ପରି ମତେ ଅନୁଭୂତ ହେଲା ଯେପରି ନିଜ ଜାଗା କୁ ହିଁ ଆସିଛି । ସେଇ ଅଣ ଚଉଡା ରାସ୍ତା, କାହିଁ କେତେ କାଳୁ ଥିବା ପୁରୁଣା ଢଙ୍ଗର ଘର ସବୁ, ଯେପରି ଚିହ୍ନା ଚିହ୍ନା ଲାଗୁଥିଲେ, ଯଦିଓ ମୁଁ ପିଲା ଦିନେ ପୁରୀ ରେ ଥିବା ବେଳେ ମାତ୍ର ତିନି ବରଷ ହେବା ଯାଏ ହିଁ ରହିଥିଲି । ବାପା ଙ୍କ ବଦଳି ହୋଇଥିଲା ନୂଆ କରି ଖୋଲିଥିବା ଅନୁଗୁଳ ସରକାରୀ କଲେଜ କୁ । ତେଣୁ ପିଲା ଦିନ ର ସେଇ ପୁରୀ ର ଦୃଶ୍ୟ ସବୁ ପ୍ରକୃତ ରେ ମୋ ମନେ ନ ରହିବା କଥା । ମନେ ନଥିଲା, କିନ୍ତୁ କାହିଁକି ହୃଦୟ ରେ ଅନୁଭୂତ ହାଉଥିଲା ମୋତେ ତ ଏଇ ବାଟ, ଏଇ ଘର ସବୁ, ଏଇ ବଡଦାଣ୍ଡ, ଏଇ ଅରୁଣ ସ୍ତମ୍ଭ ସବୁ ତ ମୋତେ ଅତି ଆପଣାର !!!

ଆମେ ଟିକେ ଦୂର ରେ ଗାଡି ରଖି ଚାଲିଲୁ ଶ୍ରୀମନ୍ଦିର ଆଡେ । ରାତି ଦଶ ପାଖକୁ ହେଲେ ମଧ୍ୟ ଚଉଡା ବଡ ଦାଣ୍ଡ ରେ ଗହଳି, ଚହଳି ଲାଗିଛି । ଦିନ ପରି ନ ହେଲେ ମଧ୍ୟ । ସୁନ୍ଦର ଆଲୋକ ମାଳା ରେ ସବୁ ଆଡେ ଝଲସି ଯାଉଛି ଆଖି । ଦୂର ରୁ ଦିଶୁଛି ଶ୍ରୀମନ୍ଦିର । ଶୀତଳ ପବନ ରେ ମନ୍ଦିର ଉପରେ ଫର ଫର ହୋଇ ଉଡୁଛି ବାନା, ଦିଶୁଛି ସୁଦର୍ଶନ ଚକ୍ର । ପୂର୍ବ ଦିଗ ରେ ଠିକ ମନ୍ଦିର ର ବାନା ପାଖରେ ହିଁ ଚମକୁଛି ଜହ୍ନ ଉଜ୍ଜ୍ୱଳ ହୋଇ । ଆଃ କି ସୁନ୍ଦର ମନ ଲୋଭା ଦୃଶ୍ୟ ସତରେ

-----x -----

ତିନି ରଥ, ନନ୍ଦିଘୋଷ, ତାଳଧ୍ୱଜ, ଓ ଦର୍ପଦଳନ, ମନ୍ଦିର ସାମ୍ନା ରେ ଚଉଡା ଜାଗା ରେ ରହିଥାନ୍ତି ଓ ତିନି ଠାକୁର ତାହା ଉପରେ ଦର୍ଶନ ଦଉଥାନ୍ତି ଅନେକ ଅନେକ ଶ୍ରଦ୍ଧାଳୁଙ୍କୁ । ଭିଡ ଟିକେ ଲାଗିଥାଏ । ସେବକ ମାନେ ବ୍ୟସ୍ତ ଥାନ୍ତି ରଥ ଉପରେ ପୂଜା ବିଧି କରିବାରେ ଆଉ ଆସନ୍ତା ସକାଳ ରେ ସୁନା ବେଶ ପାଇଁ ମଧ୍ୟ ପ୍ରସ୍ତୁତି ଚାଲି ଥାଏ । ଆମେ ପ୍ରଥମେ ପହଞ୍ଚିଲୁ ବଡ ଠାକୁର ବା ମୋ କାଳିଆ ଙ୍କ ରଥ ଆଗରେ । ମୋ ଆଖି

ଯେମିତି ପଡିଲା, ମୁଁ ବିଭୋର ହୋଇ ତାଙ୍କ ଆଡେ ଅନେଇଲି । ମତେ ଅନୁଭୂତ ହେଲା ସେ ମଧ୍ୟ ଯେପରି ମୋ ଆଡେ ଦେଖି ମୁରୁକି ହସି କହୁଛନ୍ତି, " ଆରେ, ମୁଁ ଜାଣେ ତୁ ଭିଡ କୁ ଭଲ ପାଉନା, ରଥ କି ବାହୁଡା ର ଭିଡ ତତେ ଭଲ ଲାଗିବନି ବୋଲି ତୁ ସେ ଦିନ ମାନଙ୍କରେ ତ କେବେ ଆସି ନ ଥାଉ । ତେଣୁ ଏହି ବ୍ୟବସ୍ଥା କରେଇଲି । ଏବେ ଯାହା ଦେଖିବୁ ଦେଖିଯା, ଯାହା ମାଗିବୁ ମାଗିଯା ....... "

ପ୍ରକୃତ ରେ ବିଭୋର ହୋଇ ମୋ ଆଖିରୁ ଦୁଇଟୋପା ଆନନ୍ଦାଶ୍ରୁ ଗଡି ଯାଉଥିଲା ଚଷମା ଭିତରେ । ମୋର ଧ୍ୟାନ ନଥିଲା କେତେ ବେଳେ ବାକି ସମସ୍ତେ ଆଉ ରଥ ଆଡକୁ ଚାଲି ଗଲେଣି ମୁଁ ବି ଆସୁଥିବି ପଛେ ପଛେ ଭାବି । ବଡ ଠାକୁର ଙ୍କୁ ହାତ ଯୋଡି ମନେ ମନେ କହିଲି, " କାଳିଆ ରେ, ମୋ ମନ କଥା ତ ତୁ ଶୁଣି ପାରୁ, ଏଥର ନ ମାଗି ବି ମତେ ଘରଣୀ ଙ୍କ ସହିତ ଆଣିବାର ବାଟ କରିଦେଲୁ କାଳିଆ, ତା ତ ମୁଁ ଜାଣିପାରୁଛି । ଆଉ କାଳିଆ, ମୁଁ ତ କେବେ କିଛି ନିଜ ପାଇଁ ମାଗିନି । ସବୁ ତ ଦେଇଛୁ ଯାହା ମୋ ପାଇଁ ଠିକ ଭବିଛୁ, ଆଉ କଣ ବା ମାଗିବି ?? ସମସ୍ତଙ୍କୁ ଭଲ ରେ ରଖ କାଳିଆ ଏତିକି ହିଁ ଅଳି ମୋର, ଆଉ କିଛି ବି ନାହିଁ । "

ଏ ଭିତରେ ମୁଁ ଆଉ ରଥ ପାଖରେ ନ ଥିବା ଜାଣି ବୋହୁ ( ବୋହୁ ନୁହେ ତ ଝିଅ ସେ ) ଆସି କହିଲା "ବାପା ଏଇଠି ରହିଯାଇଛ ? ଆସ କେତେ ବେଳୁ ଖୋଜୁଛି" କହି ମୋ ହାତ ଧରି କଢେଇ ନେଲା ଅନ୍ୟ ମାନେ ଥିବା ଜାଗା କୁ । ମନ ଭରି ଦେଖିଲୁ ସବୁ ଠାକୁର ଙ୍କୁ । ରାତି ଦୁଇଟା ଯାଏ ସେଇଠି ରହି ପୁଣି ଗାଡି ପାଖକୁ ଆସି ସମୁଦ୍ର ବେଳା ଆଡୁ ଟିକିଏ ବୁଲି ଆସିବାକୁ ଗଲୁ । ସୁନ୍ଦର ଆମ ପୁରୀ ବେଳାଭୂମି । ବାହୁଡା ପାଇଁ ସେଠାରେ ମଧ୍ୟ ସ୍ୱତନ୍ତ୍ର ଆଲୋକମାଳା ସର୍ବତ୍ର । ଉଠା ଦୋକାନୀ ମାନେ ଧାଡି ହୋଇ ଲାଗିଥାନ୍ତି । ବେଶ ଭିଡ ସେଠାରେ ମଧ୍ୟ । ଆଉ ବେଳା ଭୂମି ସାରା ବାଲୁକା ଉପରେ ହଜାର ହଜାର ଲୋକ ଗାମୁଛା ବା ଚଦର ପକେଇ ନିଜ ବେଗ ମୁଣ୍ଡରେ ଦେଇ ଶୋଇଥାନ୍ତି ନିଘୋଡ ନିଦ ରେ । ଏତେ ସୁନ୍ଦର ଶୋଇଥାନ୍ତି ସେମାନେ ଯେ ଲାଗୁଥାଏ ଲୋକେ ଘରେ ବାତାନୁକୁଳିତ କୋଠରି ରେ ନରମ ପଲଙ୍କ ରେ ବି ପାଉ ନଥିବେ ଏଭଳି ଆରାମ । ସୁଲୁ ସୁଲୁ ପବନ ର ଶବ୍ଦ, ଢେଉ ର ଶବ୍ଦ, ସ୍ୱଚ୍ଛ ଆକାଶ ରେ ଚନ୍ଦ୍ରମା ର ଚମକ ଏପରି ମାଦକତା ସୃଷ୍ଟି କରୁଥାଏ ଯେ ଛାଡି ଆସିବାକୁ ଇଚ୍ଛା ନଥାଏ । ରହିବାର ଯୋଜନା କରି ହୋଟେଲ ନେଇଥିଲେ ତହିଁ ପର ଦିନ ସୁନା ବେଶ ଦେଖି ହୋଇ ଥାନ୍ତା । କିନ୍ତୁ ଦୁଇ ଚାରି ଦିନ ଆଗରୁ ନାତିଆ କୁ ଟିକିଏ ଜର ହୋଇଥିଲା ଓ ଏତେ ଭିଡ ଗରମରେ ତାକୁ ବୁଲେଇବା ଠିକ ହେବନି ବୋଲି ଫେରିବା ଠିକ ହେଲା । ରାତି ତିନିଟା ଉପରେ ହୋଇଯାଇଥିଲା । ଆମେ କିଛି ଜଳଯୋଗ ଓ କଫି ପରେ ଫେରିବାକୁ ବାହାରିଲୁ । ଫେରନ୍ତା



ରାସ୍ତା ଆଉ ଗହଳି ଆଦୌ ନ ଥିଲା ଏତେ ରାତି ହୋଇ ଯାଇଥିବାରୁ । ତେଣୁ ଶୀଘ୍ର ଶୀଘ୍ର ଆସି ହେଲା । ଭୁବନେଶ୍ୱର ମହାନଗର କୁ ପ୍ରବେଶ କଲା ବେଳକୁ ତଥାପି ପୁରା ଉଜ୍ଜ୍ୱଳ ହୋଇ ନ ଥାଏ । ପାହାନ୍ତି ତରା ତଥାପି ଚିକ୍ ଚିକ୍ କରୁଥାଏ ଓ ପୂରବ ଆକାଶ ରୁ, ଉଦୟ ହେବାକୁ ଥିବା ସୁରୁଜ ର ଲାଲିମା ଖେଳେଇବାକୁ ଆରମ୍ଭ କରୁଥାଏ ..... ରାସ୍ତା ରେ ତଥାପି କିଛି ପ୍ରଭାତ ଭ୍ରମଣକାରୀ ଦଉଡୁଥାନ୍ତି .......



**ଶ୍ରୀଯୁକ୍ତ ସୁଶାନ୍ତ ପୁରୋହିତ** ଙ୍କ ଜନ୍ମ ତତ୍ କାଳୀନ ସମ୍ବଲପୁର ଜିଲ୍ଲାର ବରଗଡ ସହର ରେ 1955 ମସିହାରେ ହୋଇଥିଲା । ସେ ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଗଣିତ ରେ ସ୍ନାତକୋତ୍ତର ଓ ଆଇନ ମହାବିଦ୍ୟାଳୟ ରୁ LL. B ଶିକ୍ଷା କରି ଗଣିତ ଅଧ୍ୟାପକ ଭାବରେ ବ୍ରଜରାଜନଗର ଓ ଝାରସୁଗୁଡା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଭାବେ ଅବସର ନେଇଥିଲେ । ଗଣିତ, ବିଜ୍ଞାନ ଓ କମ୍ପୁଟର ର ଛାତ୍ର ଓ ଅଧ୍ୟାପକ ହୋଇଥିଲେ ମଧ୍ୟ ପିଲା ଦିନରୁ ସାହିତ୍ୟ ପ୍ରତି ଅନୁରାଗ ତାଙ୍କୁ ଅବସର ପରାନ୍ତ ଜୀବନରେ ଲେଖିବାର ପ୍ରେରଣା ଦେଇଥିଲା ଓ ତାଙ୍କର ଆଲେଖ୍ୟ ଗୁଡିକ ଫେସବୁକ, ଅନେକ ପତ୍ର ପତ୍ରିକା ରେ ପ୍ରକାଶ ପାଇଁ ଆସୁଛି । ତାଙ୍କର ସ୍ୱତନ୍ତ୍ରତା ଭାବରେ ସେ ଅନେକ ଗୁଡିଏ ଭ୍ରମଣ କାହାଣୀ ଲେଖିଛନ୍ତି । ଏହା ସହିତ ଅନେକ ଇଂରେଜୀ ଓଂ ହିନ୍ଦୀ ର ପ୍ରଖ୍ୟାତ ଲେଖକ ଙ୍କ ସୁନ୍ଦର କ୍ଷୁଦ୍ର ଗଳ୍ପ ଗୁଡିକୁ ଓଡ଼ିଆରେ ଭାବନୁବାଦ କରିଛନ୍ତି ଯାହା ପାଠକଙ୍କ ଦ୍ୱାରା ବହୁଳ ଆଦୃତ ହୋଇଥାଏ ।

# ବନ୍ଧୁ ବାନ୍ଧବ

ଶ୍ରୀ ଜଗନ୍ନାଥ ରଥ

ମୋ ବନ୍ଧୁ ବାନ୍ଧବ ବହୁତ ଭଲ
ମନରେ ଶ୍ରଦ୍ଧା ଥାଉ କି ନଥାଉ ସାମ୍ନାରେ ଦେଖିଲେ କରନ୍ତି ଗେଲ
ମୋ ବନ୍ଧୁ ବାନ୍ଧବ ବୋହୁତ ଭଲ ।

ଭୋଜି ଭାତରେ ଆଗ ଠିଆହେବେ, ନିଜର ଭଳିଆ ସବୁ କରିଯିବେ
ଯଦି ଟିକିଏ ଭୁଲ୍ ହେଇଗଲା ଭୋଜି ଘରଟାକୁ କୁରୁକ୍ଷେତ୍ର ଯୁଦ୍ଧ ବନେଇଦେବେ
ଛୋଟ କଥାକୁ ଗଣ୍ଠି ପକେଇ ବାର ବର୍ଷ ପରେ ମନେ ପକେଇ ତିଳ କୁ ତାଳ କରି ଥୋଇବେ ।

ତୁହା କୁ ତୁହା ବୁଲି ଆସିବେ ଭଲ ମନ୍ଦକି ପେଟେ ଖାଇବେ
ଅସମୟ ଯଦି ଆମର ହବ ଭାରତ ବାହାରେ ଅଛି କହିବେ ।

ଏକାଠି ଯଦି ହେବେ କୋଉଠି ଯା ତା କଥା ଗପିବେ
ବସି ପାଟିରୁ କଥା ନେବେ ଛଡେଇ ସବୁ ବଖାଣିବେ
ଅନ୍ୟ କୋଉଠି ଚିକ୍କଣ କହିବେ ଭାରି ଜବର
ଏଘର ମାଉସୀ ସେଘର ପିଉସୀ ଲଗା ଯୁଟାରେ ଏକ ନମ୍ବର ।

ଘର ବୁଡି ପାଣି ଆଣ୍ଠୁଏ ଥାଉ
ନିଜ ଘର କଥା ଚୁଲିକୁ ଯାଉ
ଆଉ କାହାଘରେ କୁଆ ଉଡିଗଲେ ଛୁଆ ଉଡିଗଲା ବୋଲି କହିବେ ।

କିଏ ମରିଗଲେ ଏକାଠି ହେବେ ବାହୁନି ବାହୁନି କେତେ କାନ୍ଦିବେ
ବଞ୍ଚିଥିଲା ବେଳେ ନିନ୍ଦା କରି କରି ଭଲ ଗୁଣ ସବୁ ପାସୋରି ଯିବେ
ତଥାପି କହୁଛି ମୋ ବନ୍ଧୁ ବାନ୍ଧବ ବହୁତ ଭଲ ମୋ ବନ୍ଧୁ ବାନ୍ଧବ ବହୁତ ଭଲ ।।



ଯୁବକବି **ଜଗନ୍ନାଥ ରଥ** ଜଣେ ଓଡ଼ିଆ ସାହିତ୍ୟ ଅନୁରାଗୀ ଓ ସଂକୃତି ପ୍ରେମୀ । ତାଙ୍କର ଲେଖାରେ ସମାଜ ପ୍ରତି ବାର୍ତା ଅତ୍ୟନ୍ତ ପ୍ରଶଂସନୀୟ ।




# ରୋଜଗାର

## ଶ୍ରୀ ଶୁଭେନ୍ଦୁ କୁମାର ପତି

ମୁଁ ପ୍ରାୟତଃ ସକାଳୁ ସକାଳୁ  ଡେଂକିଲ୍ ର ପସର ମଲମ୍ ମାର୍କେଟରେ ବୁଲୁଥାଏ । ପ୍ରାୟ ସମୟ ଦେଖେ ମୋ ବନ୍ଧୁ ଆଲୋକ ସେଠି ରାସ୍ତା କଡ଼ରେ ଥିବା ସାମିର ଛୋଟ ଦୋକାନରୁ  ବିସ୍କେଟ୍ କିଣି କୁକୁର ମାନଙ୍କୁ ଖାଇବାକୁ ଦିଏ, ଚଣା କିଣି ପାରା ମାନଙ୍କୁ ଦିଏ । ଆଉ ନିଜେ ଚାହା କପେ ପିଇ ଦେଇ ସେଇଠୁ ବାହାରି ଯାଏ । ଠିକ୍ ସେହିଭଳି ପନିପରିବା ମଧ୍ୟ ରାସ୍ତା କଡ଼ରେ ବିକୁଥିବା ଲୋକ ମାନଙ୍କଠୁ କିଣୁଥାଏ । ହଠାତ୍ ଦିନେ ମୁଁ ପଚାରିଲି "ଆଲୋକ ତମେ ମାଲେସିଆରେ ଏତେ ବଡ଼ ଚାକିରି କରୁଛ, ଏତେ ଏତେ ଟଙ୍କା କମଉଛ । ତଥାପି, ମଲ୍ ବଡ଼ ବଡ଼ ସପିଙ୍ଗ ମାର୍କେଟ ରୁ ନ କିଣି ଏମିତି ରାସ୍ତା କଡ଼ରୁ କିଣୁଛ ?" ସେଇଠୁ ଆଲୋକ ହସିକି କହିଲା " ଦେଖ ଶୁଭେନ୍ଦୁ, ଆମେ ରୋଜଗାର କରୁଛେ ଭୋଗବିଳାସରେ ବଞ୍ଚିବାକୁ । ଆଉ ସେମାନେ ରୋଜଗାର କରୁଛନ୍ତି ଜୀବନ ବଞ୍ଚିବାକୁ ।" ଏତିକି ଶୁଣି ମୁଁ ଆଲୋକକୁ ମନେ ମନେ ସାଲ୍ୟୁଟ କରୁଥାଏ ।




**ଶ୍ରୀ ଶୁଭେନ୍ଦୁ କୁମାର ପତି**, ମାଲେସିଆ ଏୟାରଲାଇନ୍ସରେ ସିନିୟର ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି । ତାଙ୍କ ଖାଲି ସମୟରେ, ସେ ଭ୍ରମଣ ବ୍ଲଗିଂ, ହାଇକିଂ  ଏବଂ ନୂତନ ରୋଷେଇ ରେସିପି ସହିତ ପରୀକ୍ଷଣ କରିବାର ମଜା ନିଅନ୍ତି ।



# ଜୀବନର ଶେଷ ପର୍ଯ୍ୟାୟର ଅସ୍ତମିତ ସୂର୍ଯ୍ୟପ୍ରକାଶ ପରେ ଘୋଟି ଆସୁଥିବା ଅନ୍ଧକାର ଭିତରେ କିଛି କଥା ଓ ବ୍ୟଥା

## ଖାରବେଳ ମହାନ୍ତି

ପ୍ରଫୁଲ୍ଲବାବୁ ଲକ୍ଷ୍ୟ କରୁଥିଲେ ଦୂର ପାହାଡର ଉହାଡରେ ଅସ୍ତ ହୋଇ ଯାଉଥିବା ଅସ୍ତମିତ ସୂର୍ଯ୍ୟକୁ କିପରି ଧୀରେ ଧୀରେ ତାର ଲୋହିତ କିରଣକୁ ବାଦଲ ତଳୁ ବିଛାଡି ଦେଇ ପୃଥିବୀକୁ ବାଏ ବାଏ କରି ମେଲାଣି ନେଉଛନ୍ତି ପୃଥିବୀପୃଷ୍ଠରୁ ଯେପରିକି କୌଣସି ଲୋକ ତା ନିଜ ପରିଜନମାନଙ୍କୁ ଛାଡି ଅନ୍ୟ ଜାଗାକୁ ଗଲାବଳେ ବାଏ ବାଏ କରି ଯାଉଥାଏ । ଏ ପରିପ୍ରେକ୍ଷୀରେ ପ୍ରଫୁଲ୍ଲ ବାବୁଙ୍କର ହାଇସ୍କୁଲ ସାହିତ୍ୟ ବହିରୁ ପଢିଥିବା କେତୋଟି ପଂକ୍ତି ମନେ ପଡିଗଲା, 'ଆଶ୍ୱିନ ମାସର ଭସା ଭସା ମେଘ ଓ ନଦୀ କୂଳରେ ହୋଇଥିବା କାଶତଣ୍ଡୀର ଫୁଲ ସବୁ ହାଲୁକା ହାଲୁକା ପବନର ତରଙ୍ଗାୟିତ ଗତି ସାଙ୍ଗରେ ଶାରଦୀୟ ସନ୍ଧ୍ୟାରେ ବାରୁଣୀ ଗଗନର ଅସ୍ତଗାମୀ ସୂର୍ଯ୍ୟର ଲୋହିତ କିରଣ ଯେପରି ତାର ରୂପଶ୍ରୀକୁ ସଜେଇ ଦିଏ ତାହା କେବଳ ଉପଭୋଗ୍ୟ, ଏହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ, " ପ୍ରଫୁଲ୍ଲ ବାବୁଙ୍କର ମନଟା କେଜାଣି କାହିକି ସେହି ଅସୀମିତ ସୂର୍ଯ୍ୟର ଲୋହିତ ଦୃଶ୍ୟକୁ ଦେଖୁ ଦେଖୁ ଉଦାସ ହୃଦୟରେ ଏକ ଦୀର୍ଘ ନିଶ୍ୱାସଟିଏ ଛାଡିଥିଲେ ଏବଂ ସୂର୍ଯ୍ୟଙ୍କୁ ଏକ ନମସ୍କାର କରି ଦେଖୁଥିଲେ ଲୋହିତ ବର୍ଣ୍ଣ ଆକାଶରେ ଭସା ମେଘ ଭିତରେ ଅନେକଗୁଡିଏ ପକ୍ଷୀମାନଙ୍କର କୋଳାହଳମୟ କରି ଉଡିଯିବାର ଦୃଶ୍ୟକୁ, ହୁଏତ ଉଡି ଯାଉଥିଲେ ଧରଣୀର ଅନ୍ଧକାର ଭିତରେ ମଗ୍ନ ହୋଇଯିବାର ଆଭାସ ପାଇ ନିଜ ନିଜର ନୀଡ଼କୁ । ପୁଣି ଅପେକ୍ଷା ଆଗାମୀ ଦିନର ନୂଆ ସୂର୍ଯ୍ୟୋଦୟ ଅପେକ୍ଷାକୁ ।

ଅନେକ ବର୍ଷରୁ ସରକାରୀ ଚାକିରିରୁ ଅବସର ନେଇଥିବା ପ୍ରଫୁଲ୍ଲବାବୁ ନିଜର ଅତୀତ ଜୀବନ ସହିତ ବର୍ତ୍ତମାନର ନିର୍ଜନତା ଓ ନିସଙ୍ଗତା ଜୀବନକୁ ନେଇ ମନ ଭିତରେ ଏକ ଗଭୀର ଚିନ୍ତାରେ ହଜି ଯାଇଥିଲେ । ହଠାତ ତାଙ୍କର ଚିନ୍ତାକୁ ସାମୟୀକ ଭାବେ ମନ ଭିତରେ ରଖିଦେଇ ନିଜଘରର ବାଲକୋନୀରେ ପଡିଥିବା ଚେୟାର ଉପରୁ ଉଠି ଆସି ହାତ ଗୋଡ ଧୋଇ ଠାକୁର ଘରକୁ ଗଲେ ଠାକୁରଙ୍କ ପାଖେ ସନ୍ଧ୍ୟା ଦେବା ପାଇଁ । ସନ୍ଧ୍ୟା ଦେଇ ସାରି କିଛିଦିନ ରୋଗ ଶଯ୍ୟାରେ ପଡି ଆରୋଗ୍ୟ ହୋଇ ଥିବା ରୁଗ୍ଣା ସ୍ତ୍ରୀ ନିହାରିକା ଦେବୀ ଏକ ଟ୍ରେରେ ଦୁଇ କପ ଚା ଓ କିଛି ଲୁଣି ବିସ୍କୁଟ ଆଣି ଡ୍ରଇଂ ରୁମରେ ପଡିଥିବା ପିଲାମାନଙ୍କର ଅବ୍ୟବହୃତ ଟେବୁଲ ଉପରେ ନିହାରିକା ଦେବୀ ରଖିଦେଇ ସ୍ୱାମୀଙ୍କୁ ଡାକିଲେ ଏବଂ କହିଲେ ସଂଧ୍ୟା ଦେଇ ଆସିଲଣି, ଆସ ଚା ଟିକେ ପିଇଦିଅ । ସ୍ତ୍ରୀଙ୍କର ଡାକ ଶୁଣି ପ୍ରଫୁଲ୍ଲବାବୁ ଡ୍ରଇଂ ରୁମରେ ପଡିଥିବା ପିଲାମାନଙ୍କର ଷ୍ଟଡି ଟେବୁଲ ପାଖକୁ ଲାଗି ପଡିଥିବା ଚେୟାରରେ ବସି ପଡିଲେ ଆଗରୁ ନିହାରିକା ଦେବୀ ସେଠାରେ ପଡିଥିବା ଅନ୍ୟ ଏକ ଚେୟାରରେ ବସିଥିଲେ । ସ୍ୱାମୀ ଆସି ବସିବା ପରେ ପରେ ତାଙ୍କ ...........

ପ୍ରଫୁଲ୍ଲ ବାବୁଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ । ପିଲାମାନଙ୍କୁ ପ୍ରଫୁଲ୍ଲ ବାବୁ ଚାକିରି କଲା ଭିତରେ ସମସ୍ତଙ୍କୁ ଉଚ୍ଚ ଶିକ୍ଷିତ ଦେଇଥିଲେ । ବଡଝିଅଟି ଏକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା, ସାନ ଝିଅଟି ମଧ୍ୟ ଉଚ୍ଚ ଶିକ୍ଷିତା କିନ୍ତୁ ଚାକିରି ନ କରି ତା ସ୍ୱାମୀ କରିଥିବା ଏକ ସଫ୍ଟୱେର କମ୍ପାନୀର ଡାଇରେକ୍ଟର ଭାବେ କାର୍ଯ୍ୟକରି ତାର ସ୍ୱାମୀଙ୍କର କମ୍ପାନୀର ଅନେକ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ପୁଅଟି ବାଙ୍ଗାଲୋରସ୍ଥିତ କୌଣସି ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟରତ ଏବଂ ତାର ପତ୍ନୀ ମଧ୍ଯ ଅନ୍ୟ କମ୍ପାନୀରେ କାର୍ଯ୍ୟରତ ।

ପିଲାମାନେ ଯେ ଜୁଆଡେ ସେମାନଙ୍କର ଜୀବନର ଚଲାପଥରେ ଚାଲିବାକୁ ବିଭିନ୍ନ ଯାଗାମାନକୁ ତାଙ୍କର ସଂସାର ନେଇ ଚାଲିଗଲେଣି । ଘରେ କିନ୍ତୁ ପ୍ରଫୁଲ ବାବୁ ଏବଂ ତାଙ୍କ ସ୍ତ୍ରୀ ନିହାରିକା ଦେବୀ ରହିଗଲେ ସେମାନଙ୍କର ଜୀବନର ଚଲାପଥରେ ଚାଲିବାକୁ । ଦିନର ନିଜର ପରିଚର୍ଯ୍ୟା ପରେ ପରେ ଠାକୁର ପୂଜା ସାରି ରୋଷେଇ କରିବାର ଉପକ୍ରମ ଭିତରେ ପ୍ରଫୁଲ ବାବୁଙ୍କ ପାଇଁ ଚା କପଟିଏ, ନିଜ ପାଇଁ ଚା କପଟିଏ ତଥା ଘରେ କାମ କରୁଥିବା ସ୍ତ୍ରୀ ଲୋକଟିକୁ ଚା କପଟିଏ ବଢ଼ାଇ ଦେଇ ନିହାରିକା ଦେବୀ ସ୍ୱାମୀଙ୍କ ପାଖରେ ବସି ପଡିଲେ ଚା ପିଇବା ପାଇଁ ଏବଂ ତାରି ଭିତରେ ସେ ସ୍ୱାମୀଙ୍କୁ ପଚାରନ୍ତି କଅଣ ଆଜି ଖାଇବ, ସ୍ୱାମୀ ଏକ ଛୋଟ ଉତ୍ତରରେ କହନ୍ତି ଯାହା ତୁମେ ଦେବ । ଏହାଶୁଣି ନିହାରିକା ଦେବୀ କହିଲେ ଘରେ କଅଣ ଅଛି, କଅଣ ନାହିଁ କିଛି ନ ବୁଝି ନ ସୁଝି ମୁଁ ପଚାରିଲି ଖାଇବ କଅଣ ନା, ତୁମେ କହୁଛ ଯାହା ଦେବ, ଆଚ୍ଛା ଲୋକତ ! ହଉ ଶୁଣ, ଆଜି ବୁଧବାର, କିଛି ମାଛ ଆଣ, ଦିନ ବେଳା ମାଛ, ଭାତ ଓ ଡାଲି ଦେଇ ଖାଇଦେବା ଆଉ ରାତିରେ ମାଛ ମୁଣ୍ଡଟାକୁ ଛେଛେଡା କରି ରଖି ଦେଇଥିବା ତାକୁ ରୁଟି ସହିତ........

ପ୍ରଫୁଲ୍ଲ ବାବୁ ସକାଳର ସମ୍ବାଦପତ୍ରକୁ ଖୁବ ମନଯୋଗ ସହକାରେ ପଢୁଥାଆନ୍ତି, ଏଟା ତାଙ୍କର ନିତିଦିନିଆ ଅଭ୍ୟାସ । ଘରଟା ଏକ ନିର୍ଜ୍ଜନତାର ରୂପ ନେଇଛି । କିଛି ସମୟର ଅନ୍ତରାଳରେ ନିହାରିକା ଦେବୀ ତାଙ୍କ ସ୍ୱାମୀକୁ କହିଲେ ଆଗୋ ଶୁଣୁଛ, ପ୍ରଦର୍ଶନୀ ପଡିଆରେ ପୁସ୍ତକ ମେଳା ସହିତ ହ୍ୟାଣ୍ଡଲୁମ ତଥା ପଲ୍ଲୀଶ୍ରୀ ମେଳା ମଧ ପଡିଛି । ମେଳା ବୁଲିଯିବାକୁ ଇଚ୍ଛା ହେଉଛି । ଆଉ ଦୁଇଟି ଦିନ ପରେ ମେଳା ଶେଷ ହୋଇଯିବ । ସୁତରାଂ ଆଜି ସଂଧାରେ ଚାଲ ମେଳା ଦୁଇଟିକୁ ବୁଲି ଆସିବା । ପ୍ରଫୁଲ୍ଲ ବାବୁ ଦୁଇ ହାତରେ ଖବରକାଗଜକୁ ଧରି ପଢିବା ଅବସ୍ଥାରେ ନିଜର ପିନ୍ଧିଥିବା ଚଷମା ଭିତରେ ତାଙ୍କ ଆଡକୁ ଚାହିଁ କହିଲେ ହଁ ଠିକ କହିଛ ଆଜି ସଂଧା ପରଠାରୁ ଆଉ ସେମିତି କିଛି କାମ ନାହିଁ, ରାତ୍ରିର ଭୋଜନ ମଧ କରି ସାରିଛ ସୁତରାଂ ଯାଇ ବୁଲି ଆସିଲେ ମନଟା ଟିକିଏ ହାଲୁକା ହୋଇଯିବ । ମଧ୍ୟାହ୍ନ ଭୋଜନ ଶେଷ କରିସାରି ପ୍ରଫୁଲ୍ଲବାବୁ ଓ ତାଙ୍କ ସ୍ତ୍ରୀ ଦୁଇଜଣ ଯାକ ଖରାବେଳରେ ବିଶ୍ରାମ ନେଉ ନେଉ ଶୋଇ ପଡ଼ିଥିଲେ ଶୋଇବା ଘରେ । ଠିକ୍ ଦିନ ପାଞ୍ଚଟା ବେଳକୁ ନୀହାରିକା ଦେବୀଙ୍କର ନିଦ ଭାଙ୍ଗିଯାଇ ........ । ଏହାଛଡା ଆମ ଓଡିଶାର କଳା, ସଂସ୍କୃତି, ତାରକସି କାମ, ଶିଙ୍ଗରେ ବନା ଯାଇଥିବା ବିଭିନ୍ନ ପ୍ରକାରର ଘର ସଜେଇବା ଜିନିଷ ମାନ ତଥା ଶିଙ୍ଗ ପାନିଆ ସବୁକୁ ଦେଖି ଖୁବ ଖୁସି ହୋଇ ଯାଇଥିଲେ ଏବଂ ସେ ସବୁ ଜିନିଷ ମଧ୍ଯରୁ ସେମାନଙ୍କର ମନୋନୀତ କେତେକ ଜିନିଷ ଅଣା ଆଇ କିଣି ଦେଇଥିଲେ ଯେଉଁ ଜିନିଷ ସବୁକୁ ବିନା ଅସୁବିଧାରେ ଉଡାଜାହାଜରେ ନେଇ ଯାଇ ହେବ । ଆଜି ଏହି ମେଳାରେ ବୁଲୁ ବୁଲୁ ସେମାନଙ୍କର କଥା ସବୁ ମନେ ପଡି ତାଙ୍କ ଚକ୍ଷୁରୁ ବାହାରି ଆସିଥିଲା କିଛି ଲୁହ ଆଉ ହୃଦୟ ଭିତରରୁ ଏକ ଦୀର୍ଘ ନିଶ୍ୱାସଟିଏ । ଶାଢୀର ପଣତରେ ପୋଛି ପକାଇଲେ ଗଡି ପଡୁଥିବା ଲୁହକୁ, ଆଜି ଏକା ବୁଲୁଛନ୍ତି ସ୍ୱାମୀଙ୍କ ସାଙ୍ଗରେ, କେହି ପିଲା ପାଖରେ ନାହାନ୍ତି ଅଳି କରିବାକୁ, ଆଇ ଏଇଟା କିଣିଦିଅ, ସେଇଟା କିଣିଦିଅ ଏ ଡ୍ରେସ ଭଲ ହୋଇଛି ନେବା, ଗୁପଚୁପ ଖାଇବା ଇତ୍ୟାଦି ଇତ୍ୟାଦି, ଆଜି ଏଠାରେ ସେ ସେମାନଙ୍କ କଥା ଭାବୁଛନ୍ତି ହୁଏତ ସେମାନେ ବିଦେଶରେ ପାଠ ପଢିବା ପାଇଁ ବସିଥିବେ । ଏହି ଭାବନା ଭିତରେ ହଠାତ ପ୍ରଫୁଲ୍ଲବାବୁ ଡାକିଲେ, ହଇଓ ଶୁଣୁଛ ଦେଖିଲ ଏ ସମ୍ବଲପୁରୀ ଶାଢୀଟା କିପରି ହୋଇଛି ।

ଏହି କଥୋପକଥନ ଭିତରେ ରାତି ଦଶଟା ହେବାକୁ ଲାଗିଲା । ମେଳା ଦେଖିସାରି ଦୁଇଟି ଖଜୁରୀ ଗଛ, ଏକ ଟେବୁଲ ଗୋଲାପ ଗଛ, ମାଟି କୁଣ୍ଡରେ ଥିବା ସବୁ ଗଛ ଗୁଡିକ ସହିତ ଗୋଟିଏ ଛୋଟ ତାଳ ଗଛ ଏବଂ ଘର ସଜେଇବା ପାଇଁ କେତେ ଗୁଡିଏ ଶିଙ୍ଗ ନିର୍ମିତ ଜିନିଷ ତଥା ହ୍ୟାଣ୍ଡଲୁମରୁ କିଛି ପରଦା କନା, ରୂପାରେ ତିଆରି କିଛି ଜିନିଷ ପ୍ରଭୃତି କିଣି ଆଣିଥିଲେ । ନିହାରିକା ଦେବୀଙ୍କର ଘର ସଜେଇବାରେ ଭାରି ସଉକ । ସୁତରାଂ କୌଣସି ଘର ସଜେଇବା ପାଇଁ ନୂଆ ଜିନିଷ ମେଳାରେ ଦେଖିଲେ ତାକୁ କିଣିଆଣି ଘର ସଜେଇ ଥାଆନ୍ତି । ଏହିପରି ନିହାରିକା ଦେବୀ ଓ ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ବାବୁ ରାଜଧାନୀରେ ଅନ୍ୟ ମାନଙ୍କ ନବେ ଭାଗ ଥିବା ଏକାକି ଜୀବନଯାପନ କରୁଥିବା ମଧ୍ୟରୁ ଜଣେ ଥିଲେ ।

କିଛି ମାସ ପରେ ହଠାତ ପ୍ରଫୁଲ୍ଲବାବୁ ଏବଂ ତାଙ୍କ ସ୍ତ୍ରୀ ନିହାରିକା ଦେବୀ ତାଙ୍କର ବଡଝିଅ ଯିଏକି ବାରିପଦାର ଶ୍ରୀରାମଚନ୍ଦ୍ର ଭଂଞ୍ଜ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ତାଙ୍କରି ତଥା ତାର ଏକମାତ୍ର ପୁଅ ଓ ନିହାରିକା ଦେବୀଙ୍କର ଓ ପ୍ରଫୁଲ୍ଲବାବୁଙ୍କର ଏକମାତ୍ର ନାତି ଆଶିଷକୁ ଦେଖିବାକୁ ପ୍ରବଳ ଇଚ୍ଛା ହେବାରୁ ଗୋଟିଏ ଭଡାଗାଡି କରି ତାଙ୍କର ନାତି ପାଇଁ ସେ ଭଲ ପାଉଥିବା କିଛି ମିଠା, ଫଳ ଓ ତା ପାଇଁ ମେଳାରୁ କିଣିଥିବା ଜାମା ପ୍ୟାଣ୍ଟ କପଡା ଏବଂ କିଛି ସାଇନ୍ସ ପଜଲର ବାକ୍ସ ସବୁ ନେଇ ଅଚାନକ ଭାବେ ପହଞ୍ଚିଗଲେ ଝିଅ ଘରେ । ସେମାନଙ୍କୁ ଦେଖି ନାତି ଟୋକାଟା ଆସି କୁଣ୍ଢାଇ ପକାଇଲା ତା ଆଈକୁ । ପଚାରିଲା ଆଈ ତୁମ୍ଭର ଓ ଅଜାଙ୍କର ଏ ଅଚାନକ ଆସିବାଟା କଅଣ ପାଇଁ । ଆଈ କହିଲେ ତୋତେ ତଥା ତୁମ ସମସ୍ତଙ୍କୁ ଦେଖିବାକୁ ମନଟା ଗୁଡେଇ ହେବାରୁ ଏପରି ହଠାତ ଚାଲି ଆସିଲୁ । କନଭେଣ୍ଟ ସ୍କୁଲରେ standard 6thରେ ପଢୁଥିବା ବାର ବର୍ଷର ନାତି ଟୋକାଟାର ବାଲ୍ୟ ଚପଳତା ଏହା ଭିତରେ ଅନେକ କମିଯାଇଛି । ଆଗରୁ ଅଳି ଅଝଟ କରୁଥିବା ଓ ଇପ୍ସିତ ବସ୍ତୁଟିକୁ ନ ପାଇ...........

ଡାକ୍ତର ବାବୁଙ୍କର ପରାମର୍ଶ ଅନୁସାରେ ବଡ ବ୍ୟସ୍ତ ହୋଇ ଝିଅ ଜ୍ୱାଇଁ ନିଜ ନିଜର କାର୍ଯ୍ୟସ୍ଥଳୀରୁ ଛୁଟି ନେଇ ମା ବାପାଙ୍କୁ ନେଇ ଚାଲି ଆସିଲେ କଟକ ଦେଇ ଭୁବନେଶ୍ୱରକୁ । କଟକ ବାଟ ଦେଇ ଆସିବା ବାଟରେ ଗୋଟିଏ କଟକର ଏକ ନର୍ସିଂହୋମରେ ବାରିପଦାର ଡାକ୍ତରଙ୍କ ପ୍ରେସକିପ୍ସନ ଅନୁସାରେ କେତେ ଗୁଡିଏ ଟେଷ୍ଟ କରାକରାଇଲେ ଏବଂ ଟେଷ୍ଟ ପରୀକ୍ଷାରୁ ଜଣା ପଡିଲା ଯେ ଏହା ବ୍ରେଷ୍ଟ କ୍ୟାନସର ବୋଲି । ଏହା ଜଣାପଡ଼ିଲା ପରେ ପ୍ରଫୁଲ୍ଲ ବାବୁ ତଥା ତାଙ୍କର ସମସ୍ତ ପରିବାର ଦୁଃଖରେ ଭାଙ୍ଗିପଡିଲେ । କିନ୍ତୁ ଟିକିଏ ଆଶ୍ୱସ୍ତ ହେଲେ ଯେ ଏହା ରୋଗର ପ୍ରଥମ ଅବସ୍ଥାରେ ଅଛି ଓ ଏହାର ଯଥାଶୀଘ ଏହାର ଚିକିତ୍ସା କରାଇଲେ ନୀହାରିକା ଦେବୀ କର୍କଟ ରୋଗମୁକ୍ତ ହୋଇଯିବେ । ଚିକିତ୍ସା କଲା ଭିତରେ ଡାକ୍ତରମାନଙ୍କର ଅନେକ ପରୀକ୍ଷା ନିରୀକ୍ଷା କଲା ଭିତରେ ପ୍ରଫୁଲ୍ଲବାବୁଙ୍କର ସାନଝିଅ ଯିଏକି ଲଣ୍ଡନରେ ରହେ ସେ ଲଣ୍ଡନରୁ ଓ ପୁଅ ଓ ବୋହୂ ବାଙ୍ଗାଲୋରରୁ ସବୁ ଛୁଟି ଆସିଲେ ମାଆର ଏ ଅସୁସ୍ଥତାର ଖବର ପାଇ । ଯାହାହେଉ ଠିକ ସମୟରେ ।

ଯାହାହେଉ କିଛିମାସ ଧରି ପ୍ରଫୁଲ୍ଲବାବୁ ଓ ତାଙ୍କ ସ୍ତ୍ରୀ ଝିଅ ଘରେ ରହି ଆସୁଛନ୍ତି । କିନ୍ତୁ ଡାକ୍ତରଙ୍କ ପରାମର୍ଶ ଅନୁଯାଇ ପ୍ରତି ତିନି ମାସରେ ଥରେ ଯାଇ ଭୁବନେଶ୍ୱରରେ ଥିବା ଆପୋଲୋ ହସ୍ପିଟାଲରେ ଚେକ ଅପ କରାଇ ଆସୁଛନ୍ତି । ଭଗବାନଙ୍କ ଅପାର କରୁଣାରୁ ନିହାରିକା ଦେବୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ କର୍କଟ ରୋଗମୁକ୍ତ । କିନ୍ତୁ ପ୍ରତି ତିନି ମାସରେ ଥରେ ଭୁବନେଶ୍ୱରକୁ ଯାଇ ଚେକଅପ୍ କରାଇବାକୁ ପଡୁଛି ନିଜକୁ ଆଶ୍ୱସ୍ତ କରାଇବାପାଇଁ ।

ସମୟ ଏବଂ ସ୍ରୋତ କାହାକୁ ଅପେକ୍ଷା କରେ ନାହିଁ । ପ୍ରଫୁଲ୍ଲବାବୁଙ୍କର ମନଟା ଆଜିକାଲି କାହିଁକି ଏକ ଅଜଣା ଓ ଆଶଙ୍କାରେ ଭରି ଉଠୁଛି । ସେ ଜଣେ ଅମାୟିକ ଲୋକ ହୋଇ ଥିବାରୁ ଏଠି କାହା ସାଙ୍ଗରେ ମିଶି ପାରୁନାହାନ୍ତି ତାଙ୍କ ଭଳି କେହି ସମସାମୟିକ ଲୋକ ନ ଥିବାରୁ । ତା ଛଡା ଝିଅ ଯେଉଁଠାରେ ଘର ଭଡ଼ା ନେଇ ଅଛି ସେଟା ବାରିପଦା ସହରର ଉପକଣ୍ଠର ଏକ ନିଛାଟିଆ ଯାଗା । ଆଖପାଖରେ ଲୋକମାନେ ପ୍ଲଟ ଖଣ୍ଡିଏ ଖଣ୍ଡିଏ କିଣି ସେଠାରେ ସିମେଣ୍ଟ ପାଚେରୀ କରି ଖାଲି ରଖୁଛନ୍ତି ହୁଏତ ଭବିଷ୍ୟତରେ ଘର ତିଆରି କରି ରହିବାକୁ ଅଥବା ଅନ୍ୟ କାହାକୁ ଚଢା ଦାମରେ ବିକ୍ରି କରିବେ ଘର କରିବାର ପ୍ରୟୋଜନ ନ ଥିଲେ । ସେ ପ୍ଲଟ ମଧ୍ୟରେ ନାନା ପ୍ରକାରର ଜଙ୍ଗଲିଆ ଗଛସବୁ ଉଠି ପ୍ଲଟଟିମାନ ଏକ ଘଞ୍ଚ ଜଙ୍ଗଲରେ ପରିଣତ ହୋଇ ଯାଇଛି । ଯେଉଁ କେତେଜଣ ଘର କରିଛନ୍ତି ତାହା ଗଗନଚୁମ୍ବୀ ଅଟ୍ଟାଳିକା ମାନ । ତାରି ଭିତରେ ସେମାନେ ତାଙ୍କ ପରିବାର ସହିତ ରହନ୍ତି, ବାହାର ଲୋକଙ୍କ ସହିତ ବା ପଡିଶା ଲୋକମାନଙ୍କ ସହିତ କୌଣସିପ୍ରକାର ସମ୍ପର୍କ ନ ଥାଏ ରାଜଧାନୀର ଲୋକମାନଙ୍କ ପରି । ଏହି ପରିବେଶରେ ପ୍ରଫୁଲ୍ଲବାବୁ.........

ଆଜି ପ୍ରଫୁଲ୍ଲ ବାବୁ ଶୋଇବା ଘରର ଶଯ୍ୟାରେ ତାଙ୍କ ପାଖରେ ଶୟନ କଲାବେଳେ ଲକ୍ଷ୍ୟ କଲେ କେତେବେଳୁ ନିହାରିକା ଦେବୀ ଗଭୀର ନିଦ୍ରାରେ ଶୋଇ ପଡିଛନ୍ତି । ପ୍ରଫୁଲ୍ଲବାବୁଙ୍କର କାହିଁକି କେଜାଣି ତାଙ୍କ ଆଖିକୁ ଅନେକ ସମୟ ଧରି ନିଦ ଆସିଲା ନାହିଁ । ବେଡ଼ ଲାଇଟର କିରଣରେ ପ୍ରଫୁଲ୍ଲବାବୁ ନୀରିକ୍ଷଣ କରୁଥିଲେ ଗଭୀର ନିଦରେ ଶୋଇ ଯାଇଥିବା ନିହାରିକା ଦେବୀଙ୍କର ମୁଖମଣ୍ଡଳକୁ । ଖୁବ ଶୁଖି ଯାଇଛନ୍ତି ସିଏ । ମଳିନ ପଡିଯାଇଛି ତାଙ୍କର ମୁଖମଣ୍ଡଳଟା । ବାର୍ଦ୍ଧକ୍ୟର ଶେଷ ପାହାଚରେ ପହଞ୍ଚି ଥିବାରୁ ଦାନ୍ତ

କେତେଗୁଡିଏ ପଡିଯାଇଛି । ଅର୍ଦ୍ଧ ପାକୁଆ ପାଟିରେ ଗାଲ ଗୁଡିକ ପଶି ଯାଇଛି, ମଥାରେ କିନ୍ତୁ ସିନ୍ଦୁର ଟୋପାଟା ଜକ ଜକ କରି ଶୋଭା ପାଉଛି । ପ୍ରଫୁଲ୍ଲ ବାବୁ ତାକୁ ଦେଖୁଥିଲେ ଅନେକ ସମୟ ଧରି ଏବଂ ସେଇ ଦେଖିଲା ଭିତରେ ତାଙ୍କ ହୃଦୟ ଭିତରୁ ବାହାରି ଆସୁଥାଏ ଦୀର୍ଘ ନିଶ୍ୱାସମାନ । ଭାବୁଥିଲେ ଜୀବନର ଶେଷ ପର୍ଯ୍ୟାୟର ଅସ୍ତମିତ ସୂର୍ଯ୍ୟପରି ଯଦି ନିହାରିକା ଦେବୀଙ୍କର କିଛି ହୋଇଯାଏ ତାହାହେଲେ ସେ କିପରି ବଞ୍ଚିବେ ତାଙ୍କ ବିନା । କେତେ କଷ୍ଟଦାୟକ ହୋଇ ପଡିବ ତାଙ୍କ ଜୀବ.......

କିଛିମାସ ହେଇ ଗଲାଣି ଝିଅ ଘରେ ରହିବାଟା । ମନଟା ସବୁବେଳେ ଛଟପଟ ହେଉଛି ନିଜ ଘର ଭୁବନେଶ୍ୱରକୁ ଯିବାପାଇଁ । ଯେଉଁ ଘରଟାରେ ଭରି ରହିଛି ନିହାରିକା ଦେବୀ ଓ ପ୍ରଫୁଲ୍ଲବାବୁଙ୍କର ଅବସର କୋଡିଏ ବର୍ଷ ଜୀବନର ଅନେକ ସ୍ମୃତି ଓ ଅନେକ ଅନୁଭୂତି । ଭାବୁଛନ୍ତି କେତେ ସୁନ୍ଦର କରି ନିଜ ଘରକୁ ଛବି ଘର ପରି ସଜାଇ ଦେଇ ଥିଲେ ନିହାରିକା ଦେବୀ । ଅନେକ ଦିନ ଧରି ଝିଅ ଜ୍ୱାଇଁଙ୍କର ଆଦର ସେବା ଯତ୍ନ ଭିତରେ ରହିଛନ୍ତି ସିନା, ହେଲେ ମନଟା ପଡି ରହିଛି ସେଇ ତାଙ୍କର ଭୁବନେଶ୍ୱର ଘରଟା ଉପରେ ।

ଏ ସବୁ ଭିତରେ ସମୟ ଗଡି ଚାଲିଛି ତା ବାଟରେ ଏବଂ ସେଇ ସମୟର ଗତି ସାଙ୍ଗରେ ପ୍ରଫୁଲ୍ଲବାବୁ ଓ ନିହାରିକା ଦେବୀଙ୍କର ଜୀବନ ଚାଲିଛି ତା ବାଟରେ । ନଦୀର କୂଳରେ ହୋଇଥିବା ଗଛର ଛାଇ ତଳେ ପଥିକ ଯେପରି କିଛି ସମୟ ବିଶ୍ରାମ ପରେ ଚାଲିଯାଇଥାଏ ତାର ଗନ୍ତବ୍ୟ ପଥରେ ତାର ଯେପରି କିଛି ସ୍ଥାୟୀତ୍ୱ ନ ଥାଏ ଠିକ ସେହିପରି ନଦୀ କୂଳର ଗଛର କିଛି ସ୍ଥାୟିତ୍ୱ ନ ଥାଏ, କେତେବେଳେ ଯେ ନଦୀର ବନ୍ୟାଜଳରେ ଲୀନ ହୋଇଯିବ ତା ଗର୍ଭରେ ତାହାର ମଧ୍ୟ ସଠିକତା ନ ଥାଏ, ମନୁଷ୍ୟ ଜୀବନର ଠିକ ସେହିପରି କିଛି ସଠିକତା ନ ଥାଏ ତାର ଲୀବନରେ ।

ପ୍ରଫୁଲ୍ଲବାବୁ ଓ ନିହାରିକା ଦେବୀଙ୍କର ଜୀବନ ମଧ୍ୟ ସେହି ନଦୀ କୂଳ ଗଛ ପରି, କିଛି ଠିକ ନାହିଁ ଜୀବନର ଶେଷ ପର୍ଯ୍ୟାୟର ଅନ୍ତିମ ସମୟ ଆଗ କାହାର । ପ୍ରଫୁଲ୍ଲବାବୁ ଭାବୁଥିଲେ ଯଦି ସେ ନିହାରିକା ଦେବୀଙ୍କ ଆଗରୁ ଚାଲି ଯାଆନ୍ତି, ଭାବି ପାରନ୍ତିନି ପ୍ରଫୁଲ୍ଲବାବୁ ନିହାରିକା ଦେବୀଙ୍କ ପରି ଅଭିମାନୀ ଲୋକଟି ବଞ୍ଚିବ କିପରି । ତା ବାପାଙ୍କର ତାଙ୍କ ପ୍ରତି ଅନାବିଳ ସ୍ନେହ ତଥା ଅଫୁରନ୍ତ ଭଲ ପାଇବା ଭିତରେ ଗୋଟିଏ ବଡ ପରିବାରକୁ ବୋହୂ ହୋଇ ଆସି କିପରି ଯେ ତାଙ୍କ ଜୀବନରେ ଘନ ଅନ୍ଧକାର ଘୋଟି ଆସିଥିଲା ଏବଂ ଜୀବନର ଚଲା ପଥରେ ତାଙ୍କୁ ଯେ କେତେ ମାନସିକ ଅଶାନ୍ତି ଭିତରେ କଟିଥିଲା ତାହା ପ୍ରଫୁଲ୍ଲବାବୁ ଭାବିଲେ ତାଙ୍କ ଆଖିରେ ଲୁହ ଜକେଇ ଆସେ । ଏତେ ସ୍ନେହରେ ବଢି ଆସିଥିବା ନିହାରିକା ଦେବୀ କିପରି କଟାଇ ଦେଲେ ତାଙ୍କ ସହିତ, ଏତେ ବଡ ପରିବାର ଭିତରେ ଯଦି ପ୍ରଫୁଲ୍ଲବାବୁଙ୍କର ସହଯୋଗ ତଥା ତାଙ୍କର ମାନ ଅଭିମାନକୁ ସେ ସମ୍ମାନ ଦେଇ ନ ଥାଆନ୍ତେ ହୁଏତ ନିହାରିକା ଦେବୀ ଅନେକ ଆଗରୁ ଯାଇ ସାରନ୍ତେଣି ସେ ପୁରକୁ । କିନ୍ତୁ ତିନୋଟି ପିଲାଙ୍କର ଦରୋଟି କଥା ଏବଂ ସେମ.......

ଜୀବନର ଶେଷ ପର୍ଯ୍ୟାୟର ଅସ୍ତମିତ ସୂର୍ଯ୍ୟପରି ଘୋଟି ଆସୁଥିବା ଅନ୍ଧକାର ଭିତରେ କେତେବେଳେ ଯେ ଜୀବନର ଶେଷ ଯବନିକା ଅଥବା ସୂର୍ଯ୍ୟ ଉଦୟ ପରେ ଅସ୍ତମିତ ହୋଇ ଘୋଟି ଆସୁଥିବା ଗୋଧୂଳିର ଭିତରେ ପଡିଯିବ ନଦୀ ତଟରେ ଥିବା ଗଛ ଭଳି ତାହା କିଏ ବା କହିପାରିବ । ତେବେ ଏଇ ଜୀବନ ବର୍ତ୍ତମାନ ଯେପରି ଚାଲିଛି ଚାଲିଥାଉ, କେବେ ଯେ ତାର ଅନ୍ତ ହେବ ତାହା ସେଇ ସର୍ବନିୟନ୍ତାଙ୍କ ଇଚ୍ଛା ।



**ଖାରବେଳ ମହାନ୍ତି** Father of Maitrei Jena,
ସେବା ନିବୃତ, ଭାରତୀୟ ତୈଳ ନିଗମ





# Chitralekha


DION
DION'S
SKYWALK
UNIQUE EXPERIENCE OF SEEING
COLORS OF SKY & TOUCHING CLOUDS
WHILE WALKING ON A PATH CONNECTING
24TH FLOOR OF 4 TOWERS
• LIFETIME RIVERVIEW • 3 SIDE OPEN FLATS
CDA Sector 8, Cuttack +91 96921 41444
imagination, BUILT.
ORERA NO. MP/07/2022/00767
www.rera.odisha.gov.in





Ghanisth is a 13 years old student in Form 2 (Std 8) Maz International School, Shah Alam

Sunset by the lake






Manyashree Padhi, a student of class 5 from GIIS, residing at Petaling Jaya.

Importance of cleanliness






Pratyusha Padhiari is a Primary 6 student at MAZ International School in Kuala Lumpur,





Prabhupada Priyadarshi is a Class-8 student at GIIS Kuala Lumpur .





Anwita is a student of standard 5 at an international school in Kuala Lumpur. She likes dancing , drawing and story writing .


Guided by the Moon


Stages of Life


Return to Home


Moonlight and the Palaquin


Dance of Joy


Rainbow Guards



Sai Mithiksha is an avid reader and born on March 29 th, 2018. She goes to library 4-5 days a week. Other than being a bookworm she likes to chant Vedas, travel, dance, sing Bhajans , hula hoop, practice Yoga. Swimming is her favourite sport. She does homeschooling.

MOTWANI
CONSTRUCTIONS

SHERO PROPERTIES
THE HERO IN REAL ESTATE

# "Unveiling Anantara,by Motwani Constructions'

**Embrace Luxury at the Perfect Alignment of Price, Amenities, and Location in Bhubaneswar's**

**Premium and Spacious 3BHk and 4BHk Apartments. Price starting from INR 1 .42 Cr***

**Pay Rs 5 Lacs & Book Now With SHERO Properties & Get The Exclusive Offer:**

**Air Conditioned Homes | Modular Kitchen |**
**Wardrobes in all Bedrooms | Flying Program***




**25 Saal ka Vishwas**

| 4500 | 48 | 27000 | 55 Lacs |
|---|---|---|---|
| HOMES | PROJECTS | LIVES TOUCHED | SQ.FT COMPLETED |

## RARE STAR ALIGNMENT

### PRICE
- Cost-Effective Investment

### AMENITIES
- Premium club houses loaded with ameneties
- 60% open space and greenery .
- A perfect home for senior citizen.

### LOCATION
- The best residential luxury project at Jharpada on Puri bypass road.
- Excellent connectivity, easily linking Cuttack and Puri to Bhubaneswar.
- Esplanade Mall- 4.6 km | Railway Station-6km | Airport-10.7km | Hospital 3km | School - 3.7km

**Exclusive Offer Only Through SHERO Properties (LTD Time Offer, Hurry)**

*T&C Apply

**RSVP: +91 9090199786 | +971 56 591 4077 | +971 50 472 8220**

# THE PULP
RCTs & IMPLANTs
... Since 2010

## Bhubaneswar's Leading Dental Hospital - An Appealing Destination For Odia Community In Malaysia

### 7 Reasons To Choose Us

- Convenient location
- Readily available professional team
- 24x7 online Consultation
- Top notch technology & world class infrastructure
- Prioritising appointments suiting to your busy schedule
- Super specialized practice for first time in Odisha
- Experienced & Highly skilled dental experts
- Dental Tourism

### Our Top Five services

Advanced Root Canal Treatment
Dental Implants
Invisible Braces
Smile Designing
Tooth Whitening

### Our Advanced Value Adding Assets

Cone Beam CT
Laser Assisted Treatment
Advanced Painless Anaesthesia
Intra Oral Scanner
Surgical Operating Microscope



**Dr. S. Lata,** BDS, MDS, NAMS
Chief Consultant Endodontist & Cosmetologist



**Dr. Saumyakanta Mohanty,** BDS, MDS
Chief Consultant Endodontist & Cosmetologist

**Visit us at**

Sahid Nagar Branch
Call : 7735350180

Sailashree Vihar Branch
Call : 7008204409

Scan for Online Consultation

www.thepulpdentalclinic.com

thepulpdental | The Pulp Dental Clinic Saheed Nagar | thepulpdental

## *Empower Your Journey with the Wisdom of Astro Numerology!*

zennumerology.in

***Are you seeking clarity in life, career, relationships, or personal growth? The power of numerology to guide you through life's most important decisions.***

***Discover how your numbers can unlock your true potential!***

***If you want to discover yourself, please contact us @***

**zennumerology.in | cc@zennumerology.in | 0091-9124030383**